CMYK

• Vol.- 46, Issue No. 147
• Thursday, 27 August 2026
• ଗୁରୁବାର, ୨୭ ଅଗଷ୍ଟ ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ରାଖୀରେ 'ଆମ ବସ୍' ସେବା ମାଗଣା

### ୭ ସହରର ମହିଳା ହେବେ ଉପକୃତ



ଭୁବନେଶ୍ୱର,୨୬।୮: ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ମହିଳାଙ୍କ ପାଇଁ ବଡ଼ ଘୋଷଣା କରିଛି କ୍ୟାପିଟାଲ୍ ରିଜିଅନ୍ ଆର୍ବନ୍ ଟ୍ରାନ୍ସପୋର୍ଟ(କ୍ରୁଟ) । ଏହି ପର୍ବ ଅବସରରେ ମହିଳାଙ୍କ ପାଇଁ 'ଆମ ବସ୍' ସେବା ମାଗଣା ରହିବ । ଏନେଇ କ୍ରୁଟ ପକ୍ଷରୁ ଘୋଷଣା କରାଯାଇଛି । ଭାଇ ହାତରେ ରାକ୍ଷୀ ବାନ୍ଧିବାକୁ ଯାଉଥିବା ଭଉଣୀମାନଙ୍କ ଯାତାୟାତକୁ ସହଜ ଓ ସୁଗମ କରିବା ପାଇଁ କ୍ରୁଟ ପକ୍ଷରୁ ମାଗଣା ବସ୍ ସେବାର ଘୋଷଣା କରାଯାଇଛି। ଏହି ସୁବିଧା ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର, କେନ୍ଦୁଝର ସଦର ଏବଂ ରାଉରକେଲାରେ ମିଳିବ। ଗୋଟିଏ ଦିନରେ ପ୍ରାୟ ଏକଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଯାତ୍ରୀ ଉପକୃତ ହେବେ ବୋଲି କ୍ରୁଟ ପକ୍ଷରୁ କୁହାଯାଇଛି ।

---

## ଆନିମେଟେଡ୍ ଫିଲ୍ମକୁ ଶଙ୍କରାଚାର୍ଯ୍ୟଙ୍କ ବିରୋଧ

ପୁରୀ,୨୬।୮: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ତିଆରି ହୋଇଥିବା ଆନିମେଟେଡ୍ ଫିଲ୍ମକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ଅଧିକ ତୀବ୍ର ହେବାରେ ଲାଗିଛି । ଫିଲ୍ମର ଟ୍ରେଲର୍ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ରଣକୁ ନେଇ ଆପତ୍ତି ଉଠିବା



ପରେ ଜଗଦ୍‌ଗୁରୁ ସ୍ୱାମୀ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଓ ମୁକ୍ତିମଣ୍ଡପ ପଣ୍ଡିତ ସଭା ଏହାକୁ କଡ଼ା ବିରୋଧ କରିଛନ୍ତି । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ, ଏହି ଆନିମେଟେଡ୍ ଫିଲ୍ମ ଶାସ୍ତ୍ର, ସନାତନ ପରମ୍ପରା ଏବଂ ଇତିହାସ ବିରୋଧୀ । ଫିଲ୍ମରେ ଜଗନ୍ନାଥଙ୍କୁ ବିକୃତ ରୂପରେ ପ୍ରଦର୍ଶନ କରାଯାଇଛି, ଯାହାଦ୍ୱାରା ଛୋଟ ପିଲାଙ୍କ ମନରେ ହିନ୍ଦୁ ଦେବାଦେବୀଙ୍କ ପ୍ରତି ଭୁଲ୍ ଧାରଣା ସୃଷ୍ଟି ହେବ। ଧାର୍ମିକ ଓ ଆଧ୍ୟାତ୍ମିକ ପ୍ରସଙ୍ଗରେ କୋର୍ଟଙ୍କ ହସ୍ତକ୍ଷେପ ଅନୁଚିତ୍ ବୋଲି ସେ ସ୍ପଷ୍ଟ ପ୍ରକାଶ କରିଛନ୍ତି । ପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ନିର୍ଣ୍ଣୟକୁ ସମର୍ଥନ ଜଣାଇ ମୁକ୍ତିମଣ୍ଡପ ପଣ୍ଡିତ ସଭା ପୁରୀ ଗଜପତି ମହାରାଜାଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୨୯ ତାରିଖରେ ଓଡ଼ିଶା ସରକାରଙ୍କ ଆବେଦନକୁ ଖାରଜ କରି ସୁପ୍ରିମକୋର୍ଟ ଏହି ଫିଲ୍ମ ରିଲିଜ୍ ଉପରେ ନିଷେଧାଦେଶ ଲଗାଇବାକୁ ମନା କରିଦେଇଥିଲେ।





# ନେପାଳରେ ଜଳ ପ୍ରଳୟ

- ଆସିଲା ଆକସ୍ମିକ ବନ୍ୟା: ୫ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି
- ୧,୦୦୦ରୁ ଅଧିକ ଲୋକ ଭାସିଯାଇଛନ୍ତି, ୯୫ ମୃତ
- ୧୩୦ ଭାରତୀୟ ନିଖୋଜ
- ୪ ଶହ ବିଦେଶୀ ପର୍ଯ୍ୟଟକଙ୍କ ସନ୍ଧାନ ମିଳୁନାହିଁ
- ୧୯ ପୋଲ, ୪୦ କିମି ପର୍ଯ୍ୟନ୍ତ ରାସ୍ତା ଧୋଇ ଯାଇଛି
- ୧୧ ଜଳବିଦ୍ୟୁତ୍ ପ୍ରକଳ୍ପ କ୍ଷତିଗ୍ରସ୍ତ
- ଉତ୍ତରପ୍ରଦେଶ ଓ ବିହାରକୁ ଆଲର୍ଟ ଜାରି
- ଚାରିଆଡ଼େ ଛାତିଥରା ହୃଦୟ ବିଦାରକ ଦୃଶ୍ୟ
- ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ସହ ଫୋନ୍‌ରେ କଥା ହେଲେ ମୋଦି

ନୂଆଦିଲ୍ଲୀ,୨୬।୮: ବୁଧବାର ସକାଳେ ତିବ୍ବତ ସୀମା ନିକଟବର୍ତ୍ତୀ ନେପାଳର ଭୂତିକୋଶୀ ନଦୀରେ ସକାଳ ପ୍ରାୟ ୯ ଟା ସମୟରେ ଆସିଥିଲା ପ୍ରଳୟଙ୍କରୀ ଆକସ୍ମିକ ବନ୍ୟା । ଏହା ଦ୍ୱାରା ରାସୁୱା ସମେତ ୫ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଚାରିଆଡ଼େ ଛାତିଥରା ହୃଦୟ ବିଦାରକ ଦୃଶ୍ୟମାନ ଦେଖିବାକୁ ମିଳିଛି। ଘରଦ୍ୱାର, ଗାଡିମୋଟର ଭସାଇବା ସହ ଡ୍ୟାମ ମଧ୍ୟ ଭାଙ୍ଗିଛି, ଏହାସହ ଜଙ୍ଗଲରେ ମଧ୍ୟ ଜଳ ପ୍ରଳୟ ପରିସ୍ଥିତି ସୃଷ୍ଟି ହୋଇଛି। ନେପାଳ ବନ୍ୟା ପାଇଁ ଉତ୍ତରପ୍ରଦେଶ ଓ ବିହାରକୁ ଆଲର୍ଟ ଜାରି କରାଯାଇଛି। ବନ୍ୟା ଜଳ ନଦୀକୂଳିଆ ଜନବସତି ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ କ୍ଷତିଗ୍ରସ୍ତ କରିଛି। ବ୍ୟାପକ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଉତ୍ତର ନେପାଳର ଭୂତିକୋଶୀ ନଦୀରେ ବୁଧବାର ସକାଳେ ହଠାତ୍ ବନ୍ୟା ଆସି ରାସୁୱା ଜିଲ୍ଲାର ଅନେକ ନଦୀକୂଳିଆ ଅଞ୍ଚଳକୁ ପ୍ରଭାବିତ କରିଥିଲା। ଉତ୍ତରଗୟାର ପ୍ରାୟ ଏକ ଡଜନ ଜନବସତି ପ୍ରଭାବିତ ହୋଇଛି, ଯେଉଁଥିରେ ସ୍ୟାଫ୍ରୁବେସି, ବେତ୍ରାବତୀ, ମୈଲୁଙ୍ଗ, ସାଲେଟର, ଶାନ୍ତି ବଜାର, ପରେବେସି, ଖଲଟି ବସ୍ତି, ସୋଲେ, ତ୍ରିଶୁଲି ଏବଂ ବଉର ଅନ୍ତର୍ଭୁକ୍ତ। ପ୍ରଶାସନ ଏପର୍ଯ୍ୟନ୍ତ ମୃତ୍ୟୁ, ଆହତ ଏବଂ ସମ୍ପତ୍ତି କ୍ଷତି ସମ୍ପର୍କରେ ସରକାରୀ ସଂଖ୍ୟା ପ୍ରକାଶ କରିନାହିଁ। ସ୍ଥାନୀୟ କର୍ତ୍ତୃପକ୍ଷ, ବାସିନ୍ଦା ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକ ଠାରୁ ପ୍ରାରମ୍ଭିକ ସୂଚନା ଫଟୋ ଏବଂ ଭିଡିଓ ସହିତ ବ୍ୟାପକ କ୍ଷୟକ୍ଷତି ସୂଚାଇ ଦେଉଛି। ଏପର୍ଯ୍ୟନ୍ତ ୯୫ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରାକୃତିକ ବିପର୍ଯ୍ୟୟରେ ୧,୦୦୦ ରୁ ଅଧିକ ଲୋକ ଭାସି ଯାଇଥିବା ଆଶଙ୍କା କରାଯାଥିବା ବେଳେ୧୩୦ ଭାରତୀୟ ନିଖୋଜ ଅଛନ୍ତି। ୪ଶହ ବିଦେଶୀ ପର୍ଯ୍ୟଟକଙ୍କ ସନ୍ଧାନ ମିଳୁନାହିଁ। ୧୯ ଟି ପୋଲ, ୪୦ କିମି ପର୍ଯ୍ୟନ୍ତ ରାସ୍ତା ଧୋଇ ଯାଇଛି।୧୧ ହାଇଡ୍ରୋ ଓ ଟ୍ରାନସମିଶନ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି। ଲୋକଙ୍କୁ ସତର୍କ ରହିବା, ନଦୀ ଏବଂ ତଳିଆ ଅଞ୍ଚଳରୁ ଦୂରେଇ ରହିବା ଏବଂ ପ୍ରଶାସନ ଦ୍ୱାରା ଜାରି ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଅନୁରୋଧ କରାଯାଇଛି। ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ମଧ୍ୟ ବନ୍ୟା ପରିସ୍ଥିତି ଏବଂ ସରକାରଙ୍କ ପ୍ରସ୍ତୁତି ଉପରେ ଆଲୋଚନା କରିବା ପାଇଁ ବୈଠକ ଡକାଇଛନ୍ତି। ସରକାର ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ନେପାଳ ସେନା, ସଶସ୍ତ୍ର ପୁଲିସ ବାହିନୀ ଏବଂ ନେପାଳ ପୁଲିସକୁ ନିୟୋଜିତ କରିଛନ୍ତି। ଅନ୍ୟ ଜିଲ୍ଲାରୁ ଅତିରିକ୍ତ ସୁରକ୍ଷାକର୍ମୀଙ୍କୁ ମଧ୍ୟ ଡକାଯାଉଛି। ନେପାଳରେ ହୋଇଥିବା ଭୟଙ୍କର ବନ୍ୟା ପରେ, ପ୍ରଧାନମନ୍ତ୍ରୀ ମୋଦି ନେପାଳର ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି । ଜୀବନ ଏବଂ ସମ୍ପତ୍ତି କ୍ଷୟକ୍ଷତି ପାଇଁ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ସମସ୍ତ ପ୍ରକାରର ମାନବିକ ଏବଂ ରିଲିଫ୍ ସହାୟତାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି କଷ୍ଟକର ସମୟରେ ଭାରତର ଲୋକମାନେ ନେପାଳରେ ଥିବା ଭାଇଭଉଣୀମାନଙ୍କ ସହିତ ଠିଆ ହୋଇଛନ୍ତି। ଆମର ଦଳ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି ।ବନ୍ୟାର ଲାଇଭ୍ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ପାଣି ଘର, ଲୋକ ଏବଂ ଯାନବାହନକୁ ଦ୍ରୁତ ଗତିରେ ଭସାଇ ନେଉଥିବା ଦେଖିବାକୁ ମିଳୁଛି ।

## କାହିଁକି ଘଟିଲା ଏ ତାଣ୍ଡବ: ଦୁର୍ବଳ ହୋଇଛି କି ପର୍ମାଫ୍ରଷ୍ଟ ?

### ପ୍ରକୃତ କାରଣ ନେଇ ତଦନ୍ତ ଜାରି

ନୂଆଦିଲ୍ଲୀ,୨୬।୮: ପ୍ରକୃତିର ଏହି ତାଣ୍ଡବ ନେପାଳରେ ଘଟିବାନେଇ ବିଶେଷଜ୍ଞମାନେ ଯେଉଁ ସମ୍ଭାବ୍ୟ କାରଣ ମାନ ଅନୁମାନ କରୁଛନ୍ତି ସେଥିରୁ ୫ ଟି ରହିଛି କାରଣ। ପ୍ରଥମଟି ହେଉଛି: ପର୍ମାଫ୍ରଷ୍ଟ ଦୁର୍ବଳ ହେବା ଓ ଧ୍ୱଂସାବଶେଷର ପ୍ରବାହ ।ତିବତର ଲେଣ୍ଡେ ନଦୀର ଉପର ଜଳଗ୍ରହଣ ଅଞ୍ଚଳରେ ବହୁ ପରିମାଣରେ ପର୍ମାଫ୍ରଷ୍ଟ ଭୁଶୁଡ଼ି ପଡ଼ିଥିବା ଆଶଙ୍କା କରାଯାଉଛି। ପର୍ମାଫ୍ରଷ୍ଟ ହେଉଛି ଭୂପୃଷ୍ଠ ତଳେ ଥିବା ମାଟି, ପଥର କିମ୍ବା ଅବଶେଷ, ଯାହା ଅତି କମ୍‌ରେ ଦୁଇ ବର୍ଷ ଧରି ଶୂନ ଡିଗ୍ରୀ ସେଲସିୟସ୍ କିମ୍ବା ତା'ଠାରୁ କମ୍ ତାପମାତ୍ରାରେ ଜମା ରହିଥାଏ। ଏହା ଦୁର୍ବଳ ହେଲେ ଉଚ୍ଚ ପର୍ବତାଞ୍ଚଳରୁ ପାଣି ସହ ମାଟି ଓ ପଥର ମଧ୍ୟ ଦ୍ରୁତ ଗତିରେ ନଦୀକୁ ଆସିଥାଏ। ଫଳରେ ଫ୍ଲାସ୍ ଫ୍ଲଡ୍ ବା ଆକସ୍ମିକ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ।ଦ୍ୱିତୀୟରେ ହିମସ୍ଖଳନ କିମ୍ବା ହିମବାହ ହ୍ରଦ ଫାଟିଥାଇପାରେ। ନେପାଳରେ ହୋଇଥିବା ବନ୍ୟାର ଏକ ପ୍ରମୁଖ କାରଣ ହିମସ୍ଖଳନ କିମ୍ବା ହିମବାହ ହ୍ରଦ ଫାଟିଯିବା ହୋଇପାରେ। ତୃତୀୟରେ ବରଫ ଦ୍ରୁତଗତିରେ ତରଳିବା ଓ ହିମସ୍ଖଳନ ହୋଇପାରେ ।ବରଫ ଦ୍ରୁତ ଗତିରେ ତରଳିବା କିମ୍ବା ବଡ଼ ଧରଣର ହିମସ୍ଖଳନ ଯୋଗୁଁ ମଧ୍ୟ ନଦୀର ଜଳସ୍ତର ହଠାତ୍ ବଢ଼ିଥାଇପାରେ। ଚତୁର୍ଥରେ ନଦୀ ପଥରେ ଭୂସ୍ଖଳନ ଯୋଗୁଁ ପ୍ରାକୃତିକ ବନ୍ଧ ଭୁଶୁଡିଥାଇପାରେ। ଭୂକମ୍ପ ଯୋଗୁଁ ପାହାଡ଼ର ମାଟି ଓ ପଥର ନଦୀ ମଧ୍ୟକୁ ଖସିପଡ଼ିଲେ ନଦୀର ପ୍ରବାହ ଅଟକିଯାଇପାରେ। ଏହା ପଛରେ ବିପୁଳ ପାଣି ଜମା ହୋଇ ଏକ ଅସ୍ଥାୟୀ ପ୍ରାକୃତିକ ହ୍ରଦ ସୃଷ୍ଟି କାରଣରୁ ତଳମୁହାଁ ଅଞ୍ଚଳକୁ ଅତ୍ୟଧିକ ବେଗରେ ପାଣି ମାଡ଼ି ଆସିପାରେ। ପରିଶେଷରେ ତିବବତର ପଠାରରେ ପ୍ରବଳ ବର୍ଷା କାରଣ ହୋଇଥାଇପାରେ। ତିବବତର ପଠାର ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲେ ମଧ୍ୟ ନଦୀର ଜଳସ୍ତର ହଠାତ୍ ବଢ଼ିପାରେ। ଏପରି ଅଞ୍ଚଳରେ ବାଦଲଫଟା ବର୍ଷାର ଆଶଙ୍କା ମଧ୍ୟ ରହିଥାଏ। ତେବେ ନେପାଳର ଅଧିକାରୀମାନେ ତିବତ ସୀମା ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ଆଶଙ୍କାକୁ ଖଣ୍ଡନ କରିଛନ୍ତି। ତେଣୁ ବନ୍ୟାର ପ୍ରକୃତ କାରଣ ନେଇ ତଦନ୍ତ ଜାରି ରହିଛି।

---

**ସାମାନ୍ୟ ବଚସାର ବୀଭତ୍ସ କାଣ୍ଡ**

## ନାବାଳକକୁ ହତ୍ୟା କଲା ନାବାଳକ

ବଲାଙ୍ଗୀର,୨୬।୮: ବଲାଙ୍ଗୀର ଜିଲ୍ଲା ଆଗଲପୁର ଥାନା ରୋତ ଗାଁରେ ବୁଧବାର ଘଟିଛି ଚାଞ୍ଚଲ୍ୟକର ଘଟଣା । ଜଣେ ନାବାଳକକୁ ଛୁରୀ ଭୁସି ହତ୍ୟା କରିଛି ଅନ୍ୟ ଜଣେ ନାବାଳକ। ମୃତକ ହେଲେ ନାବାଳକ ସାହିଲ ପଟେଲ । କୌଣସି କାରଣକୁ ନେଇ ଦୁଇ ନାବାଳକଙ୍କ ମଧ୍ୟରେ ବଚସା ପରେ ଛୁରାମାଡ଼ ଘଟିଥିଲା । ଗୁରୁତର ଅବସ୍ଥାରେ ସାହିଲଙ୍କୁ ଉଦ୍ଧାର କରାଯାଇଥିଲେ ମଧ୍ୟ ତାଙ୍କ ମୃତ୍ୟୁ ହୋଇଛି । ଖବର ପାଇ ଆଗଲପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ହତ୍ୟାର ପ୍ରକୃତ କାରଣ ଓ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଜାଣିବାକୁ ତଦନ୍ତ ଜାରି ରହିଛି । ସୂଚନା ଅନୁସାରେ, କୌଣସି ଏକ କାରଣକୁ ନେଇ ଦୁଇ ନାବାଳକଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା । ପରେ ଏହି ବଚସା ଉଗ୍ର ରୂପ ନେଇଥିଲା । ଅଭିଯୋଗ ଅନୁଯାୟୀ, ଉତ୍ତେଜିତ ହୋଇ ଜଣେ ନାବାଳକ ସାହିଲଙ୍କୁ ଛୁରୀରେ ଆକ୍ରମଣ କରିଥିଲା । ଛୁରାମାଡ଼ରେ ସାହିଲ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସାହିଲଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ସାହିଲଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପୋଲିସ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ କରାଯିବା ସହ ଘଟଣାର ବିଭିନ୍ନ ଦିଗ ଯାଞ୍ଚ କରାଯାଉଛି ।

## ଖଡ୍ଗ ନଦୀରେ ଓଲଟିଲା ଡଙ୍ଗା, ୨ ନିଖୋଜ



ବାଲିଗୁଡା,୨୬।୮: ବାଲିଗୁଡା ଥାନା ସଲାଗୁଡା ପଞ୍ଚାୟତର ଡାକା ଗାଁ ଖଡ୍ଗ ନଦୀରେ ଅଘଟଣ ଘଟିଛି। ନଦୀ ମଝିରେ ଭାରସାମ୍ୟ ହରାଇ ଡ଼ଙ୍ଗା ଓଲଟି ପଡ଼ିବାରୁ ପ୍ରଖର ସ୍ରୋତରେ ୮ ଯାତ୍ରୀ ଭାସି ଯାଇଥିଲେ। ୬ ଜଣଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରିଥିବା ବେଳେ ୨ ଜଣ ନିଖୋଜ ଅଛନ୍ତି । ନିଖୋଜ ଦୁଇ ଜଣ ଶ୍ୱଶୁର ଓ ବୋହୂ ବୋଲି ଜଣାପଡିଛି। ନିଖୋଜ ଗୁନ୍ଦାନା ମଳିକ ଓ ରାଇଙ୍ଗୀ ମଳିକ ବାଲିଗୁଡା ଥାନା ପଲାମୀ ଗାଁର ହୋଇଥିବା ସୂଚନା ମିଳିଛି।

## ଉପକାରାଗାର ୱାର୍ଡେନଙ୍କୁ ହାଣିଲେ

ସୋର,୨୬।୮: ସୋର ଉପକାରାଗାର ୱାର୍ଡେନ ସୁରେନ୍ଦ୍ର ସାମଲ(୪୮)ଙ୍କୁ ଆକ୍ରମଣ ହୋଇଛି। ସେ ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ମାଣତ୍ରୀ ଛକ ବଳିବାଡ଼ ନିକଟରେ ଦିନ ଦ୍ୱିପହରରେ ଭୁଜାଳିରେ ତିନି ଦୁର୍ବୃତ୍ତ ହାଣି ପକାଇଲେ। ଏହି



ଦୁର୍ବୃତ୍ତମାନେ ଏକ ବାଇକରେ ଆସି ପ୍ରଥମେ ନାମ ସୁରେନ୍ଦ୍ର କି ବୋଲି ପଚାରିଥିଲେ । ହଁ ଶୁଣିବା ମାତ୍ରେ ସଙ୍ଗେ ସଙ୍ଗେ ସୁରେନ୍ଦ୍ରଙ୍କ ଗୋଡ଼, ହାତ, ପାପୁଲିକୁ ସେମାନେ ହାଣିଥିଲେ । ଗୁରୁତର ଅବସ୍ଥାରେ ସୁରେନ୍ଦ୍ରଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଏବଂ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଛି । ଜେଲରେ ଥିବା କିଛି ଅପରାଧୀ ଏପରି ହାଣିଥିବା ଯାହା ପ୍ରାଥମିକ ଭାବରେ ଜଣାପଡିଛି । ଘଟଣାସ୍ଥଳରେ ସୋର ଆଇଆଇସି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ

- ୧୦ଜିଲ୍ଲାର ୯୧ ବ୍ଲକ ପ୍ରଭାବିତ
- ସମନ୍ୱିତ ପ୍ରୟାସରେ ଉଦ୍ଧାରକାର୍ଯ୍ୟ ଏବଂ ସହାୟତା
- ୩୦.୯ ପ୍ରତିଶତ ଅଧିକ ବର୍ଷା
- ଧନଜୀବନର ସୁରକ୍ଷା ନିମନ୍ତେ କାର୍ଯ୍ୟ କରୁଛି ଏସ୍‌ଆରସି କାର୍ଯ୍ୟାଳୟ

ଭୁବନେଶ୍ୱର, ୨୬।୮(ନିପ୍ର): ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ (ଏସଆରସି) ପକ୍ଷରୁ ରାଜ୍ୟର ଲଗାଣ ବର୍ଷା ଏବଂ ବନ୍ୟା ପରିସ୍ଥିତିର ସଫଳ ପରିଚାଳନା ଅବ୍ୟାହତ ରହିଛି । ୨୬ ଅଗଷ୍ଟ ୨୦୨୬, ପୂର୍ବାହ୍ନ ୧୧ଟା ସୁଦ୍ଧା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ରାଜ୍ୟର ବନ୍ୟା ଓ ବର୍ଷା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ୧୩ ଅଗଷ୍ଟରୁ ୨୬ ଅଗଷ୍ଟ ମଧ୍ୟରେ ରାଜ୍ୟର ୧୦ଟି ଜିଲ୍ଲାର ମୋଟ୍ ୯୧ଟି ବ୍ଲକ୍, ୬୦୪ଟି ଗ୍ରାମପଞ୍ଚାୟତ, ୧୮୯୫ଟି ଗ୍ରାମ ଏବଂ ୧୩,୫୦,୩୦୬ ଜଣ ଲୋକ ସାମଗ୍ରିକ ଭାବେ ପ୍ରଭାବିତ ହୋଇଛନ୍ତି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ନଦୀର ଜଳସ୍ତର ବୃଦ୍ଧି, ଜଳବନ୍ଦୀ ସମସ୍ୟା, ଘାଇ ସୃଷ୍ଟି ଏବଂ ଯୋଗାଯୋଗ ବିଚ୍ଛିନ୍ନ ଆଦି ସମସ୍ତ ସମସ୍ୟା ଉପରେ ନଜର ରଖି ସଫଳତାର ସହ ମୁକାବିଲା କରାଯାଇଛି ।



ବର୍ତ୍ତମାନ ସାମଗ୍ରିକ ସ୍ଥିତି ସ୍ଥିର ରହିଛି, ତଥାପି କେନ୍ଦ୍ରାପଡ଼ା, ଭଦ୍ରକ ଓ ଯାଜପୁର ଜିଲ୍ଲା ଉପରେ କଡ଼ା ନଜର ରଖାଯାଇଛି।୨୬ ଅଗଷ୍ଟ ୨୦୨୬ ସକାଳ ୮.୩୦ ସୁଦ୍ଧା ପ୍ରାପ୍ତ ରିପୋର୍ଟ ଅନୁଯାୟୀ ବିଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୩.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ସମ୍ବଲପୁର ଜିଲ୍ଲାର ବାମରା ବ୍ଲକରେ ସର୍ବାଧିକ ୪୯.୦ ମିଲିମିଟର ବର୍ଷା ହୋଇଥିବା ବେଳେ ରାଜ୍ୟର ୩୨ଟି ବ୍ଲକ୍ ଏବଂ ୨ଟି ପୌରାଞ୍ଚଳର ୫ଟି ଷ୍ଟେସନରେ ୧୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଅଗଷ୍ଟ ୧ ରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସଞ୍ଚିତ ବର୍ଷା ପରିମାଣ ୩୪୭.୭ ମିଲିମିଟର ରହିଛି, ଯାହାକି ସ୍ୱାଭାବିକ ହାରାହାରି ୨୯୮.୬ ମିଲିମିଟର ତୁଳନାରେ ୧୬.୪ପ୍ରତିଶତ ଅଧିକ ଅଟେ। ସେହିପରି ଚଳିତ ମୌସୁମୀ ଋତୁ ଅର୍ଥାତ ୧ ଜୁନ ୨୦୨୬ ରୁ ୨୬ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ରାଜ୍ୟରେ ମୋଟ ୧୧୦୩.୯ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ହାରାହାରି ୮୪୩.୦ ମିଲିମିଟର ତୁଳନାରେ ୩୦.୯% ଅଧିକ ଅଟେ। ୯ଟି ଜିଲ୍ଲାରେ (ଝାରସୁଗୁଡ଼ା, କନ୍ଧମାଳ, ରାୟଗଡ଼ା, କୋରାପୁଟ, ଗଞ୍ଜାମ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ଏବଂ ଗଜପତି) ସ୍ୱାଭାବିକ ବର୍ଷା ରେକର୍ଡ କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର କୌଣସି ବି ଜିଲ୍ଲାରେ ନିଅଣ୍ଟିଆ କିମ୍ବା ସ୍ୱଳ୍ପ ବର୍ଷା ସ୍ଥିତି ଉପୁଜି ନାହିଁ।

## ସୁରକ୍ଷା ଓ ତ୍ୱରିତ୍ ସହାୟତାକୁ ସର୍ବୋଚ୍ଚ ପ୍ରାଥମିକତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୮: ବନ୍ୟା ପରିସ୍ଥିତିରେ ଲୋକଙ୍କ ସୁରକ୍ଷା ଓ ତ୍ୱରିତ ସହାୟତାକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ରାଜ୍ୟ ସରକାର । ଏ ନେଇ ସିଏମଓ ପକ୍ଷରୁ ଏକ୍ସ ହ୍ୟାଣ୍ଡେଲରେ କୁହାଯାଇଛି, ବନ୍ୟା ପରିସ୍ଥିତିରେ ଲୋକଙ୍କ ସୁରକ୍ଷା ଓ ତ୍ୱରିତ ସହାୟତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି । ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ, ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି । ସ୍ଥିତିର ନିରନ୍ତର ଅନୁଧ୍ୟାନ ସହ ଆବଶ୍ୟକତା ଅନୁଯାୟୀ ତ୍ୱରିତ ପଦକ୍ଷେପ ନିଆଯାଉଛି। ଏଥିରେ ପୋଷ୍ଟ କରାଯାଇଥିବା ଫଟୋରେ କୁହାଯାଇଛି, ଅଗଷ୍ଟ ୨୬ତାରିଖ ସକାଳ ୧୧ଟା ସୁଦ୍ଧା ୭୭୫ଟି ବିଚ୍ଛିନ୍ନ ଗ୍ରାମରେ ପୁନଃ ଯୋଗାଯୋଗ ସ୍ଥାପନ କରାଯାଇଛି । ୫୭ଟି ଉଦ୍ଧାରକାରୀ ଟିମ୍ ନିୟୋଜିତ ଅଛନ୍ତି । ୭୬,୦୫୧ଜଣଙ୍କୁ ଡଙ୍ଗା ଯୋଗେ ସ୍ଥାନାନ୍ତର କରାଯାଇଛି । ୮୭ଟି ରନ୍ଧା ଖାଦ୍ୟ କେନ୍ଦ୍ର ମାଧ୍ୟମରେ ୫.୨୫ଲକ୍ଷ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଣ ହୋଇଛି।

CMYK



### ରକ୍ଷାବନ୍ଧନରେ ଭାଇ ପୂର୍ବରୁ...
# କାହାକୁ ବନ୍ଧାଯାଏ ପ୍ରଥମ ରାକ୍ଷୀ ?

ଭାଇ-ଭଉଣୀର ପବିତ୍ର ସମ୍ପର୍କର ଡୋର ରକ୍ଷାବନ୍ଧନ । ଏହି ସ୍ୱତନ୍ତ୍ର ଦିନରେ ଭଉଣୀମାନେ ନିଜ ଭାଇର ଦୀର୍ଘାୟୁ ଓ ସୁଖ-ସମୃଦ୍ଧି କାମନା କରି ହାତରେ ରକ୍ଷାସୂତ୍ର ବାନ୍ଧିଥାନ୍ତି । ବଦଳରେ ଭାଇମାନେ ମଧ ସାରା ଜୀବନ ସୁରକ୍ଷା ଦେବାର ଦୃଢ଼ ସଂକଳ୍ପ ନିଅନ୍ତି । ତେବେ ଶାସ୍ତ୍ରୀୟ ମାନ୍ୟତା ଓ ଧାର୍ମିକ ପରମ୍ପରା ଅନୁଯାୟୀ, ଭାଇକୁ ରାକ୍ଷୀ ବାନ୍ଧିବା ପୂର୍ବରୁ ପ୍ରଥମେ ପ୍ରଭୁ ଶ୍ରୀ ଗଣେଶଙ୍କୁ ରାକ୍ଷୀ ଅର୍ପଣ କରାଯିବାର ଏକ ବିଶେଷ ବିଧି ରହିଛି ।

## ପ୍ରଥମେ ଭଗବାନ ଗଣେଶଙ୍କୁ କାହିଁକି ବନ୍ଧାଯାଏ ରାକ୍ଷୀ ?

ସନାତନ ଧର୍ମରେ ଭଗବାନ ଶ୍ରୀଗଣେଶଙ୍କୁ ପ୍ରଥମ ପୂଜ୍ୟ ଦେବତା ଭାବେ ଗ୍ରହଣ କରାଯାଏ । ସେ ହେଉଛନ୍ତି ସମସ୍ତ ବିଘ୍ନହର୍ତ୍ତା, ଅର୍ଥାତ୍ ଜୀବନର ସମସ୍ତ ଦୁଃଖ ଓ ବାଧାବିଘ୍ନକୁ ଦୂର କରୁଥିବା ଦେବତା । ଏହି କାରଣରୁ ଯେକୌଣସି ଶୁଭ କାର୍ଯ୍ୟ କିମ୍ବା ପର୍ବପର୍ବାଣିର ଆରମ୍ଭ ଗଣପତିଙ୍କ ପୂଜାରୁ ହିଁ ହୋଇଥାଏ । ରକ୍ଷାବନ୍ଧନ ଦିନ ପ୍ରଥମେ ଗଣେଶଙ୍କୁ ରାକ୍ଷୀ ଅର୍ପଣ କରିବା ଦ୍ୱାରା ପୂଜା ଶୁଭମୟ ହୁଏ ଏବଂ ପ୍ରଭୁଙ୍କର ଅପାର ଆଶୀର୍ବାଦ ପ୍ରାପ୍ତ ହୁଏ ।




## କିପରି କରିବେ ପ୍ରଭୁ ଗଣେଶଙ୍କ ପୂଜା ?

ଏହି ଦିନ ଭଉଣୀମାନେ ପ୍ରଥମେ ସ୍ନାନ ସାରି ଭଗବାନ ଗଣେଶଙ୍କ ପ୍ରତିମା କିମ୍ବା ଫଟୋ ସାମ୍ନାରେ ଦୀପ-ଧୂପ ଜାଳି ପୂଜାରମ୍ଭ କରିବା ଉଚିତ । ଗଣପତିଙ୍କୁ ସିନ୍ଦୂର, ଅକ୍ଷତ, ଫୁଲ ଏବଂ ମିଠା ଅର୍ପଣ କରିବା ପରେ ପ୍ରଥମ ରକ୍ଷାସୂତ୍ରଟିକୁ ତାଙ୍କ ଚରଣରେ ଅର୍ପଣ କରାଯାଏ ।

## ଗଣେଶ ପୂଜା ପରେ ଭାଇକୁ ରାକ୍ଷୀ ବାନ୍ଧିବାର ସଠିକ୍ ବିଧି:

ପ୍ରଭୁ ଗଣେଶଙ୍କ ଆଶୀର୍ବାଦ ନେବା ପରେ ହିଁ ଭାଇକୁ ରାକ୍ଷୀ ବାନ୍ଧିବା ବିଧି ଆରମ୍ଭ ହୁଏ । ପ୍ରଥମେ ଭାଇକୁ ପୂର୍ବ କିମ୍ବା ଉତ୍ତର ଦିଗକୁ ମୁହଁ କରି ବସାନ୍ତୁ । ତା'ପରେ ଭାଇ ମଥାରେ ସିନ୍ଦୂର ଓ ଅକ୍ଷତର ତିଳକ ଲଗାଇ ଆରତି କରନ୍ତୁ । ଏହାପରେ ଭାଇର ଡାହାଣ ହାତରେ ରାକ୍ଷୀ ବାନ୍ଧନ୍ତୁ । ରାକ୍ଷୀ ବାନ୍ଧିବା ପରେ ଭାଇକୁ ମିଠା ଖୁଆଇ ତା'ର ସୁଖ-ସମୃଦ୍ଧି କାମନା କରନ୍ତୁ । ଏହାପରେ ଭାଇ ନିଜ ଭଉଣୀକୁ ଉପହାର ଦେଇ ତା'ର ଜୀବନସାରା ସୁରକ୍ଷା କରିବାର ବଚନ ଦେଇଥାଏ । ଭଗବାନ ଗଣେଶଙ୍କୁ ପ୍ରଥମେ ରାକ୍ଷୀ ବାନ୍ଧିବା ଏକ ଧାର୍ମିକ ବିଶ୍ୱାସ, ସଂସ୍କୃତି ଓ ଆସ୍ଥା ସହ ଜଡ଼ିତ ପରମ୍ପରା । ଏହା ସବୁ ପରିବାରରେ କଠୋର ନିୟମ ଭାବେ ବାଧ୍ୟତାମୂଳକ ନୁହେଁ । ଅନେକ ପରିବାରରେ ରକ୍ଷାବନ୍ଧନ ପୂଜା ଗଣେଶଙ୍କଠାରୁ ଆରମ୍ଭ ହେଉଥିବା ବେଳେ, ଅନ୍ୟ କେତେକ ସ୍ଥାନରେ ସିଧାସଳଖ ଭାଇ ହାତରେ ରାକ୍ଷୀ ବାନ୍ଧିବାର ମଧ ପରମ୍ପରା ରହିଛି ।



# 'ଫୁଲୋଁ କା ତାରୋଁ କା ସବ୍‌କା କେହନା ହୈ...'



'ରାକ୍ଷୀ' ଏକ ଅବିସ୍ମରଣୀୟ, ଆବେଗର ସମ୍ପର୍କ ଓ ଜୀବନର ସଂଗୀତ। ରାକ୍ଷୀକୁ ନେଇ ଅନେକ ସିନେମା ହିନ୍ଦୀ ଚଳଚ୍ଚିତ୍ରରେ ରୂପାୟିତ ହୋଇଛି। ହିନ୍ଦୀ ଚଳଚ୍ଚିତ୍ର 'ହରେ କ୍ରିଷ୍ଣ ହରେ ରାମ'ରେ ପ୍ରେମୀଯୋଡ଼ି ପ୍ରଶାନ୍ତ ଓ ଜସ୍‌ବୀର ସାଜିଥିଲେ ଦେବାନନ୍ଦ ଓ ଜିନତ୍ ଅମନ୍। ହେଲେ ଚଳଚ୍ଚିତ୍ରରେ ଥିବା ଏଇ ଗୀତଦୃଶ୍ୟରେ ଭାଇ ଭଉଣୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ଶିଶୁ କଳାକାର ସତ୍ୟଜିତ୍ ଓ ବେବି ଗୁଡ୍ଡି। ଅବୁଝା କୁନି ଭଉଣୀ ଜସ୍‌ବୀର ଆଖିରୁ ଲୁହ ଝରୁଥିଲା ଲୁହ ଆଉ ଭାଇ ପ୍ରଶାନ୍ତ ତାକୁ କହୁଥିଲା - 'ଫୁଲୋଁ କା ତାରୋଁ କା ସବ୍‌କା କେହନା ହୈ, ଏକ୍ ହାଜାରୋଁ ମେ ମେରି ବେହନା ହୈ, ସାରି ଉମର୍ ହମେ ସଙ୍ଗ ରେହନା ହୈ।' ଏ ଗୀତଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ତାପରେ ତିଆରି ହୋଇଥିଲା ସିନେମାଟି ହେଉଛି 'ସଚ୍ଚା ଝୁଠା'। ମେରି ପ୍ୟାରି ବେହନିୟାଁ ବନେଗୀ ଦୁଲ୍‌ହନିୟାଁ, ଜବ୍‌କେ ଆୟା ଦୁଲ୍‌ହେ ରାଜା, ଭାୟା ରାଜା ବଜାଏଗା ବାଜା'। ରାଜେଶ ଖାନ୍ନାଙ୍କୁ ଭାଇ ରଣଜିତ୍ ଏବଂ ମମ୍‌ତାଜଙ୍କୁ ଭଉଣୀ ରୀତା ଭୂମିକାରେ ଅଭିନୟ କରିବାର ଦେଖିବାକୁ ମିଳିଥିଲା ଏଇ ଗୀତଦୃଶ୍ୟରେ। ଭଉଣୀ ରୀତାର ବିବାହ ବାରାତ୍‌ରେ ବରଯାତ୍ରୀଙ୍କ ମେଳରେ ଦାରା ବାଦନ କରି ରାଜେଶ ଖାନ୍ନା ଚମତ୍କାର ନୃତ୍ୟାଭିନୟ କରିଥିଲେ। ବର ସାଜିଥିଲେ ଇନିସ୍ପେକ୍ଟର ପ୍ରଧାନ ଓରଫ ଅଭିନେତା ବିନୋଦ ଖାନ୍ନା।

ପରବର୍ତ୍ତୀ ସମୟରେ ମୁକ୍ତିଲାଭ କରିଥିବା ରାକ୍ଷୀର କିଛି ସମସାମୟିକ ଦିଗକୁ ନେଇ ଚଳଚ୍ଚିତ୍ର 'ବନ୍ଦିନୀ'। 'ଅବ୍ କେ ବରଷ ଭେଜ୍ ଭାୟା କୋ ବାବୁଲ'; ବନ୍ଦିନୀ ଚଳଚ୍ଚିତ୍ରରେ ଥିବା ଏଇ ଗୀତଟି ବେଶ ହୃଦୟସ୍ପର୍ଶୀ ହୋଇଥିଲା। କାରାଗୃହରେ ଥାଇ ଭଉଣୀ ନିଜ ଭାଇ କଥା ମନେ ପକାଉଥିଲା। ଭାଇ ଦେବେନ୍ଦ୍ର କଥା ବେଶ୍ ମନେ ପଡୁଥିଲା ଭଉଣୀ କଲ୍ୟାଣୀର। ଦେବେନ୍ଦ୍ର ଭୂମିକାରେ ଥିଲେ ଧର୍ମେନ୍ଦ୍ର ଓ ଭଉଣୀ ଭୂମିକାରେ ଦେଖିବାକୁ ମିଳିଥିଲା ନୂତନଙ୍କୁ।

ରାକ୍ଷୀ ସମ୍ପର୍କରେ ଆମେ ଆଲୋଚନା କଲାବେଳେ ସ୍ମୃତି ଭିତରକୁ ଆସୁଛି ରେକର୍ଡ଼ ବ୍ରେକ ଚଳଚ୍ଚିତ୍ର 'ଛୋଟି ବେହେନ' : ଭାଇ ରାଜେନ୍ଦ୍ର ଭୂମିକାରେ ବଲ୍‌ରାଜ ଶାହନୀ ଓ ଭଉଣୀ ମୀନା ଭୂମିକାରେ ଦେଖିବାକୁ ମିଳିଥିଲା ଅଭିନେତ୍ରୀ ନନ୍ଦାଙ୍କୁ। ଏଥିରେ ଗୀତଟି ଥିଲା 'ଭାୟା ମେରେ ରାଖୀ କେ ବନ୍ଧନ କୋ ନିଭାନା, ଭାୟା ମେରେ ଛୋଟି ବେହେନ କୋ ନା ଭୁଲାନା।' ଭଉଣୀ ପୂଜା ଥାଳିରେ ରାଖୀ ସହ ଚନ୍ଦନ, ଫୁଲ, ଫଳ, ମିଠା ସଜାଇ ରଖିଥିଲା। ଅତି ବ୍ୟଗ୍ର ହୋଇ ସେ ଦୌଡ଼ି ଯାଇ ଭାଇଙ୍କୁ ଆଡ଼ି ଆଣିଥିଲା। ପାରମ୍ପରିକ ରୀତିରେ ଭାଇଙ୍କୁ ପୂଜା କରି ରାଖୀ ପିନ୍ଧାଇଥିଲା। ରାକ୍ଷୀ ପାଇଁ ସର୍ବକଳୀନ ରେକର୍ଡ଼ କରିଥିବା ସିନେମାଟି ଥିଲା 'ଓ୍ୱତନ୍ କୀ ରଖୱାଲେ' : 'ମାତା ଭି ତୁ ପିତା ଭି ତୁ ବେହନା କା ଅଭିମାନ ଭି ତୁ, ତେରେ ଶିବା ମେରେ କୌନ ହୈ ଭାୟା, ମେରା ତୋ ଭଗବାନ ହି ତୁ' ବେଶ୍ ହୃଦୟସ୍ପର୍ଶୀ ଥିଲା ଭାଇ ଓ ଭଉଣୀ ଭିତରେ ଥିବା ଏ ଅନ୍ତରଙ୍ଗ ଭଲ ପାଇବାର ଦୃଶ୍ୟ। ପିଲବେଳୁ ମାତାପିତା ନଥିଲେ। ଭଉଣୀ ଲକ୍ଷ୍ମୀକୁ ଲାଳନପାଳନ କରି ଛୋଟରୁ ବଡ଼ କରିଥିଲା ମହାବୀର। ସେଇ କଥା ଲକ୍ଷ୍ମୀ ତା'ଭାଇକୁ ରକ୍ଷା ବନ୍ଧନ ବେଳେ କହୁଛି। ମହାବୀର ଭୂମିକାରେ ଧର୍ମେନ୍ଦ୍ର ଏବଂ ଭଉଣୀ ଲକ୍ଷ୍ମୀ ଭୂମିକାରେ ଦେଖିବାକୁ ମିଳିଥିଲା ଅଭିନେତ୍ରୀ ମୌସୁମୀ ଚାଟାର୍ଜୀଙ୍କୁ। ଚଳଚ୍ଚିତ୍ରର ନାଁ ଥିଲା 'ଓ୍ୱତନ୍ କୀ ରଖୱାଲେ'।

ଆଜି ଯଦି ରାକ୍ଷୀକୁ ନେଇ ସିନେମାର ସଂଗୀତ ଭିତରକୁ ଆଲୋଚନା କରିବା ସେଗୁଡ଼ିକ ହେଉଛି ସିନେମା 'ରେଶମ୍ କୀ ଡୋରି'ର ବେହେନା ନେ ଭାଇ କି କଲାଇସେ.., 'ଛୋଟୀ ବେନେ୍'ର ଭୈୟା ମେରେ ରାକ୍ଷୀ କେ ବନ୍ଧନ୍...., 'ବେଇମାନ୍'ର ଯେ ରାଖୀ ବନ୍ଧନ ହୈ ଐସା..., 'ଅନ୍‌ପଢ଼'ର ରଙ୍ଗ ବିରଙ୍ଗ ରାକ୍ଷୀ..., 'କାଜଲ୍'ର ମେରେ ଭୈୟା ମେରେ ବନ୍ଦା...., 'ଚମ୍ବଲ କି କସମ୍'ର ବନ୍ଦାରେ ମେରେ ଭୈୟା ସେ କେହେନ... ପ୍ରମୁଖ।

ରୂପେଲି ପରଦାରେ ବି ସୁନ୍ଦର ଚିତ୍ରଣ ରହିଛି ଏହି ଉତ୍ସବର। ବିଶେଷକରି ସର୍ବଭାରତୀୟ ଆବେଦନ ଥିବା ହିନ୍ଦୀ ଫିଲ୍ମରେ ଏହାର ସୁନ୍ଦର ଚିତ୍ରଣ ରହିଛି। ସେ 'ରେଶମ୍ କୀ ଡୋରି' ର ବେହେନାନେ ଭାଇ କି କଲାଇ ସେ ପ୍ୟାର ବାନ୍ଧା ହୈ ଗୀତ ହୋଇପାରେ, ହୋଇପାରେ 'କାଜଲ' ଫିଲ୍ମର ମେରେ ଭୈୟା ମେରେ ଚନ୍ଦା, 'ବେଇମାନ' ଫିଲ୍ମର ଯେ ରାଖୀ ବନ୍ଧନ ହୈ ଐସା, 'ଛୋଟି ବହନ'ର ଭୈୟା ମେରେ ରାଖୀ କେ ବନ୍ଧନ କିମ୍ବା ରାଖୀ ଔର ହାତକଡ଼ି, ଅନପଢ଼ ଓ ରାଖୀ। କାଳେ କାଳେ ଏହି ଫିଲ୍ମର ଆଦର ରହିଛି, ହୃଦୟ ଛୁଇଁଛି ତାର ରାଖୀଗୀତ। ରାକ୍ଷୀକୁ ନେଇ ଓଡ଼ିଆ ସିନେମାର କ୍ଷେତ୍ରବି କିଛି କମ୍ ନାହିଁ। ଭାଇ-ଭଉଣୀଙ୍କୁ ନେଇ ଅନେକ ଓଡ଼ିଆ ସିନେମାର ଚରିତ୍ର ଭିତରେ ରହିଛନ୍ତି ଭାଇ ଓ ଭଉଣୀ। ଆଜି ବି ରାକ୍ଷୀକୁ ନେଇ ପ୍ରସ୍ତୁତ ହେଉଛି ଫିଲ୍ମ ଗୀତ। ଏଥିପ୍ରତି ଆକର୍ଷଣ ମଧ ରହୁଛି। ଆଞ୍ଚଳିକ ଫିଲ୍ମ ମଧ ଏ କ୍ଷେତ୍ରରେ ପଛରେ ପଡ଼ିନାହିଁ। ୧୯୮୯ରେ ଇଷ୍ଟର୍ଣ୍ଣ ମିଡ଼ିଆ ଲିଃ ଦ୍ୱାରା ନିର୍ମିତ ସୁପରହିଟ୍ ଓଡ଼ିଆ ଫିଲ୍ମ 'ଚକାଆଖି ସବୁ ଦେଖୁଛି' ରେ ରାଖୀର ଏକ ସୁନ୍ଦର ଉପସ୍ଥାପନା ଥିଲା। ଗୀତଟି ଥିଲା ରାଖୀରେ ରାଖୀ ତୁ ରହିଲୁ ସାକ୍ଷୀ। ଏହି ଫିଲ୍ମର ରାଖୀ ଦୃଶ୍ୟରେ ତତ୍କାଳୀନ ବ୍ୟସ୍ତ ନାୟକ ଶ୍ରୀରାମ ପଣ୍ଡା, ଉତ୍ତମ ମହାନ୍ତି ଓ ଗୋପା ବିଶ୍ୱାସ ସୁନ୍ଦର ଅଭିନୟ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଦେଖାଗଲା ଭାଇ ହାତରେ ରାଖୀ ବାନ୍ଧିବାକୁ ଯାଇ ଭଉଣୀ ଦେଖିଲା ଭାଇର ହାତଟି ନାହିଁ। ଏ ଦୃଶ୍ୟ ମଧ ଖୁବ୍ ପ୍ରଭାବ ପକାଇଥିଲା ଦର୍ଶକଙ୍କ ଉପରେ। ରାଖୀ କନ୍ଦାଇ ଦେଲା ବୋଲି ସେତେବେଳେ ମତାମତ ଶୁଭିଥିଲା। ଏହା ବ୍ୟତୀତ 'ରାଖୀ ଭିଜିଗଲା ଆଖି ଲୁହରେ', 'କାଳଚକ୍ର', 'ବିଧାତା', 'ରାଖୀ ବାନ୍ଧିଲି ମୋ ରଖିବ ମାନ' ଓ 'ଶୁଭ ବିବାହ' ଫିଲ୍ମରେ ରାଖୀର ସୁନ୍ଦର ଦୃଶ୍ୟ ସଂଯୋଜିତ ହୋଇଥିଲା। ଭାଇ ଭଉଣୀଙ୍କ ସ୍ନେହବୋଳା ସଂପର୍କର ବିଷୟବସ୍ତୁ ଥିଲା 'ରାଖୀ ଭିଜିଗଲା ଆଖି ଲୁହରେ' ଫିଲ୍ମରେ। 'ରାଖୀ ବାନ୍ଧିଲି ମୋ ରଖିବ ମାନ'ରେ ବି ଥିଲା ଭାଇ ଭଉଣୀଙ୍କର ଅନାବିଳ ସ୍ନେହ, ପ୍ରେମର ଦୃଶ୍ୟ। ଏମିତି ଭଉଣୀକୁ ରକ୍ଷା କରୁଛି ଭାଇର ରାଖୀ ବନ୍ଧା କଟାହାତ। 'ବିଧାତା'ରେ ଚାକିରି ସନ୍ଧାନୀ ଭାଇକୁ ଭଉଣୀ ମିଠା ଖୁଆଇ ଶୁଭ ମନାସୁଛି, ବାନ୍ଧିଦେଉଛି ରାଖୀ। ଆଉ କାଳଚକ୍ରରେ ଭଉଣୀ ଭାଇମାନଙ୍କ ସହିତ ମନଖୋଲା ନୃତ୍ୟ ଗୀତ ପରିବେଷଣ କରୁଛି। ସେହିଭଳି 'ଶୁଭ ବିବାହ'ର ରାଖୀ ଦୃଶ୍ୟ ମଧ ସ୍ମରଣୀୟ। ଭାଇର ଅନୁପସ୍ଥିତିରେ ରାଖୀ ରଖାଯାଇଛି ତାଙ୍କ ଫଟୋ ପାଖରେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଭଉଣୀ ନାୟକ ହାତରେ ବାନ୍ଧିଛି ରାଖୀ।

କହିହେବ ଫିଲ୍ମରେ ରାଖୀ ଦୃଶ୍ୟ ଦର୍ଶକଙ୍କୁ ପ୍ରଭାବିତ କରିଥିଲା, କରୁଛି। ତାପରେ ଏହାଦ୍ୱାରା ଏକ ସଂସ୍କୃତିର ସୁରକ୍ଷା ହୋଇପାରୁଛି। ତେଣୁ ଆଜି ବି ତାର ଦୃଶ୍ୟାୟନ ହେବା ଉଚିତ। କାହାଣୀ ବିନ୍ୟାସ ବେଳେ ଆପଣା ସଂସ୍କୃତି ପରମ୍ପରାର ମହକ ପ୍ରତି ଧ୍ୟାନ ଦିଆଯିବା ଉଚିତ। ରାଖୀ ଏକ ମହାଭାରତୀୟ ସ୍ରୋତ। ତେଣୁ ସୀମା ସରହଦ ଡେଇଁ ଏହା ବ୍ୟାପିଛି ଅଞ୍ଚଳରୁ ଅଞ୍ଚଳକୁ। ପୁନଶ୍ଚ ଆଞ୍ଚଳିକ ଫିଲ୍ମରେ ପାରିବାରିକ କଥାବସ୍ତୁ ସହ ଦେଖିବାକୁ ମିଳେ ଆପଣା କଳା ସଂସ୍କୃତି, ପର୍ବପର୍ବାଣି ଓ ଯାତ୍ରାର ଉପସ୍ଥାପନା। ଯାହା ଗୋଟିଏ ଅଞ୍ଚଳରେ ସାଂସ୍କୃତିକ ଚିତ୍ର ପ୍ରଦାନ କରିବା ସହତ ଉତ୍ତର ପିଢ଼ି ଓ ବିଭିନ୍ନ ଭାଷାଭାଷୀ ଦର୍ଶକଙ୍କୁ ଏହା ସହିତ ପରିଚିତ କରାଇଥାଏ।

***ଅନୁପମା ଭୂୟାଁ, ସିଡିଏ, କଟକ***



# ମାତା କୈକେୟୀ

କୈକେୟୀ, ହିନ୍ଦୁ ମହାକାବ୍ୟ ରାମାୟଣରେ କେକେୟଙ୍କ ରାଜକୁମାରୀ ଏବଂ କୋଶଳର ରାଣୀ। କୈକେୟୀ ହେଉଛନ୍ତି ରାଜା ଦଶରଥଙ୍କ ତୃତୀୟ ଏବଂ ପ୍ରିୟ ପତ୍ନୀ, ଯିଏ କୋଶଳକୁ ଏହାର ରାଜଧାନୀ ଅଯୋଧ୍ୟାରୁ ଶାସନ କରିଥିଲେ। ସେ ଭରତଙ୍କ ମାତା। ଦଶରଥଙ୍କ ତିନି ପତ୍ନୀଙ୍କ ମଧ୍ୟରୁ, କୈକେୟୀ ସବୁଠାରୁ ଅଧିକ ପ୍ରଭାବ ପକାଇଥାନ୍ତି। ପୂର୍ବରୁ କେକେୟର ରାଜକୁମାରୀ, ସେ ଯୁଦ୍ଧ ସମୟରେ ତାଙ୍କ ସ୍ୱାମୀଙ୍କ ପାଇଁ ଜଣେ ଦକ୍ଷ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ ବୋଲି ବର୍ଣ୍ଣନା କରାଯାଇଛି। ପ୍ରାରମ୍ଭରେ ତାଙ୍କ ସାବତପୁତ୍ର ରାଜକୁମାର ରାମଙ୍କ ପ୍ରତି ପ୍ରେମ ଏବଂ ମାତୃଭାବରେ, କୈକେୟୀଙ୍କ ମନ ତାଙ୍କ ଦାସୀ ମନ୍ଥରା ଦ୍ୱାରା ବିଷାକ୍ତ ହୋଇଯାଏ। ତାଙ୍କ ପ୍ରଭାବରେ, ରାମଙ୍କୁ ଚଉଦ ବର୍ଷ ପାଇଁ ବନବାସ ପଠାଯାଏ।

## ଜନ୍ମ ଏବଂ ପ୍ରାରମ୍ଭିକ ଜୀବନ:


କୈକେୟୀଙ୍କ ଜନ୍ମ ତାଙ୍କ ମାତାଙ୍କ ନିର୍ବାସନର କିଛି ସମୟ ପୂର୍ବରୁ କେକେୟର ରାଜା ଅଶ୍ୱପତିଙ୍କ ଘରେ ହୋଇଥିଲା। ତାଙ୍କର ଏକମାତ୍ର ମାତୃତ୍ୱ ତାଙ୍କର କୁଞ୍ଚିତ ଧାତ୍ରୀ, ମନ୍ଥରା ସହିତ ହୋଇଥିଲା। ତାଙ୍କର ଯମଜ ଯୁଦ୍ଧାଜିତଙ୍କ ସମେତ ସାତ ଭାଇଙ୍କ ସହିତ ସେ ପାଳିତ ହୋଇଥିଲେ।

## ଦଶରଥଙ୍କ ଦ୍ୱାରା ବରଦାନ:

ଦେବ ଏବଂ ଅସୁରଙ୍କ ମଧ୍ୟରେ ଏକ ଯୁଦ୍ଧରେ, ଦଶରଥ କୈକେୟୀଙ୍କ ସହିତ ଦେବଲୋକକୁ ଯାତ୍ରା କରିଥିଲେ, ଯାହାଦ୍ୱାରା ଇନ୍ଦ୍ର ଅସୁରଙ୍କ ବିରୁଦ୍ଧରେ ଯୁଦ୍ଧ କରିପାରିବେ। ଶମ୍ବର ଏବଂ ତାଙ୍କ ଅସୁର ସୈନ୍ୟବାହିନୀ ଦ୍ୱାରା ନିଯୁକ୍ତ ଯାଦୁବିଦ୍ୟା ଯୋଗୁଁ ଦେବମାନେ ଅସୁବିଧାରେ ପଡ଼ିଥିଲେ। ରଥରେ ଚଢ଼ି ଦଶରଥ ଏକ ସମୟରେ ଦଶ ଦିଗରେ ଅସୁରଙ୍କ ସହିତ ମୁହାଁମୁହିଁ ହୋଇଥିଲେ। ଏହି ଯୁଦ୍ଧରେ, ତାଙ୍କ ରଥକୁ ଦ୍ରୁତ ଗତିରେ ପ୍ରତ୍ୟେକ ଦିଗକୁ ବୁଲାଇବାକୁ ପଡିଥିଲା। ଯୁଦ୍ଧ ସମୟରେ, ଗୋଟିଏ ଚକର ବୋଲ୍ଟ ଖସିଗଲା, ଏବଂ ଚକଟି ଅଲଗା ହେବାକୁ ଯାଉଥିଲା ଯେତେବେଳେ କୈକେୟୀ ବୋଲ୍ଟର ଗାତରେ ତାଙ୍କର ବୁଢ଼ା ଆଙ୍ଗୁଠି ପୂରାଇ ରଥକୁ ସ୍ଥିର ରଖିଲେ। ରାଜା ଏହା ଜାଣିବା ପରେ, ସେ ଖୁସି ହୋଇ ତାଙ୍କୁ ଦୁଇଟି ବରଦାନ ଦେଲେ। ରାଣୀ କହିଲେ ଯେ ସେ ଭବିଷ୍ୟତରେ ସେହି ଦୁଇଟି ବର ମାଗିବେ, କାରଣ ସେ ସେତେବେଳେ ଏବଂ ସେଠାରେ କିଛି ଚାହୁଁ ନଥିଲେ।

## ମନ୍ଥରାଙ୍କ ପ୍ରଭାବ ଏବଂ ରାମଙ୍କ ନିର୍ବାସନ:

ପ୍ରାଚୀନ ପରମ୍ପରା ଅନୁଯାୟୀ, ଦଶରଥ, ରାଜ ସଭାର ଅନୁମୋଦନ ସହିତ, ରାମଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବରେ ମନୋନୀତ କରିଥିଲେ। କୈକେୟୀ ରାଜ୍ୟାଭିଷେକ ସମୟରେ ଯଦି ତାଙ୍କ ନିଜ ପୁଅ ହୋଇଥାନ୍ତେ ତେବେ ସେ ବହୁତ ଖୁସି ହୋଇଥାନ୍ତେ। କିନ୍ତୁ, କୈକେୟୀଙ୍କ ଧାତ୍ରୀ ମନ୍ଥରା ଭୟ କରୁଥିଲେ ଯେ ଯଦି ରାମ ସିଂହାସନ ଆରୋହଣ କରନ୍ତି ତେବେ କୈକେୟୀ ରାଜଦରବାରରେ ମୁଖ୍ୟ ରାଣୀ ଭାବରେ ତାଙ୍କର ପଦବୀ ହରାଇବେ, କାରଣ କୌଶଲ୍ୟା ଏହିପରି ରାଣୀମା ହୋଇଯାଆନ୍ତି, ସେ ସମସ୍ୟା ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲେ। ସେ କୈକେୟୀଙ୍କୁ ମନେ ପକାଇ ଦେଇ କୈକେୟୀଙ୍କ ଈର୍ଷା ଏବଂ କୌଶଲ୍ୟାଙ୍କ ପ୍ରତି ଈର୍ଷାକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ ପୁତ୍ରର ରାଜ୍ୟାଭିଷେକ କୌଶଲ୍ୟାଙ୍କୁ ଦଶରଥଙ୍କ ରାଣୀମାନଙ୍କ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ତାଙ୍କର ପୂର୍ବ ପଦବୀ ଦେବ ଏବଂ ଭାରତକୁ ସବୁଦିନ ପାଇଁ ଉତ୍ତରାଧିକାରୀ ସୀମାରୁ କାଟିଦେବ। କିନ୍ତୁ ସେତେବେଳେ କୈକେୟୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିନଥିଲା। ପରେ ମନ୍ଥରା ଦଶରଥଙ୍କ ଦ୍ୱାରା ବର୍ଷ ବର୍ଷ ପୂର୍ବରୁ ତାଙ୍କୁ ଦିଆଯାଇଥିବା ଦୁଇଟି ବର ଦାବି କରିବାକୁ କୈକେୟୀଙ୍କୁ ରାଜି କରାଇଲେ। ରାଜା ଦଶରଥ ସେଗୁଡ଼ିକୁ ପୂରଣ କରିବାକୁ ବାଧ ହୋଇଥିଲେ। କୈକେୟୀ ଦାବି କରିଥିଲେ ଯେ ଭରତଙ୍କୁ ରାଜା ଅଭିଷିକ୍ତ କରାଯାଉ ଏବଂ ରାମଙ୍କୁ ଚଉଦ ବର୍ଷ ପାଇଁ ବନକୁ ପଠାଯାଉ।



## ଏନ୍ଆଇଟିଆର ବିକାଶ ପାଣ୍ଠିକୁ ଏକ କୋଟି ୧୮ଲକ୍ଷ

ରାଉରକେଲା,(ନିପ୍ର): ଏନ୍ଆଇଟିଆର ବିକାଶ ପାଣ୍ଠିକୁ ପୁରାତନ ଛାତ୍ର ସଂଘ ନିଟ୍ରା ତରଫରୁ ଏକ କୋଟି ଅଠର ଲକ୍ଷ ଏଗାର ହଜାର ଶହେ ଏଗାର ଟଙ୍କା ପ୍ରଦାନ କରାଯାଇଛି। ୧୯୭୧ ବ୍ୟାଚ ତରଫରୁ ୧୮ ଲକ୍ଷ ଟଙ୍କା ଯାହା ଦ୍ୱାରା ୧୨ ଜଣ ଛାତ୍ରଛାତ୍ରୀ ଓ ନିଟ୍ରା ତରଫରୁ ୧ କୋଟି ୧୧,୧୧୧ ଟଙ୍କା ପ୍ରଦାନ କରାଯାଇଛି। ପୂର୍ବରୁ ୮୦ ଜଣ ଛାତ୍ରଛାତ୍ରୀ ବୃତ୍ତି ପାଉଥିବାବେଳେ ଏଥର ୯୨ ଜଣ ଛାତ୍ରବୃତ୍ତି ପାଇବେ। ଏହି ଅର୍ଥ ଅନୁଷ୍ଠାନର ହିତ ଯଥା ଛାତ୍ର ବୃତ୍ତି, ଗବେଷଣା ଓ ଭିତ୍ତିଭୂମିର ଉନ୍ନତି ଆଦି ପ୍ରକଳ୍ପରେ ବିନିଯୋଗ କରାଯିବ। ସେହିପରି ଆଗାମୀ ଦିନରେ ଏହି ଛାତ୍ରବୃତ୍ତି ଶହେକୁ ଛୁଇଁବ ବୋଲି ନିଟ୍ରା ତରଫରୁ କୁହାଯାଇଛି। ଏହି ଅର୍ଥରାଶିକୁ ଏନ୍ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ ଉମା ମହେଶ୍ୱର ରାଓ ଗ୍ରହଣ କରି ନିଟ୍ରାକୁ ଧନ୍ୟବାଦ ଦେବାସହ ଏଭଳି ମନୋଭାବକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ନିଟ୍ରାର ସଭାପତି ଫକୀର ଚରଣ ମହାନ୍ତି, ସମ୍ପାଦକ ଡ ହୃଷିକେଶ ନାଏକ, ରାଉରକେଲା ଚାପ୍ଟର ସଭାପତି ବିମଳ କୁମାର ବିଶି,ଭାରତ ଭୂଷଣ ମହାନ୍ତି,ଅସୀମ ସାବତ, ସ୍ୱରୂପ କୁମାର ପାଣିଗ୍ରାହୀ, ଉଦୟ ପଟେଲ, ବିଜୟ ଦାସ, ରାହୁଲ ଅଗ୍ରୱାଲ,ସରୋଜ ଦାଶ, ଏନ୍ଆଇଟିର ପ୍ରଫେସର ଡ ପୁନମ ସିଂ,ଡ ସରୋଜ ପଟେଲ,ଡ ଅର୍ଚ୍ଚନା ମଲ୍ଲିକ୍,ଡ ଦୀପ୍ତିଲତା ପାତ୍ର,ଡ଼ ସୂରଜ ବେହେରା,ଡ ହିମାଂଶୁ ଶତପଥୀ ପ୍ରମୁଖ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍ଗଲୀ ବାର୍‌ହା ଉପଦ୍ରବ


ଚମ୍ପୁଆ,(ନିପ୍ର): ହାତୀ ପରେ ଚାଷୀଙ୍କ ଦୁଃଖ ପାଲଟିଛନ୍ତି ଜଙ୍ଗଲି ବାର୍‌ହା । ଏକର ଏକର ମକା ଓ କନ୍ଦମୂଳ ଫସଲ ଉଜାଡି ଚାଲିଥିବା ବେଳେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଁଚିଲାଣି । ଏହାର ପ୍ରତିକାର ଦାବିରେ ଗୋଧୂଳି ଗ୍ରାମର ଚାଷୀ ବନାଞ୍ଚଳ ଅଧିକାରୀ ସାଗରରାଜ ନାୟକଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବାର୍‌ହା ଦଳ କ୍ଷେତରେ ପଶି ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ବିପୁଳ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଚାଷୀମାନେ ନଷ୍ଟ ହୋଇଥିବା ଫସଲର କ୍ଷୟକ୍ଷତି ଆକଳନ କରି ଉଚିତ କ୍ଷତିପୂରଣ ପ୍ରଦାନ ସହ ବାର୍‌ହା ଉପଦ୍ରବ ରୋକିବା ପାଇଁ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ଚମ୍ପୁଆ ରେଞ୍ଜରଙ୍କ ନିକଟରେ ଦାବି କରିଥିଲେ। ସୂଚନା ଯୋଗ୍ୟ ଯେ ମକା ଓ କନ୍ଦମୂଳ ଚାଷକୁ ନେଇ ଗୋଧୂଳି ଗ୍ରାମର ସ୍ୱତନ୍ତ୍ର




ପରିଚୟ ରହିଥିବା ବେଳେ ପ୍ରାୟ ୮୦ ଭାଗ ଲୋକ ଏହି ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି ।

## କାଶୀନଗର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ଚାରାରୋପଣ

କାଶୀନଗର,(ନିପ୍ର): ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବନ ବିଭାଗ ତରଫରୁ କାଶୀନଗର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଚାରା ରୋପଣ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ସମ୍ମାନିତ ଅତିଥି ଭାବେ କାଶୀନଗର ଫରେଷ୍ଟ ଅଫିସର ବଳରାମ ଶବର, ଅଗ୍ନିଶମ ବିଭାଗୀୟ ଅଧିକାରୀ କୈଳାସ ଚନ୍ଦ୍ର ଗମାଙ୍ଗ, ମେଡ଼ିଆ କ୍ଲବ ସଭାପତି ଆନନ୍ଦ ପାତ୍ର ଓ ସମାଜସେବୀ ତଥା କଉଁଶୀଲର କ. ରାମରାଓ ଯୋଗ ଦେଇ ଚାରାମାନ ରୋପଣ କରିଥିଲେ। ଚାରାରୋପଣ ଦ୍ୱାରା ପରିବେଶ ପ୍ରଦୂଷଣରୁ ରକ୍ଷା ପାଇବା,ଆଗାମୀ ପିଢ଼ି ପାଇଁ ଏହା ଏକ ସଂଜୀବନୀ ସଦୃଶ। ପରିବେଶ ସନ୍ତୁଳନ ରହିବା ସହ ଭୂ ପୃଷ୍ଠରେ ଏକ ସବୁଜ ବଳୟ ସୃଷ୍ଟି ହେବ। ଏଥିପାଇଁ



ସବୁବେଳେ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେବା ଦରକାର ବୋଲି ଫରେଷ୍ଟର ଶ୍ରୀ ଶବର କହିଥିଲେ। ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ରାଓ ବୃକ୍ଷ ରୋପଣ ଦ୍ୱାରା ପରିବେଶ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ ଓ ଭୂସ୍ଖଳନ ରୋକିବା,ବର୍ଷାର ସନ୍ତୁଳନ ରକ୍ଷା, ଜଳସ୍ତର ବୃଦ୍ଧି ଓ ଜୈବବିବିଧତାର ସଂରକ୍ଷଣ ପାଇଁ ବୃକ୍ଷ ରୋପଣର ନିହାତି ଆବଶ୍ୟକ ବୋଲି କହିଥିଲେ।

## ଛାତରୁ ଖସିପଡ଼ି ମହିଳା ମୃତ

ନିମାପଡ଼ା,(ନି.ପ୍ର.): ପୌରାଂଚଳ ଅନ୍ତର୍ଗତ ଜଇନାବାଦ ଗ୍ରାମରେ ମାଙ୍କଡ଼ଙ୍କ ଉପଦ୍ରବ ଯୋଗୁଁ ଜନୈକା ମହିଳା କମଳା ବେହେରା (୬୦) ଛାତରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି । ଅପରାହ୍ନରେ ସେ ଛାତ ଉପରକୁ ଯାଇଥିବା ବେଳେ କିଛି ମାଙ୍କଡ଼ ତାଙ୍କୁ ଗୋଡ଼ାଇ ଥିଲେ। ସେ ବାଡ଼ି ସାହାଯ୍ୟରେ ମାଙ୍କଡ଼କୁ ସାମ୍ନା କରିଥିବା ସତ୍ତ୍ୱେ ଦଳବଳ ମାଙ୍କଡ଼ ତାଙ୍କ ନିକଟକୁ ଗୋଡ଼ାଇ ଆସିବାରୁ ସେ ତଳକୁ ଆସିବା ପାଇଁ ଉଦ୍ୟମରତ ଥିବା ବେଳେ ଗୋଡ଼ ଖସି ଯିବାରୁ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ଏବଂ ଗ୍ରାମବାସୀ ସଂଗେ ସଂଗେ ତାଙ୍କୁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ତାଙ୍କ ଜ୍ୱାଇଁ ଲକ୍ଷ୍ମୀଧର ବେହେରା ଥାନାରେ ଏତଲା ଦେଇଥିଲେ।

# କୋଟିଏ ଟଙ୍କାର ରାସ୍ତା ଏବେ ଶୋଚନୀୟ

## ୮୦ ବର୍ଷଧରି ସଂଘର୍ଷ କରୁଛନ୍ତି ଘାଗୁଡ଼ିମାଳ ଗ୍ରାମବାସୀ !

ରାୟଗଡା,(ନିପ୍ର): ଦେଶ ସ୍ୱାଧୀନତାର ଅଶି ବର୍ଷ ବିତିଲାଣି। କୋଟିରୁ ଅଧିକ ଟଙ୍କା ପ୍ରାୟ ଖର୍ଚ୍ଚ ହେଲାଣି। କିନ୍ତ ଆଜି ପର୍ଯ୍ୟନ୍ତ ସଂଘର୍ଷ କରୁଛନ୍ତି ଗ୍ରାମବାସୀ। ଗତ ବର୍ଷ ରାସ୍ତା ପାଇଁ ଜିଲ୍ଲାପାଳଙ୍କୁ ରାସ୍ତାରେ ଗଛ ପକାଇ ଅଟକାଇ ନିଜର ଦୁଃଖ ଜଣାଇଥିଲେ। କିନ୍ତୁ ବ୍ଲକ ପ୍ରଶାସନ ନାଲି ମାଟି ପକାଇ ନିଜ କର୍ତ୍ତବ୍ୟ ସାରିଦେଉ ଥିବାରୁ ଲୋକଙ୍କ ଦୁର୍ଦ୍ଦଶା ଆଜିବି ଏକା ରକମ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି । ଏମିତି ଏକ ଗ୍ରାମ ଯାହାକି ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ ସଦର ମହାକୁମା ପଞ୍ଚାୟତର ଘଗୁଦିମାଳ। ବର୍ଷକକୁ ବର୍ଷ ଲକ୍ଷ ଲକ୍ଷ ଟଙ୍କା ପାଣି ଭଳିଆ ଖର୍ଚ୍ଚ କରି ମଧ୍ୟ ଗ୍ରାମର ମୌଳିକ ସମସ୍ୟା ସମାଧାନ କରିବାରେ ବିଫଳ ପ୍ରଶାସନ। ରାସ୍ତା ପାଇଁ ଅନେକ ଲୋକଙ୍କ ଜୀବନ ଯାଇଛି ପରିବାର ଭାଙ୍ଗିଛି। ତଥାପି ପ୍ରଶାସନ ତଳିପକା ନୀତିରେ ମାଟି ପକାଇ ଠିକାଦାର ଯନ୍ତ୍ରୀ ରାଧେ ରାଧେ କରି ଚଳୁ କରି ଚାଲିଛନ୍ତି। ରାସ୍ତା ଯେତେ ଖରାପ ହେବ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ପକେଟ ସେତେ ଭର୍ତ୍ତି ହୋଇ ଚାଲିବ ବୋଲି ଗ୍ରାମବାସୀ



ଅଭିଯୋଗ କରିଛନ୍ତି। ରାସ୍ତା ପାଇଁ ଗତ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କଲେ, ଜିଲ୍ଲାପାଳଙ୍କ ରାସ୍ତରେ ଗଛ ପକାଇ ନିଜର ଦୁଃଖ ଜଣାଇଲେ, ଅଭିଯୋଗ ପରେ ଅଭିଯୋଗ କରି ନୟାନ୍ତ ହୋଇଗଲେ। କିନ୍ତୁ ଲୋକଙ୍କୁ ଚାଲିବା ପାଇଁ ପକା ରାସ୍ତା ଖଣ୍ଡିଏ କରି ପାରିଲେ ନାହିଁ। କାଦୁଅ ପଚପଚ ରାସ୍ତରେ ମୁଣ୍ଡରେ ଭାର ହାତରେ ଚପଲ କାଖରେ ଛୁଆ ଧରି ନିତିଦିନ ରୋଜଗାର ଯୋଗାଡ଼ କରିବା ପାଇଁ କଲ୍ୟାଣସିଂହପୁର ଗ୍ରାମକୁ ଆସିଥାନ୍ତି। ନେତାଙ୍କ ପ୍ରତିଶ୍ରୁତି ଲୋକ ପ୍ରତିନିଧିଙ୍କ ଆଶ୍ୱାସନା, ପ୍ରଶାସନର ବାଟ ମାରଣା ନୀତି ପାଇଁ ଆଜି ଅବହେଳିତ ଏହି ଗ୍ରାମ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ଗର୍ଭବତୀ, ରୋଗୀ, ବୃଦ୍ଧା, ଛାତ୍ରଛାତ୍ରୀ, ବେପାର ବଣିଜ ହେବା ମନା। କାରଣ ଗର୍ଭବତୀ ଓ ରୋଗୀଙ୍କ ନିକଟକୁ ଯିବନି ଆମ୍ବୁଲାନ୍ସ,ଅନ୍ୟ ମାନଙ୍କୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାରୁ ଗାଁରୁ ବାହାରକୁ ବାହାରିବା କଷ୍ଟ ସାଧ୍ୟ ଓ ଅଭିଶପ୍ତ ହୋଇ ପଡିଛି ବୋଲି ପ୍ରକାଶ କରିଛନ୍ତି ଗ୍ରାମବାସୀ। ଉକ୍ତଗ୍ରାମକୁ ପିଚୁରାସ୍ତା କିମ୍ବା ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କଲେ ଦୀର୍ଘ ସ୍ଥାୟୀ ହୋଇ ରହିପାରିବ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ଭ୍ରମାତ୍ମକ ମରୀଚିକା ନ ହେଉ ଶିଶୁ ବାଟିକା, ଶିଶୁର ବୈଦ୍ଧିକ ବିକାଶ ହିଁ ଯୋଜନାର ଲକ୍ଷ୍ୟ

ତରଭା,(ନିପ୍ର): ସରକାରଙ୍କ ନୂତନ ଶିକ୍ଷା ନୀତି ଏବଂ କୋମଳମତି ଛୋଟ ଛୋଟ ଶିଶୁ ର ବୌଦ୍ଧିକ ବିକାଶ ଯୋଜନା ମଧ୍ୟରେ ଶିଶୁ ବାଟିକା ନାମ ବେଶ ସୁନ୍ଦର ଶୁଣା ଯାଉଛି। ବାସ୍ତବରେ ଏହା ଯୋଜନା - ନିୟମ- ଏବଂ ଲକ୍ଷ୍ୟକୁ ଦେଖିଲେ ମନେ ହୁଏ କାହିଁ ଶିଶୁର ବୈଦ୍ଧିକ ବିକାଶ ପ୍ରହସନ ନ ପାଲଟୁ। ଏଠାରେ ଆମେ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ଶିଶୁବାଟିକା ଗୁଡିକ କଥା ଯଦି ଦେଖିବା ସରକାର ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଏକ ପ୍ରି ସ୍କୁଲ ବା ଶିଶୁ ବାଟିକା ଖୋଲାଯିବ ଯେଉଁଠି ଅଙ୍ଗନବାଡିରୁ ବାହାରିବା ପରେ ସେମାନେ ବାଟିକାରେ ନାମ ଲେଖାଇବାର ଅଛି। ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଗ୍ରାମୀଣ ଅଞ୍ଚଳରେ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବମୋଟ ୧୧୭ ବିଦ୍ୟାଳୟ ରହିଛି । ସେଥିମଧ୍ୟରୁ ପ୍ରଥମରୁ ପାଞ୍ଚମ ୭୬ ଟି ଓ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ଥିବା ୪୧ ବିଦ୍ୟାଳୟ ଅଛି । ଯଦି ଏପରି ଦେଖିବା ତରଭା ବ୍ଲକ ଏବଂ




ଏନଏସି ମିଶି ୧୧୭ଟି ବାଟିକା ରହିବ କଥା। ଏହା ସହ ୪ ଗୋଟି ସେବାଶ୍ରମ ବିଦ୍ୟାଳୟ ମିଶିଲେ ସର୍ବମୋଟ ୧୨୧ଟି ବାଟିକା ଶ୍ରେଣୀ ହେବ । ୧୨୧ ଜଣ ସେବିକା ନିଯୁକ୍ତ ହେବା କଥା । କିନ୍ତୁ ସେବିକା ନିଯୁକ୍ତି ଓ ବାଟିକା ଶ୍ରେଣୀ ଖୋଲିବା ପାଇଁ ସରକାର କାଷ୍ଟ୍ରଛାଷ୍ଟଏକ ଗାଇଡ ଲାଇନ ଜାରି କରିଛନ୍ତି। ଯେଉଁ ବିଦ୍ୟାଳୟରେ ପ୍ରଥମ ଦ୍ୱିତୀୟ ଓ ବାଟିକା ଛାତ୍ରଛାତ୍ରୀ ମିଶି ୩୦ ଜଣ ହେବେ ସେହି ବିଦ୍ୟାଳୟ ମାନଙ୍କରେ ବାଟିକା କ୍ଲାସଆରମ୍ଭ ହେବ । ସେବିକା ନିଯୁକ୍ତ ହୋଇପାରିବ। ଏପରି ଦେଖିଲେ ପ୍ରାୟ ୪୦ ଟି ବିଦ୍ୟାଳୟ ଯେଉଁଟା କି ବାଟିକା ଖୋଲିବା ପାଇଁ ଯୋଗ୍ୟତା ଅଛି । ଏଠାରେ ଉଲ୍ଲେଖ ଥାଉକି ଯଦି ସମସ୍ତ ବିଦ୍ୟାଳୟକୁ ମିଶାଯାଏ ୧୨୧ଟି ବିଦ୍ୟାଳୟ ହେବ । ଯଦି ଗାଇଡ ଲାଇନ ହିସାବରେ ଗଲେ ପ୍ରାୟ ୮୦ଟି ବିଦ୍ୟାଳୟ ବାଟିକା ଖୋଲିବାରୁ ବଞ୍ଚିତ ହେଉଛନ୍ତି । ବଞ୍ଚିତ ଏହି ବିଦ୍ୟାଳୟଗୁଡ଼ିକରେ ସେବିକା ନିଯୁକ୍ତ ହୋଇପାରିବେ ନାହିଁ। ବିଦ୍ୟାଳୟ କିମ୍ବା ଅଞ୍ଚଳର ଅଙ୍ଗନବାଡିରୁ ବାହାରୁଥିବା ପିଲା ଯିବେ କେଉଁଠି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ହୋଇଛି।

### ଲୁହାପଙ୍କ ପଞ୍ଚାୟତରେ 'ଛାୟା ସରପଞ୍ଚ'ଙ୍କ ଦୌରାତ୍ମ୍ୟ

## ସରପଞ୍ଚଙ୍କ ସ୍ୱାମୀ ବାଣ୍ଟିଲେ ଭତ୍ତା, ବିଡିଓଙ୍କ ନିକଟରେ ଅଭିଯୋଗ

ରେଢ଼ାଖୋଲ,(ନିପ୍ର): ସରକାରୀ ନିୟମ ଓ ସମ୍ବିଧାନର ୭୩ତମ ସଂଶୋଧନ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଅନ୍ତର୍ଗତ ଲୁହାପଙ୍କ ଗ୍ରାମପଞ୍ଚାୟତରେ 'ଛାୟା ସରପଞ୍ଚ'ଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି । ପଞ୍ଚାୟତର ନିର୍ବାଚିତ ମହିଳା ସରପଞ୍ଚଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ସରକାରୀ ଭତ୍ତା ବାଣ୍ଟିବା ସହ କାର୍ଯ୍ୟାଳୟର ସରକାରୀ ଖାତାରେ ଲେଖାଲେଖି କରିଥିବା ନେଇ ଗ୍ରାମର ଶାନ୍ତନୁ କୁମାର ପ୍ରଧାନ ରେଢ଼ାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ନିକଟରେ ଲିଖିତ ଅଭିଯୋଗ କରି କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ଅଗଷ୍ଟ ୧୯ ତାରିଖ ଦିନ ଲୁହାପଙ୍କ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମୟରେ ସରପଞ୍ଚଙ୍କ ସ୍ୱାମୀ କୌଣସି ଆଇନଗତ ପଦପଦବୀରେ ନ ଥାଇ ମଧ୍ୟ ସରକାରୀ ଭତ୍ତା ଖାତା ନିଜ ହାତକୁ ନେଇଥିଲେ। ସେ ନୂତନ ହିତାଧିକାରୀଙ୍କ ନାମ ଖାତାରେ ଲେଖିବା ସହ ନିଜେ ଭତ୍ତା ଟଙ୍କା ବାଣ୍ଟିଥିବା ଅଭିଯୋଗ ହୋଇଛି ।

## କ୍ରୀଡ଼ା କ୍ଷେତ୍ରରେ ଯୁବକଙ୍କୁ ସାମିଲ ପାଇଁ ପ୍ରୟାସ

ନିମାପଡ଼ା, (ନି.ପ୍ର.): 'ଖେଲୋ ଭାରତ-ଜିତୋ ଭାରତ' ସ୍ଲୋଗାନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଯୁବ ବର୍ଗମାନଙ୍କୁ ଉତ୍ସାହ ଓ ଶୃଙ୍ଖଳାର ସହ ସମସ୍ତ କ୍ରୀଡ଼ାରେ ଅଂଶଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି । 'ମେରା ଯୁବ ଭାରତ' ଏବଂ ଜାତୀୟ କ୍ରୀଡ଼ା ଦିବସ (୨୯.୦୮.୨୫) ପାଳନ ଉପଲକ୍ଷେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିମାପଡ଼ା କଲେଜ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ କନଫରେନ୍ସ ମାଧ୍ୟମରେ କଥା ହେବା ସହିତ ଛାତ୍ରୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ ବୋଲି ଅଧ୍ୟକ୍ଷ ରାଜ କିଶୋର ମିଶ୍ର ମଙ୍ଗଳବାର ଆୟୋଜିତ ସାମ୍ବଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ଜାତୀୟ ସେବା ଯୋଜନା ଏବଂ ପୁରୀ ଜିଲ୍ଲା ଯୁବ



କାର୍ଯ୍ୟାଳୟ ମିଳିତ ସହଯୋଗରେ 'ଯୁବା କନେକ୍ଟ-ସ୍ପୋର୍ଟସ ଏଡ଼ିସନ୍' କାର୍ଯ୍ୟକ୍ରମ ୨୭ ତାରିଖ ଦିନ ୨୦୦ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜନ କରାଯାଇଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଥିଲା । କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ 'ଖେଲୋ ବି ବାତ୍-ପିଏମ୍ ମୋଦୀ କେ ସାଥ୍' ସଂକ୍ରାନ୍ତୀୟ ଆଲୋଚନା ନେଇ ଅଧ୍ୟକ୍ଷ ସମ୍ୟକ୍ ସୂଚନା ଦେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇ ଥିବାରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ ହେବ ବୋଲି ଆଶା ପ୍ରକଟ କରିଥିଲେ । ପୁରୀ ଜିଲ୍ଲା ଯୁବ ଅଧିକାରୀ ସୁଶ୍ରୀ ସଂଗୀତା ମହାପାତ୍ର ସମ୍ମିଳନୀରେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ସୂଚନା ପ୍ରଦାନ କରି ଗ୍ରାମାଂଚଳ ଜନ ପ୍ରତିନିଧି, ବିଧାୟକ, ସାଂସଦ, ପୌରାଂଚଳ ସଦସ୍ୟ ବୃନ୍ଦ ଯୋଗ ଦେବେ ବୋଲି ପ୍ରକାଶ କରିଥିଲେ । ମହାନ୍ ହକି ଖେଳାଳୀ ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ପାଳନ ଅବସରରେ ଯୁବ ସହଭାଗିତା, କ୍ରୀଡ଼ାର ବିକାଶ ଏବଂ ରାଷ୍ଟ୍ର ନିର୍ମାଣ ଦିଗରେ ଯୁବକ ମାନଙ୍କୁ ପ୍ରୋତ୍ସାହନ ଦେବା ସରକାରଙ୍କ ଲକ୍ଷ୍ୟ ବୋଲି ସୂଚନା ଦେଇ 'ମାଇଁ ଭାରତ ପୋର୍ଟାଲ'ରେ ୧୫ ବର୍ଷରୁ ୨୯ ବର୍ଷ ଯୁବକ, ଯୁବତୀମାନେ ପୀକରଣ କରି ସମସ୍ତ ଯୋଜନାରେ ସାମିଲ ହେବା ପାଇଁ ଅନୁରୋଧ କରିଥିଲେ ।

## ଯାଜପୁର - ଚଣ୍ଡୀଖୋଲରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ

ଯାଜପୁର,(ନିପ୍ର): ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟକର ଓ ଗୁଣବତ୍ତାପୂର୍ଣ୍ଣ ଖାଦ୍ୟ ଯୋଗାଇଦେବା ଲକ୍ଷ୍ୟରେ ଯାଜପୁର ଟାଉନ୍ ଏବଂ ଚଣ୍ଡୀଖୋଲ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏକ ବଡ଼ଧରଣର ଅଚାନକ ଚଢ଼ାଉ କରାଯାଇଛି। ଏହି ଯାଞ୍ଚ ସମୟରେ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଓ ନିମ୍ନମାନର ମନେହେଉଥିବା ପ୍ରାୟ ୧ କ୍ୱିଣ୍ଟାଲ (୧୦୦ କିଗ୍ରା) ଛେନା ଏବଂ ୬୦ କିଲୋଗ୍ରାମ ମିଠା ଜବତ କରାଯାଇ ତୁରନ୍ତ ନଷ୍ଟ କରାଯାଇଛି। ସୂଚନାଯୋଗ୍ୟ ଯେ, ଯାଜପୁର ଖାଦ୍ୟ ସୁରକ୍ଷା ଅଧିକାରୀ ଜୟ ପ୍ରକାଶ ସୋରେନ୍ ଏବଂ କେନ୍ଦୁଝରରୁ ଯାଜପୁର ପାଇଁ ବିଶେଷ ଭାବେ ନିୟୋଜିତ ହୋଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ଅନିଲ କୁମାର ରଣାଙ୍କ ମିଳିତ ନେତୃତ୍ୱରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ବିଭାଗୀୟ ଟିମ୍ ଯାଜପୁର ଟାଉନ୍ ଓ ଚଣ୍ଡୀଖୋଲର ବିଭିନ୍ନ ମିଠା ଦୋକାନ, ଖାଦ୍ୟ ବିକ୍ରି କେନ୍ଦ୍ର ସହ ବିଭିନ୍ନ ଅଞ୍ଚଳରୁ ଛେନା ଯୋଗାଣ କରୁଥିବା ଗାଡ଼ିଗୁଡ଼ିକୁ ଅଚାନକ ଅଟକାଇ କଡ଼ା ଯାଞ୍ଚ କରିଥିଲେ। ସନ୍ଦେହଜନକ ଖାଦ୍ୟ ଦ୍ରବ୍ୟଗୁଡ଼ିକର ନମୁନା (ସାମ୍ପୁଲ) ସଂଗ୍ରହ କରାଯାଇ ଅଧିକ ପରୀକ୍ଷା ପାଇଁ ରାଜ୍ୟ ଖାଦ୍ୟ ପରୀକ୍ଷାଗାର (ଲାବୋରେଟରୀ) କୁ ପଠାଯାଇଛି। ଏଥିସହିତ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ କରିଥିବା ଓ ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟବସାୟ କରୁଥିବା ଅସାଧୁ ବ୍ୟବସାୟୀଙ୍କୁ କଡ଼ା ଚେତାବନୀ ନୋଟିସ୍ ଜାରି କରାଯାଇଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସହ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ଏବଂ ନିମ୍ନମାନର ଓ ଭେଜାଲ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଏହିପରି କଡ଼ା କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇଛି।

# ଦୋକାନ ଘରେ ଶିଶୁଙ୍କ ଭବିଷ୍ୟତ !

### ୫ ବର୍ଷ ହେଲା କମ୍ୟୁନିଟି ହଲ ଓ ଦୋକାନ ଗୃହ ସାଜିଛି ଅଙ୍ଗନୱାଡି କେନ୍ଦ୍ର

ଗୋଲାମୁଣ୍ଡା,(ନିପ୍ର): ଛୋଟ ଛୋଟ କୋମଳମତି ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା ଓ ପୋଷଣର ଭିତ୍ତି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରୁଥିବା ବେଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତ ସଦର ଚଲାନପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରର ଅବ୍ୟବସ୍ଥା ଏବେ ଚିନ୍ତାର କାରଣ ପାଲଟିଛି। କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ ଭଡ଼ା ଦୋକାନ ଗୃହରେ ଶିଶୁମାନଙ୍କୁ ପ୍ରାକ୍-ପ୍ରାଥମିକ ଶିକ୍ଷା ଦିଆଯାଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, କେତେବେଳେ ଦୋକାନ ଗୃହ ଏବଂ ଅନ୍ୟ ସମୟରେ ଉପଲବ୍ଧ ସାଧାରଣ ଗୃହରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲୁଥିବା କୁହାଯାଉଛି। ଫଳରେ ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ, ସ୍ୱଚ୍ଛ ଓ ଶିକ୍ଷା ଅନୁକୂଳ ପରିବେଶ ନିଶ୍ଚିତ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଏହା ସହିତ ଏକା



ସ୍ଥାନରେ ଶିଶୁମାନଙ୍କ ପାଠପଢ଼ା ସହ ଖାଦ୍ୟ ପ୍ରସ୍ତୁତି ଓ ରୋଷେଇ କାର୍ଯ୍ୟ ହେଉଥିବାରୁ ଅସୁବିଧା ସୃଷ୍ଟି ହେଉଥିବା ଅଭିଯୋଗ ରହିଛି। ଶିଶୁମାନଙ୍କ ଶିକ୍ଷା ପରିବେଶ, ସ୍ୱଚ୍ଛତା ଓ ସୁରକ୍ଷା ଦୃଷ୍ଟିରୁ ପାଠପଢ଼ା ସ୍ଥାନ ଓ ରୋଷେଇ ବ୍ୟବସ୍ଥା ପୃଥକ ରହିବା ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କେନ୍ଦ୍ର ପାଇଁ ନିଜସ୍ୱ ଗୃହ ନିର୍ମାଣ ନିମନ୍ତେ ପାଣ୍ଠି ଆସିଥିବା କୁହାଯାଉଥିଲେ ମଧ୍ୟ ଜମି ଚିହ୍ନଟ ହୋଇନଥିବାରୁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ଜମି ଚିହ୍ନଟ ଓ ହସ୍ତାନ୍ତର ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ଶିଶୁମାନଙ୍କୁ ଏଭଳି ଅସ୍ଥାୟୀ ବ୍ୟବସ୍ଥାରେ ରହିବାକୁ ପଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୀର୍ଘଦିନ ଧରି ସମସ୍ୟା ରହିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ ହୋଇନଥିବାରୁ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଙ୍ଗନୱାଡ଼ି କେନ୍ଦ୍ର ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା ସହ ପୋଷଣ ଓ ଯନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହୋଇଥିବାରୁ ଏହାର ଭିତ୍ତିଭୂମି ସୁବିଧା ଉପରେ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଦାବି ହୋଇଛି। ତେଣୁ ଜମି ଚିହ୍ନଟ ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରି ଅନୁମୋଦିତ ପାଣ୍ଠିରେ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହା ସହିତ ଶିଶୁମାନଙ୍କ ପାଇଁ ସୁରକ୍ଷିତ, ସ୍ୱଚ୍ଛ ଓ ଶିକ୍ଷା ଅନୁକୂଳ ଅସ୍ଥାୟୀ ବ୍ୟବସ୍ଥା କରିବାକୁ ମଧ୍ୟ ସେମାନେ ଅନୁରୋଧ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ, ତାହାକୁ ନେଇ ଏବେ ଅଭିଭାବକ ଓ ଅଞ୍ଚଳବାସୀଙ୍କ ନଜର ପ୍ରଶାସନ ଉପରେ ରହିଛି।

# ଅଲାରପୁର ହରପାର୍ବତୀପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଁ ଅଞ୍ଚଳବାସୀଙ୍କ ଦାବି

ପିପିଲି,(ନିପ୍ର): ଓଡ଼ିଶାରେ ବିଭିନ୍ନ ସ୍ଥାନରେ ମହାଦେବ ଶୈବ ପୀଠଗୁଡ଼ିକରେ ପୂଜା ପାଇ ଆସୁଥିବା ବେଳେ ମାଆ ପାର୍ବତୀ ମହାଦେବଙ୍କ ପାର୍ଶ୍ୱ ଉତ୍ତର ଦିଗ ପାର୍ଶ୍ୱରେ ପୂଜା ପାଇ ଆସୁଥିବା ଅନେକ ଶୈବ ପୀଠରେ ଦେଖିବାକୁ ମିଳେ। କିନ୍ତୁ ସାରା ବିଶ୍ୱରେ ଏମିତି ଏକ ଶୈବପୀଠ ରହିଛି ଯେଉଁଠି ଏକ ମନ୍ଦିରରେ ଉଭୟ ମନ୍ଦିରର ମୁଖ ଶାଳା ଗୋଟିଏ ରହିଛି ଯାହାକି ଉଭୟ ମା ପାର୍ବତୀ ଓ ଶିବ ସାମ୍ନାସାମ୍ନି ଅଛନ୍ତି । ଏଭଳି ମହାଦେବ ଓ ପାର୍ବତୀ ସ୍ଥାନକୁ ସ୍ଥାନୀୟ ଅଞ୍ଚଳର ଭକ୍ତ ମାନଙ୍କର ସ୍ରୋତ ଛୁଟିବାରେ ଲାଗିଛି।

ବିଶେଷ କରି ସପ୍ତାହର ଶନିବାର ଓ ସୋମବାର ମୁଖ୍ୟଦିନ ଥାଏ ବୋଲି ପୂଜକ ମାନେ କହିବା ସହିତ ଭକ୍ତ ମାନେ କହିଛନ୍ତି। ଆଉ ମଧ୍ୟ କହିଛନ୍ତି ଜାଗର ଅମାବାସ୍ୟାରେ ବ୍ରତ କରି ଉପାସନାରେ ରହି ପୀଠରେ ଜାଗର ଜାଳିଲେ ବହୁ ପୁଣ୍ୟ ମିଳିଥାଏ। ଏଭଳି ମନ୍ଦିର ଓ ପୀଠ ଏକ ମାତ୍ର ରହିଛି ଓଡ଼ିଶାର ପୁରୀ ଜିଲ୍ଲା ପିପିଲି ବ୍ଲକ ରୂପଦେଇପୁର ପଞ୍ଚାୟତ ଅଲାରପୁର ଗାଁରେ। ସୂଚନା ଅନୁସାରେ ପୂଜକ ମାନଙ୍କ ଠାରୁ ପ୍ରକାଶ



ଆଜକୁ ୬/୭ ଶହ ବର୍ଷ ପୂର୍ବେ ବୈଷ୍ଣବ ଧର୍ମ ପ୍ରଚାରକ ଅଲାରନାଥ ପୁରୀ ଶ୍ରୀକ୍ଷେତ୍ର ଧାମ ଆସି ଥିଲେ । ସେହି ସମୟରେ ଚନ୍ଦନପୁର ପାର୍ଶ୍ୱ ଘଞ୍ଚ ଜଙ୍ଗଲ ବାଲିଆ ଠାରେ ଏକ ଶୈବ ମନ୍ଦିର ଦେଖିବାକୁ ପାଇଥିଲେ । ସେଠାରେ ଜଣେ ଭକ୍ତ ଦୈନିକ ଶୈବ ପୀଠକୁ ଯାଉଥିବା ବେଳେ ସେ ଅଲରାନାଥଙ୍କୁ ଦର୍ଶନ ପାଇ ଥିଲେ। ଦର୍ଶନ ପାଇବା ପରେ ସେହିଦିନ ରାତ୍ରରେ ଭକ୍ତ ଜଣକ ସ୍ୱପ୍ନ ଦେଖି ଜାଣିବାକୁ ପାଇଥିଲେ ଯେ ତା ପରଦିନ ମହାଦେବ ଦର୍ଶନ ପାଇଁ ଯାଉଥିବା ବେଳେ ବାଟରେ ଏକ କଳା ରଙ୍ଗର ଗାଇ ଯେଉଁ ଠାରେ କ୍ଷୀର ଦେଉଥିବା ସେହିଠାରେ ହିଁ ମହାଦେବଙ୍କୁ ଦର୍ଶନ କରିବେ। ଭକ୍ତ ଜଣକ ତା ପରଦିନ ଯାଉଥିବା ବେଳେ ଘଞ୍ଚ ଜଙ୍ଗଲରେ ଏ ସବୁ ଦେଖି ସେହି ଦିନଠାରୁ ଦର୍ଶନ କରି ଆସୁଥିଲେ ।କିଛି ଦିନ ପରେ ଶ୍ରୀ କ୍ଷେତ୍ର ଆସି ଥିବା ରାମାନନ୍ଦ ଆଚାର୍ଯ୍ୟ ନାମକ ରାଜା ଏହି ମହାଦେବଙ୍କୁ ଦର୍ଶନ କରିବା ଲାଗି ବାଲିଆର ଗ୍ରାମକୁ ଆସିଥିବା ବେଳେ ସେଠାରେ ଥିବା ଏକ ପୋଖରୀ କରିବାକୁ ଚାହିଁ ଥିଲେ। ଯାହାକୁ ରାମାନନ୍ଦ ଲୋକ ଲଗାଇ ପୋଖରୀ ପାହାଚ ସଫା ସମୟରେ ଏକ ପଥର ସଜାଡ଼ିବା ସମୟରେ ଏକ ବୀଣା ଧାରିଣୀ ମୂର୍ତ୍ତି ପାଇ ଥିଲେ। ସେଠାରୁ ମୂର୍ତ୍ତି ଆଣି ଶିବଙ୍କ ପାର୍ଶ୍ୱରେ ସ୍ଥାପନ କରି ବାରୁ ସେହି ଦିନ ଠାରୁ ସେହି ଦିନ ଠାରୁ ମା ପାର୍ବତୀ ନାମରେ ପୂଜା ପାଇ ଆସୁ ଅଛନ୍ତି। ଉଭୟ ମହାଦେବ ଓ ପାର୍ବତୀଙ୍କ ନୀତି ଭୋଗ ଯଥା ବିଧିରେ ଚାଲି ଥିବା ବେଳେ ମୁଖ୍ୟ ପର୍ବ ହେଉଛି ଜାଗର ଯାତ୍ରା, ଷୋହଳ ପୂଜା। ତେଣୁ ଏହି ହର ଦୁର୍ଗା ଓଡ଼ିଶାରେ ଏକମାତ୍ର ଥିବା ଜଣାଯାଇଛି। ଉଭୟ ଶିବ ଏବଂ ପାର୍ବତୀଙ୍କ ମୁଖ ସାମ୍ନା ସାମନି ଥିବା ବେଳେ ରୀତିନୀତି ଶେଷ ପରେ ଉଭୟଙ୍କର ଦ୍ୱାର ବନ୍ଦ ହୋଇ ଥାଏ। ୧୯୮୨ ମସିହାରେ ହୋଇ ଥିବା ଭୟଙ୍କର ବନ୍ୟା ଭାର୍ଗବୀ ନଦୀରେ ପ୍ରବାହିତ ହେଉ ଥିବା ବେଳେ ସେ ସମୟରେ ଭାର୍ଗବୀ ନଦୀର ଡାହାଣ ପାର୍ଶ୍ୱ ବନ୍ଧ ମୌଜି ବେଗ ଠାରୁ ବଳପୁର ପର୍ଯ୍ୟନ୍ତ ବନ୍ଧ ଭୁଶୁଡି ଯିବାକୁ ବସି ଥିବା ବେଳେ ସେ ସମୟରେ ଅଞ୍ଚଳବାସୀଙ୍କର ସତ୍ତା ଉଭାନ ହୋଇ ଯିବା ଆଶଙ୍କା ଉପୁଜିଥିଲା। ସେତେବେଳେ ହର ପାର୍ବତୀଙ୍କୁ ଭରସା କରି ଉଭୟଙ୍କ କବାଟ ଉପାଡି ଭାର୍ଗବୀ ନଦୀରେ ଭସାଇ ଦେଇ ଥିଲେ। ଯାହାକି ବଡ଼ ବିପଦରୁ ଟଳି ଯାଇ ଥିବା ବେଳେ ସେବେ ଠାରୁ ଉଭୟ ହର ଏବଂ ପାର୍ବତୀଙ୍କ ମୁହାଁମୁହିଁ ହୋଇ ଚାହିଁ ବସି ଛନ୍ତି ବୋଲି ପୂଜକ ମାନେ କହିଛନ୍ତି। ଏହି ଶୈବ ପୀଠକୁ ସରକାରୀ ସ୍ତରରେ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଁ ଅଞ୍ଚଳବାସୀ ଦାବି କରି ଛନ୍ତି। ଏଦିଗରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ନଜର ଦେଇ ହର ପାର୍ବତୀ ପୀଠକୁ ପର୍ଯ୍ୟଟନ ସ୍ଥଳୀରେ ମାନ୍ୟତା ଦେବାରେ ପଦକ୍ଷେପ ନେବାକୁ ସାଧାରଣରେ ଦୃଢ ଦାବି ଉପସ୍ଥାପିତ ହୋଇଛି।

ତିଥି :(ଚତୁର୍ଦ୍ଦଶୀ): (ଧନିଷ୍ଠା ମକର)
ଅମୃତ ବେଳା: ରାତ୍ରି ଘ ୧।୫୫ ଗତେ ଘ୩।୩୯ ମଧ୍ୟେ

## ଆଜିର ଅନୁଚିନ୍ତନ

ଅହିଂସା, ସମତା, ସନ୍ତୋଷ, ତପ, ଦାନ, ଯଶ ଓ ଅପଯଶ- ପ୍ରାଣୀମାନଙ୍କର ଏହି ନାନାବିଧ ପୃଥକ୍ ପୃଥକ୍ ଭାବ ମୋ’ଠାରୁ ହିଁ ଉତ୍ପନ୍ନ ହୁଅନ୍ତି ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ସର୍ପ ଦଂଶନ ଓ ସଚେତନତା

ନିକଟରେ ଦିନକ ମଧ୍ୟରେ ସାପ କାମୁଡ଼ାରେ ଆମ ରାଜ୍ୟର ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ଘଟିଛି। ବର୍ତ୍ତମାନ ଲଘୁଚାପଜନିତ ପାଣିପାଗର ସ୍ଥିତି, ବର୍ଷା ଓ ବନ୍ୟାପ୍ଲାବିତ ଅଞ୍ଚଳରେ ସାପଙ୍କ ବିଚରଣ ଅଧିକା ରହିବା ଏବଂ ଏସବୁ ସ୍ଥିତି ସାପ କାମୁଡ଼ାର ଆଶଙ୍କାକୁ ବୃଦ୍ଧି କରିବା ସ୍ୱାଭାବିକ। ରାଜ୍ୟରେ ମୌସୁମୀ ଓ ବନ୍ୟା ସ୍ଥିତି ଆଧାରରେ ପ୍ରତିବର୍ଷ ପ୍ରାୟ ୭ଶହରୁ ୧୨ଶହ ଲୋକଙ୍କ ମୃତ୍ୟୁ ସାପ କାମୁଡ଼ାରେ ଘଟୁଥିବା ଏବଂ ବିଶେଷ କରି ବାଲେଶ୍ୱର, କଟକ, ମୟୂରଭଂଜ ଓ କେନ୍ଦୁଝରରେ ମୃତକଙ୍କ ସଂଖ୍ୟା ଅଧିକ ରହୁଥିବା ଦୃଷ୍ଟିରୁ ଏସବୁ ସର୍ପଦଂଶନଜନିତ ଅଧିକ ପ୍ରବଣ ଭାବେ ଜଣାଶୁଣା।

ସାପକାମୁଡ଼ା ଯୋଗୁଁ ମୃତ୍ୟୁ ସଂକ୍ରାନ୍ତ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ମୃତକଙ୍କ ଆତ୍ମୀୟସ୍ୱଜନଙ୍କୁ ୪ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇବା ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ରହିଛି। ତେବେ ମୃତ୍ୟୁ ଘଟଣା ନେଇ ୨୪ ଘଣ୍ଟା ମଧ୍ୟରେ ଆର୍‌ଆଇଙ୍କୁ ରିପୋର୍ଟ ହେବା ଆବଶ୍ୟକ। ସର୍ପଦଂଶନଜନିତ ମୃତ୍ୟୁ ୨୦୧୫ରେ ରାଜ୍ୟ ସରକାରଙ୍କ ଦ୍ୱାରା ବିପର୍ଯ୍ୟୟ ଭାବରେ ଘୋଷିତ ହୋଇଛି। ସୁତରାଂ ଏ ବିପର୍ଯ୍ୟୟ ପ୍ରତି ପ୍ରତ୍ୟେକ ବ୍ୟକ୍ତି ସଚେତ ରହିବା ସାଙ୍ଗକୁ ସର୍ପଦଂଶନ ଆଶଙ୍କା କମ୍ କରିବାରେ ପଦକ୍ଷେପ ନେବା ଆବଶ୍ୟକ।

ବିଶେଷଜ୍ଞଙ୍କ କହିବା କଥା ସାପ କାମୁଡ଼ାରୁ ରକ୍ଷା ପାଇବା ପାଇଁ ଆମ ରାଜ୍ୟରେ ଏଯାବତ୍ ଯଥେଷ୍ଟ ସଚେତନତା ବ୍ୟବସ୍ଥା ଲକ୍ଷ୍ୟ କରାଯାଉନାହିଁ। ଏବେ ବି ପାରମ୍ପରିକ ଗୁଣିଗାରେଡ଼ି ଚିକିତ୍ସା ପ୍ରତି କେଉଁଠି କେଉଁଠି ନିର୍ଭରତା ପରବର୍ତ୍ତୀ ସମୟରେ ବିପଦଜ୍ଜନକ ସାବ୍ୟସ୍ତ ହେଉଛି। ସାପକାମୁଡ଼ା ଜାଣିବା ମାତ୍ରେ ସମୟ ନଷ୍ଟ ନ କରି ଯଥାଶୀଘ୍ର ଡାକ୍ତରଖାନାରେ ରୋଗୀଙ୍କୁ ପହଞ୍ଚାଇ ଚିକିତ୍ସା କରାଇବା ଜରୁରୀ।

ଆମ ଦେଶରେ ଦେଖାଯାଉଥିବା ପ୍ରାୟ ୩ଶହ କିସମ ସାପ ମଧ୍ୟରୁ ୩୦ ଭାଗ ବିଷଧର ଏବଂ ଏପରି ସାପଦଂଶନ କ୍ଷେତ୍ରରେ ପ୍ରାୟ ୫୦ ଭାଗ ଲୋକ ଗୁରୁତର ହୋଇଥାନ୍ତି । ସେଥିମଧ୍ୟରୁ ୨ରୁ ୩ ଭାଗ ଦଂଶିତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥାଏ। ଗୁରୁତର ରୋଗୀଙ୍କୁ ଯେତେ ଶୀଘ୍ର ସମ୍ଭବ ଚିକିତ୍ସା ନ କଲେ ମୃତ୍ୟୁ ଆଶଙ୍କା ବଢିଥାଏ। ମନେ ରଖିବାକୁ ହେବ ଯେ ଦଂଶନ ପରେ ଭୟଭୀତ ନ ହେବା ନିତାନ୍ତ ଆବଶ୍ୟକ। ଏପରି ଭାବେ ବିଶେଷଜ୍ଞମାନେ ମତ ରଖନ୍ତି। ସାପକାମୁଡ଼ା ଇଂଜେକ୍ସନ ଓ ଅନ୍ୟାନ୍ୟ ଔଷଧ ଓ ଡାକ୍ତରଙ୍କ ପରାମର୍ଶ ଅନୁସାରେ କରିବା ଦରକାର। ଝଡ଼ାଫୁଙ୍କା, ଗୁଣିଗାରେଡିରେ ସମୟ ନଷ୍ଟ କଲେ ବିଷ ସହଜରେ ଶରୀରରେ ମାଡ଼ିଯାଇପାରେ। ଯାହାଦ୍ୱାରା ବ୍ୟକ୍ତିକୁ ବଞ୍ଚାଇବା କଷ୍ଟକର ହୋଇଥାଏ। ସର୍ପଦଂଶନର ଆଶଙ୍କା ଏଡ଼ାଇବା ପାଇଁ ସର୍ବଦା ଘର ଆଖପାଖ ବୁଦା, ଜଙ୍ଗଲ ଓ ଅଳିଆ ଗଦାକୁ ସଫେଇ କରିବା ସାଙ୍ଗକୁ ଘର ପରିସରରେ ବିନା ଆଲୁଅରେ ଚଳାଚଳ ନ କରିବା, ମୋଟ ଉପରେ ଖଟ ତଥା ମଶାରି ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ମଶାରିର ଆବଶ୍ୟକତା ସଂପର୍କରେ ସାମାନ୍ୟ ଏଠାରେ ଆଲୋଚନା କରାଯାଇପାରେ। ବଲାଙ୍ଗୀର ବଙ୍ଗୋମୁଣ୍ଡା ଅଞ୍ଚଳରେ ଏକ ପୋଲ ନିର୍ମାଣ କାମରେ କିଛି ଶ୍ରମିକ ନିୟୋଜିତ ଥିଲେ। ରାତିରେ ଖାଇପିଇ ଖୋଲା କ୍ୟାମ୍ପରେ ଶୋଇଥିବାବେଳେ ବିଷଧର ସାପ ରାତିରେ ୩ ଜଣଙ୍କୁ କାମୁଡ଼ା ଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଅନୁଗୁଳ ଜରପଡ଼ା ଅଞ୍ଚଳରେ ମା’ଝିଅ ଖୋଲାରେ ଶୋଇଥିବାବେଳେ ବିଷଧର ସାପ କାମୁଡ଼ାରୁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଯଦି ଉଭୟ ଘଟଣାରେ ମଶାରି ଥାଆନ୍ତା, ହୁଏତ ଜୀବନ ବଞ୍ଚିଯାଇଥାନ୍ତା। ସୁତରାଂ ସଚେତନତା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ସଚେତନତା, ସ୍ୱାସ୍ଥ୍ୟଭିତ୍ତିଭୂମି ପରସ୍ପର ପରିପୂରକ। ସୁତରାଂ ସର୍ପଦଂଶିତ ବ୍ୟକ୍ତି କେଉଁଠି ହେଲେ ଉପଯୁକ୍ତ ଚିକିତ୍ସାରୁ ବଂଚିତ ନ ହେଉ।

# ଜମ୍ମୁ ଓ କାଶ୍ମୀରର ପ୍ରତି ବଦଳୁଛି ଆମେରିକାର ଆଭିମୁଖ୍ୟ

### ଡ. ପ୍ରମୋଦ କୁମାର ପଣ୍ଡା

> “ ପାକିସ୍ତାନ ଆମେରିକା ଆଗରେ ପୁଣି ଥରେ କାଶ୍ମୀର ପ୍ରସଙ୍ଗ ଉଠାଇଲା। ତାକୁ ସମର୍ଥନ ମଧ୍ୟ ମିଳିଲା। ଯେବେ ଯେବେ ଆମେରିକାକୁ ପାକିସ୍ତାନର ଆବଶ୍ୟକତା ପଡ଼ିଛି ତେବେ ତେବେ ସେ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ପଟକୁ ଝୁଙ୍କିଛି।
>
> ମସିହା ୧୯୮୨। ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ। ତାଙ୍କ ଆମେରିକା ଗସ୍ତ ପରେ ଅଗଷ୍ଟ ମାସରେ ପାକିସ୍ତାନ ରାଷ୍ଟ୍ରପତି ଜିଆ-ଉଲ-ହକ ମଧ୍ୟ ଆମେରିକା ଗସ୍ତ କଲେ। ତତ୍‌କାଳୀନ ରାଷ୍ଟ୍ରପତି ରୋନାଲ୍ଡ ରିଗାନଙ୍କ ସହ କଥାବାର୍ତ୍ତା କରି କୌଣସିମତେ କାଶ୍ମୀର ପ୍ରସଙ୍ଗକୁ ନେଇ ଇଣ୍ଡୋ-ପାକ୍ ଆଲୋଚନା ପାଇଁ ତାଙ୍କୁ ରାଜି କରାଇଲେ। ଚାରିବର୍ଷରେ ଚାରି ରାଉଣ୍ଡ ଆଲୋଚନା ହେଲା। କିନ୍ତୁ କିଛି ସୁଫଳ ମିଳିଲା ନାହିଁ।

ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଜିୟୋ ଗୋର ନିକଟରେ ଜମ୍ମୁ ଓ କାଶ୍ମୀର ଗସ୍ତ କରିଥିଲେ। ଧାରା ୩୭୦ ଉଚ୍ଛେଦ ପରେ ଏହା ସେଠାକୁ ଜଣେ ରାଷ୍ଟ୍ରଦୂତଙ୍କ ପ୍ରଥମ ଗସ୍ତ ଥିଲା। ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଓ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସହ ତାଙ୍କର ସକାରାତ୍ମକ ଆଲୋଚନା ହୋଇଥିଲା। ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୟାନ ଜାରି କରିଥିଲେ। ଜମ୍ମୁ ଓ କାଶ୍ମୀର ଭାରତର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଓ ଆମେରିକା ଜାରି କରିଥିବା ଭ୍ରମଣ ନିର୍ଦ୍ଦେଶକାର ସମୀକ୍ଷା ଆବଶ୍ୟକ। ପାରମ୍ପରିକ ଶିକାରାରେ ସିଏ ଡାଲ ହ୍ରଦ ବୁଲି ଦେଖିଥିଲେ। ତାଙ୍କର ବୟାନ ଏଭଳି ସମୟରେ ଆସିଛି ଯେତେବେଳେ ପାକିସ୍ତାନ ଏବଂ ଆମେରିକା ମଧ୍ୟରେ ନିବିଡ଼ତା ବଢ଼ିଛି। ଫିଲ୍ଡ଼ ମାର୍ଶଲ ଅସୀମ ମୁନିରଙ୍କୁ ହ୍ୱାଇଟ ହାଉସକୁ ନିମନ୍ତ୍ରଣ ମିଳିଛି। ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ମଧ୍ୟାହ୍ନ ଭୋଜନ କରିଛନ୍ତି। ଇରାନ-ଆମେରିକା ଯୁଦ୍ଧ ବିରତି ପାଇଁ ପାକିସ୍ତାନ ମଧ୍ୟସ୍ଥତା କରିଛି। ଟ୍ରମ୍ପ ପରିବାର ପାକିସ୍ତାନ ସହ କ୍ରିପଟୋ ଡିଲ୍ ସ୍ୱାକ୍ଷର କରିଛି। ଯେସାକୁ ତେସା ନୀତିରେ ଭାରତରେ ଥିବା ପାକିସ୍ତାନ ହାଇକମିଶନରର ଅବୈଧ କବ୍‌ଜା ଉପରେ ବୁଲଡୋଜର ଚାଲିଛି। ସର୍ଜିୟୋ ଗୋରଙ୍କ ବୟାନରେ ପାକିସ୍ତାନ ବ୍ୟସ୍ତବିବ୍ରତ, ଚିନ୍ତିତ। ଆମେରିକା ସ୍ଥିତ ପାକିସ୍ତାନ ହାଇକମିଶନ ଏହାକୁ ଦାୟିତ୍ୱହୀନ ବୟାନ କହିଛି। ଗୋର କାଶ୍ମୀରର ଇତିହାସ ଏବଂ ଆମେରିକାର କାଶ୍ମୀର ନୀତି ଜାଣିବା ଉଚିତ ବୋଲି ମତ ରଖିଛି। କିନ୍ତୁ ପାକିସ୍ତାନ ହାଇକମିଶନର ବୋଧେ ଭୁଲିଯାଉଛନ୍ତି ଯେ ସର୍ଜିୟୋ ଗୋର ଦକ୍ଷିଣ ଏବଂ ମଧ୍ୟଏସିଆ ପାଇଁ ଟ୍ରମ୍ପଙ୍କ ବିଶେଷ ଦୂତ। ତାଙ୍କ ନିକଟତମ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ। ଘନିଷ୍ଠ ଓ ବିଶ୍ୱାସୀ। ଟ୍ରମ୍ପ ପ୍ରଶାସନ ପାଇଁ ୪୦୦୦ ବିଶ୍ୱସ୍ତ ଲୋକ ଚୟନ କରିଥିବା ବ୍ୟକ୍ତି। ମେୟର ଅଫ୍ ମାର-ଏ- ଲାଗୋ। ମାର-ଏ-ଲାଗୋ ଡୋନାଲଡ ଟ୍ରମ୍ପଙ୍କ ଫ୍ଲୋରିଡ଼ା ସ୍ଥିତ ସେହି ପ୍ରାସାଦ ଯେଉଁଠି ସିଏ ରାଜନୈତିକ ବୈଠକ କରିଥାନ୍ତି। ସର୍ଜିୟୋ ଗୋର ସେହିମାନଙ୍କ ମଧ୍ୟରୁ ଜଣେ ଯିଏ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ସିଧାସଳଖ ହଟ୍ ଲାଇନରୁ କଥାବାର୍ତ୍ତା କରିଥାନ୍ତି। ତେଣୁ ତାଙ୍କ ପ୍ରଦତ୍ତ ବୟାନ କେବଳ ଭାରତ ଓ ପାକିସ୍ତାନ ମଧ୍ୟରେ ସୀମିତି ରହିବ ନାହିଁ। ଦକ୍ଷିଣ ମଧ୍ୟ ଏସିଆ ସମେତ ସାରା ବିଶ୍ୱରେ ଗୁଞ୍ଜରିତ ହେବ। ତାଙ୍କ ବୟାନକୁ ଆମେରିକାର ଜମ୍ମୁ ଓ କାଶ୍ମୀର ପ୍ରତି ବଦଳୁଥିବା ଅଭିମୁଖ୍ୟର ଏକ ସଙ୍କେତ ରୂପେ ଧରାଯାଇପାରେ। କାରଣ ସେ ତାହା କହିଥାନ୍ତି ଯାହା ରାଷ୍ଟ୍ରପତି ଟ୍ରମ୍ପ ଚାହାନ୍ତି। ଅବଶ୍ୟ ଭାରତ ଉପରେ ତାଙ୍କ କୂଟନୈତିକ ବୟାନର କୌଣସି ଅନୁକୂଳ ବା ପ୍ରତିକୂଳ ପ୍ରଭାବ ନାହିଁ। କାରଣ ଜମ୍ମୁ ଓ କାଶ୍ମୀର ଭାରତର ଅଭିନ୍ନ ଅଙ୍ଗ ଥିଲା, ରହିଛି ଏବଂ ରହିବ।



୧୯୪୭ ମସିହାରେ ସ୍ୱାଧୀନ ଭାରତର ବିଭାଜନ ପରେ ପାକିସ୍ତାନ ଜମ୍ମୁ ଓ କାଶ୍ମୀର ତାର ଅଂଶ ବୋଲି ସଂଯୁକ୍ତ ରାଷ୍ଟ୍ରରେ ଅଭିଯୋଗ କଲା। ଭାରତ ଏହାର ତୀବ୍ର ବିରୋଧ କରିଥିଲା। ସେତେବେଳେ ଆମେରିକା ଓ ସୋଭିଏତ ସଂଘ ମଧ୍ୟରେ ଶୀତଳ ଯୁଦ୍ଧ ଲାଗିରହିଥାଏ।

ଆମେରିକାକୁ ଏପରି ଦେଶମାନଙ୍କର ଆବଶ୍ୟକତା ପଡିଲା ଯିଏ ସୋଭିଏତ ସଂଘ ବିରୋଧରେ ଓ ଆମେରିକା ସପକ୍ଷରେ ଯିବେ। ସୋଭିଏତ ସଂଘ, ଚୀନ ଓ ମଧ୍ୟ-ପ୍ରାଚ୍ୟର ନିକଟବର୍ତ୍ତୀ ଦେଶ ପାକିସ୍ତାନ। ଏହାର ଭୌଗୋଳିକ ସ୍ଥିତି ଆମେରିକା ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତେଣୁ କାଶ୍ମୀର ପ୍ରସଙ୍ଗରେ ଆମେରିକା ପାକିସ୍ତାନ ପଟକୁ ଢ଼ଳିବା ସ୍ୱାଭାବିକ। ୧୯୬୧ ମସିହାରେ ପାକିସ୍ତାନର ରାଷ୍ଟ୍ରପତି ଆୟୁବ ଖାନଙ୍କ ଆମେରିକୀୟ ତତ୍‌କାଳୀନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କ ସହ ସାକ୍ଷାତ ହୁଏ। କାଶ୍ମୀର ପ୍ରସଙ୍ଗ ଉପରେ ଭାରତ ସହିତ କଥାବାର୍ତ୍ତା ପାଇଁ ସେ ତାଙ୍କ ଉପରେ ଚାପ ପକାନ୍ତି। ଦୁଇ ଦେଶ ମଧ୍ୟରେ ଛଅ ରାଉଣ୍ଡ ଆଲୋଚନା ହୁଏ। କିନ୍ତୁ ଅସଫଳ ରହେ। ୧୯୬୨ ମସିହା ଭାରତ - ଚୀନ ଯୁଦ୍ଧ ବେଳେ ଆମେରିକାକୁ ଲାଗେ ଯେ ତା’ପାଇଁ ଭାରତ ମଧ୍ୟ ଜରୁରୀ। ତେଣୁ ତାର ଆଭିମୁଖ୍ୟରେ ପରିବର୍ତ୍ତନ ହୁଏ। ଭାରତକୁ ସମର୍ଥନ କରେ। ୧୯୭୧ ମସିହାରେ ଭାରତ ପାକିସ୍ତାନ ଯୁଦ୍ଧ ହେଲା। ପୂର୍ବ ପାକିସ୍ତାନ ସ୍ୱତନ୍ତ୍ର ବାଂଲାଦେଶର ରୂପ ନେଲା। ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସିମଲା ଠାରେ ବୈଠକ ବସିଲା। ଭାରତ-ପାକିସ୍ତାନ କାଶ୍ମୀରକୁ ଏକ ଦ୍ୱିପକ୍ଷୀୟ ପ୍ରସଙ୍ଗ ଓ ଏଥିରେ ତୃତୀୟ ପକ୍ଷର କୌଣସି ଦଖଲ ରହିବନାହିଁ ବୋଲି ନିଷ୍ପତ୍ତି ହେଲା ଓ ତାରି ଆଧାରରେ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା। କିନ୍ତୁ ୧୯୭୯ ମସିହାରେ ଯେତେବେଳେ ସୋଭିଏତ ସଂଘ ଆଫଗାନିସ୍ତାନକୁ ସେନା ପଠାଇବା ଆରମ୍ଭ କଲା ଆମେରିକାକୁ ପାକିସ୍ତାନର ଆବଶ୍ୟକତା ପଡ଼ିଲା।

ପାକିସ୍ତାନ ଆମେରିକା ଆଗରେ ପୁଣି ଥରେ କାଶ୍ମୀର ପ୍ରସଙ୍ଗ ଉଠାଇଲା। ତାକୁ ସମର୍ଥନ ମଧ୍ୟ ମିଳିଲା। ଯେବେ ଯେବେ ଆମେରିକାକୁ ପାକିସ୍ତାନର ଆବଶ୍ୟକତା ପଡ଼ିଛି ସେବେ ସେବେ ସେ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ପଟକୁ ଝୁଙ୍କିଛି।

ମସିହା ଥିଲା ୧୯୮୨। ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଥାଆନ୍ତି ଭାରତର ପ୍ରଧାନମନ୍ତ୍ରୀ। ତାଙ୍କ ଆମେରିକା ଗସ୍ତ ପରେ ଅଗଷ୍ଟ ମାସରେ ପାକିସ୍ତାନ ରାଷ୍ଟ୍ରପତି ଜିଆ-ଉଲ-ହକ ମଧ୍ୟ ଆମେରିକା ଗସ୍ତ କଲେ।ତତକାଳୀନ ରାଷ୍ଟ୍ରପତି ରୋନାଲ୍ଡ ରିଗାନଙ୍କ ସହ କଥାବାର୍ତ୍ତା କରି କୌଣସିମତେ କାଶ୍ମୀର ପ୍ରସଙ୍ଗକୁ ନେଇ ଇଣ୍ଡୋ-ପାକ୍ ଆଲୋଚନା ପାଇଁ ତାଙ୍କୁ ରାଜି କରାଇଲେ। ଚାରିବର୍ଷରେ ଚାରି ରାଉଣ୍ଡ ଆଲୋଚନା ହେଲା। କିନ୍ତୁ କିଛି ସୁଫଳ ମିଳିଲା ନାହିଁ।

୧୯୯୧ ମସିହାରେ ସୋଭିଏତ ସଂଘର ବିଘଟନ ଘଟିଲା। ତମାମ ଦେଶ ଖଣ୍ଡବିଖଣ୍ଡିତ ହେଲା। ରୁଷିଆ ଅଲଗା ହୋଇଗଲା। ସୋଭିଏତ ସଂଘର ଶକ୍ତି କମିବାକୁ ଲାଗିଲା। ପାକିସ୍ତାନରୁ ଆମେରିକାର ଦୂରତା ବଢ଼ିଲା। ପ୍ରଥମ ଥର ପାଇଁ ଆମେରିକା ୧୯୮୯ ମସିହା କାରଗିଲ ଯୁଦ୍ଧ ପାଇଁ ଭାରତ ସପକ୍ଷରେ ମୁହଁ ଖୋଲିଲା। ବିଲ କ୍ଲିଣ୍ଟନ ୨୦୦୦ ମସିହା ଭାରତ ଗସ୍ତ ବେଳେ ସ୍ପଷ୍ଟ ଘୋଷଣା କେଲେ ଯେ କାଶ୍ମୀର ପୂର୍ଣ୍ଣ ରୂପେ ଏକ ଦ୍ୱିପକ୍ଷୀୟ ପ୍ରସଙ୍ଗ। ଭାରତ ଏବଂ ପାକିସ୍ତାନର ସମସ୍ୟା। ତାଙ୍କ ସମସ୍ୟା ସେମାନେ ସମାଧାନ କରିବା ଉଚିତ। ଏଥିରେ ତୃତୀୟ ପକ୍ଷର ହସ୍ତକ୍ଷେପ ଠିକ୍ ନୁହେଁ। ଭାରତ-ପାକିସ୍ତାନ ମଧ୍ୟସ୍ଥତା ତାଙ୍କ ଗସ୍ତର ଉଦ୍ଦେଶ୍ୟ ନୁହେଁ। ଏହାପରେ ଭାରତ-ଆମେରିକା ସମ୍ବନ୍ଧ ମଜଭୁତ ହେବାକୁ ଲାଗିଲା। ପାକିସ୍ତାନକୁ ଆମେରିକାରୁ ମିଳୁଥିବା ପ୍ରାଣ ରକ୍ଷକ ଅମ୍ଳଜାନ ବନ୍ଦ ହୋଇଗଲା। ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଡୋନାଲଡ ଟ୍ରମ୍ପଙ୍କୁ ଭେଟି କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ପୁନଃ ଅନୁରୋଧ କଲେ। ଦୁଇ ଦେଶ ରାଜି ହେଲେ ମଧ୍ୟସ୍ଥତା କରିବାକୁ ସେ ପ୍ରସ୍ତୁତ ବୋଲି ଦେଇଥିବା ବିବୃତିକୁ ଭାରତ ବିରୋଧ କଲା। କାରଣ କାଶ୍ମୀର ବାସ୍ତବତଃ ଏକ ଦ୍ୱିପକ୍ଷୀୟ ପ୍ରସଙ୍ଗ।

କାଶ୍ମୀର ରାଜନୀତିର ଇତିହାସ ଅନୁଶୀଳନ କଲେ ବୁଝାପଡ଼େ ଯେ ଏହା ଭାରତ ଓ ପାକିସ୍ତାନର ନିଜର ସମସ୍ୟା। ଏଥିରେ ଅନ୍ୟ ଦେଶର କିଛି କରିବାର ନାହିଁ। ସ୍ୱାଧୀନ ଭାରତର ବିଭାଜନ ପରଠୁ ଏହି ପ୍ରସଙ୍ଗ ରହିଛି। କିନ୍ତୁ ଜମ୍ମୁ ଓ କାଶ୍ମୀର ପ୍ରତି ଆମେରିକାର ଆଭିମୁଖ୍ୟ ସମୟାନୁସାରେ ବଦଳିବାରେ ଲାଗିଛି। ଦେଖାଯାଉ, ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିୟୋ ଗୋରଙ୍କ ଶ୍ରୀନଗର ବୟାନ କୁଆଡ଼େ ଯାଉଛି।

ମୋ- ୭୯୭୮୨୮୩୧୯୦

# ଆଲିଆ ମୀର: ଜମ୍ମୁ ଓ କାଶ୍ମୀରର ପ୍ରଥମ ମହିଳା ବନ୍ୟଜନ୍ତୁ ଉଦ୍ଧାରକାରୀ

### ଆଫ୍ରୋଜ ଖାନ୍

ଛୋଟବେଳୁ ପଶୁ ପକ୍ଷୀଙ୍କ ପ୍ରତି ଥିବା ଭଲପାଇବା ଏବଂ କିଛି ପାରିପାର୍ଶ୍ୱିକ ଘଟଣା ପାଇଁ ଆଲିଆ ମୀର ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିବା ଦିଗରେ କାର୍ଯ୍ୟ କରିବା ପାଇଁ ମନସ୍ଥ କରିଥିଲେ। ପରବର୍ତ୍ତୀ ସମୟରେ ଲିଙ୍ଗଭିତ୍ତିକ ପକ୍ଷପାତ ଓ ସାମାଜିକ ପ୍ରତିବନ୍ଧକତାକୁ ଅତିକ୍ରମ କରି ସେ ଶହ ଶହ ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିଛନ୍ତି, ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ବାର୍ତ୍ତା ପ୍ରଚାର କରି ସ୍ଥାନୀୟ ଲୋକଙ୍କୁ ସଚେତନ କରିଛନ୍ତି, ଯାହା ତାଙ୍କୁ ନିଜ ଲକ୍ଷ୍ୟ ଦିଗରେ ସଫଳତା ପାଇବା ସହିତ ଜାମ୍ମୁ ଓ କାଶ୍ମୀରର ପ୍ରଥମ ମହିଳା ବନ୍ୟଜନ୍ତୁ ଉଦ୍ଧାରକାରୀ ଭାବରେ ପରିଚୟ ଦେଇଛି।



ଆଲିଆ ମୀର କୁହନ୍ତି, ‘ଆମ ସମାଜ ଏବେ ବି ପୁରୁଷପ୍ରଧାନ, ଯାହା ମହିଳାମାନଙ୍କୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ, ବିଶେଷକରି ଏପରି ଏକ ପେସାରେ, ଯାହାକୁ ଅଧିକାଂଶ ଲୋକ ମହିଳାଙ୍କ ପାଇଁ ଉପଯୁକ୍ତ ବୋଲି ଭାବନ୍ତି ନାହିଁ। ଜଣେ ଉଦ୍ଧାରକାରୀ ଭାବେ କାମ କରୁଥିବା ସମୟରେ ମୋତେ ପ୍ରାୟତଃ ଅଣଦେଖା ଏବଂ ଅପମାନିତ କରାଯାଇଛି। ମୋର ଏହି ପ୍ରୟାସ ପାଇଁ ଲୋକମାନେ ମତେ ଗୁରୁତ୍ୱ ଦେଉନଥିଲେ ଏବଂ ମୋ ପଛରେ ଅନେକ କଟାକ୍ଷ କରି କହୁଥିଲେ।’ ୨୦୦୬ ମସିହା ନଭେମ୍ବର ୧୭ ତାରିଖରେ ଏକ କଳା ଏସିଆଟିକ୍ ଭାଲୁ ଜଙ୍ଗଲରୁ ବାହାରି କାଶ୍ମୀରର ପୁଲୁୱାମା ଜିଲ୍ଲାର ମାଣ୍ଡୋରା ଗାଁ ଭିତରକୁ ପଶି ଆସିଥିଲା। ଗ୍ରାମବାସୀମାନେ ଭାଲୁଟିକୁ ମାରିବା ପାଇଁ ଗୋଡ଼ାଇବାରୁ ନିଜ ଜୀବନ ବଞ୍ଚାଇବାକୁ ଭାଲୁଟି ଭୟଭୀତ ହୋଇ ଏକ ଗଛ ଉପରକୁ ଚଢ଼ିଗଲା। ତଥାପି କ୍ରୋଧିତ ଜନତା ତା ଉପରକୁ ପଥର, କୁରାଢ଼ି ଓ ବାଡ଼ିରେ ଆକ୍ରମଣ କରିଥିଲେ। ଆହତ ଭାଲୁଟି ଜୀବନ ବଞ୍ଚାଇବା ପାଇଁ ଗଛ ଉପରେ ହିଁ ରହିଥିଲା। ଶେଷରେ ଉତ୍ତ୍ୟକ୍ତ ଲୋକମାନେ ବାଡ଼ି ଓ କାଠ ଦ୍ୱାରା ଅସହାୟ ଭାଲୁଟିକୁ ଜୀବନ୍ତ ଜାଳିଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଏହି ଘଟଣା ଭାଇରାଲ ହେବା ପରେ ବ୍ୟାପକ ଜନଅସନ୍ତୋଷ ସୃଷ୍ଟି ହୋଇଥିଲା ଏବଂ ଅନେକ ସଂଗଠନ ଏହି ନିର୍ମମ ହତ୍ୟାକୁ ତୀବ୍ର ନିନ୍ଦା କରିଥିଲେ।

ସେତେବେଳେ ଦିଲ୍ଲୀରେ ରହୁଥିବା କାଶ୍ମୀର ମହିଳା ଆଲିଆ ମୀର ଏହି ଭିଡ଼ିଓ ଦେଖି ଗଭୀର ଭାବରେ ମର୍ମାହତ ହୋଇଥିଲେ। କାରଣ ସେ ଛୋଟବେଳୁ ପଶୁପକ୍ଷୀଙ୍କ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ । ଘଟଣାଟି ତାଙ୍କ ନିଜ ରାଜ୍ୟରେ ଘଟିବା ହିଁ ତାଙ୍କୁ ଅଧିକ କଷ୍ଟ ଦେଇଥିଲା। ତାଙ୍କ ବାପା ଆହତ ପଶୁ ପକ୍ଷୀମାନଙ୍କୁ ଖାଇବାକୁ ଦେବା ସହିତ ସେମାନଙ୍କ ଯତ୍ନ ନେଉଥିଲେ। ଆଲିଆ ଓ ତାଙ୍କ ଭାଇଭଉଣୀମାନେ ଏଥିରେ ସହଯୋଗ କରୁଥିଲେ, ଯେଉଁଥିପାଇଁ ପଶୁପକ୍ଷୀଙ୍କ ପ୍ରତି ତାଙ୍କର ଗଭୀର ସହାନୁଭୂତି ଓ ମମତା ଜାଗ୍ରତ ହୋଇଥିଲା।

ଆଲିଆ ମୀର ନିଜ ଜନ୍ମ ସ୍ଥାନ କାଶ୍ମୀରରେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରି ଉଚ୍ଚ ଶିକ୍ଷା ପାଇଁ ଦିଲ୍ଲୀ ଯାଇଥିଲେ । ସେଠାରେ ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଏକ ସ୍କୁଲରେ ଗଣିତ ଶିକ୍ଷୟିତ୍ରୀ ଭାବେ କାମ ଆରମ୍ଭ କରିଥିଲେ ଏବଂ ନିଜ ପେସାଗତ ଜୀବନରେ ସମ୍ପୂର୍ଣ୍ଣଭାବେ ବ୍ୟସ୍ତ ହୋଇଯାଇଥିଲେ। ୨୦୦୨ ରେ ତାଙ୍କ ବିବାହ ବନ୍ୟପ୍ରାଣୀ ପଶୁ ଚିକିତ୍ସକ ଡ. ଶଦ୍ଦିର ଅହମଦଙ୍କ ସହ ହୋଇଥିଲା। ବିବାହ ପରେ ପଶୁ ପକ୍ଷୀଙ୍କ ପ୍ରତି ତାଙ୍କ ଛୋଟବେଳର ଭଲପାଇବା ଧୀରେ ଧୀରେ ଗଭୀର ଆଗ୍ରହରେ ପରିଣତ ହୋଇଥିଲା ଏବଂ ସେ ଶିକ୍ଷୟତ୍ରୀ ଭାବରେ କାମ କରିବା ସହିତ ବନ୍ୟପ୍ରାଣୀ ଏସଓସିରେ ଭେଟେରିନାରୀ ମେଡିକାଲ କ୍ୟାମ୍ପରେ ସ୍ୱେଚ୍ଛାସେବୀ ଭାବେ କାମ ଆରମ୍ଭ କରି ତୃଣମୂଳ ସ୍ତରରେ ଅନେକ ବ୍ୟାବହାରିକ ଅଭିଜ୍ଞତା ହାସଲ କରିଥିଲେ। (ପ୍ରଥମ ଭାଗ)

-ନିଉ ଏଜ୍ ଇସଲାମ

# ରାକ୍ଷୀପୂର୍ଣ୍ଣିମାର ଈଶ୍ୱରୀୟ ବାର୍ତ୍ତା

### ଆଶୁତୋଷ ନାୟକ

> “ ମହାପ୍ରଭୁ କାଳିଆ ସାଆନ୍ତ ରାକ୍ଷୀପୂର୍ଣ୍ଣିମାରେ ଭାଇଭଉଣୀଙ୍କ ଅନାବିଳ ପ୍ରେମ, ସ୍ନେହ, ବନ୍ଧନ, ଅତୁଟ ବିଶ୍ୱାସ, ଭଲପାଇବାର ପରାକାଷ୍ଠା ସାରାମାନବ ସମାଜଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳାରେ ସାରା ବିଶ୍ୱକୁ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି । ନିଜର ଅଲିଅଳ ଭଗିନୀ ମାତା ସୁଭଦ୍ରାଙ୍କ ମାନ ରକ୍ଷା କରିବା ପାଇଁ ଅନେକ ଦୁଃଖ କଷ୍ଟ, ବାଧା, ବିଘ୍ନକୁ ପ୍ରତିହତ କରି ମହାପ୍ରଭୁ ଜଗନ୍ନାଥ ତାଙ୍କର ସବୁ ଇଛା ପୂର୍ଣ୍ଣ କରିଛନ୍ତି । ଏହାହିଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ମାନବୀୟ ଲୀଳାର ଅନନ୍ତ ପରାକାଷ୍ଠା।

ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଈଶ୍ୱରଙ୍କ ସବୁଠାରୁ ଶ୍ରେଷ୍ଠ ସଂରଚନା ହେଉଛି ମନୁଷ୍ୟ । ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶ୍ରେଷ୍ଠଜୀବ ମନୁଷ୍ୟ । ନିଜର ବୃଦ୍ଧି ଓ ବିବେକ ପାଇଁ ଶ୍ରେଷ୍ଠତ୍ୱର ଆସନ ଅଳଙ୍କୃତ କରିଛି ମନୁଷ୍ୟ । ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ । ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୁର୍ଲଭ । ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ ।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ‘ବସୁଧୈବ କୁଟୁମ୍ବକମ୍’ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । ସତ୍ୟ ସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ ,ଜାପାନ,ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି ‘ ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ । ବେଦରେ ପର୍ଯ୍ୟବସିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ । ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ । ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ରର ରହିଛି ଦୃଷ୍ଟାନ୍ତ। ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର । ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ ।



ରକ,ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ । ଅନେକ ପରମ୍ପରା ଓ ଦର୍ଶନ ନୀତି,ନିୟମ ଆଦର୍ଶର ମେଳ, ସନାତନ ଧର୍ମ ଏହା ଥିବ ଚିରକାଳ ।’

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତ୍‌ଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ ‘ଧର୍ମ’ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭିତ୍ତିକ ରାଜନୀତି ତତ୍‌କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ,ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ ।

ରାକ୍ଷୀପୂର୍ଣ୍ଣିମାକୁ ଓଡିଶାରେ ଗହ୍ମାପର୍ବ ବୋଲି କୁହାଯାଏ । ଆମ ହିନ୍ଦୁ ସନାତନ ସଂସ୍କୃତି ପରମ୍ପରା ବିଶ୍ୱରେ ଅଦ୍ୱିତୀୟ । ବିଶ୍ୱର ଆଉ କୌଣସି ରାଷ୍ଟ୍ରରେ ଏଭଳି ପର୍ବପର୍ବାଣି ପାଳନ କରାଯାଏ ନାହିଁ । ବିଶ୍ୱର ଶକ୍ତିଶାଳୀ ବିକଶିତ ରାଷ୍ଟ୍ର ଯେପରିକି ଆମେରିକା, ରୁଷିଆ, ଜର୍ମାନୀ, ଜାପାନ, ଇଟାଲୀ, ଫ୍ରାନ୍ସ ଇତ୍ୟାଦିର ଅଧିବାସୀ ଆମ ଧର୍ମ, ସଂସ୍କୃତି, ପରମ୍ପରା, ପ୍ରତି ଆକର୍ଷିତ ହୋଇ ନିଜର ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତିକୁ ପରିହାର କରି ହିନ୍ଦୁ ଦେବଦେବୀଙ୍କ ଶରଣରେ ନିଜକୁ ସମର୍ପି ଦେଉଛନ୍ତି । ଏହାହିଁ ହିନ୍ଦୁ ସନାତନ ଧର୍ମର ମହାନତା ଓ ବିଚିତ୍ରତା । ଏହାକୁ ଅସ୍ୱୀକାର କରିହେବନାହିଁ । ଅନେକ ହିନ୍ଦୁ ସନାତନ ଧର୍ମର ବ୍ୟକ୍ତି ଈଶ୍ୱରବିଶ୍ୱାସୀ ଓ ନିଷ୍ଠାପର । ରଥଯାତ୍ରା, ଦୁର୍ଗାପୂଜା, କାଳୀପୂଜା, ଗଣେଶପୂଜା ଠାରୁ ଆରମ୍ଭ କରି ରାକ୍ଷୀପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ବପର୍ବାଣିର ନିଜର ବୈଶିଷ୍ଟ୍ୟ, ଅଭିପ୍ରାୟ ଏବଂ ପାଳନ କରିବାର ଉପଯୁକ୍ତ ବିଧି ରହିଛି ।

ରାକ୍ଷୀପୂର୍ଣ୍ଣିମା ଯାହାକି ପବିତ୍ର ଶ୍ରାବଣମାସରେ ପାଳନ କରାଯାଏ ତାହାର ଈଶ୍ୱରୀୟ ବାର୍ତ୍ତା ରହିଛି । ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ସାମାନ୍ୟ କିଛି କାଗଜର ଟଙ୍କା, ସମ୍ପତ୍ତି, ମାନ ମର୍ଯ୍ୟାଦା, କ୍ଷମତା, ଅହମିକା ପାଇଁ ସେ ରକ୍ତର ହୋଲି ଖେଳୁଛି, ନିଜର ବନ୍ଧୁପରିଜନ, ଜନ୍ମଦାତା, ଜନ୍ମଦାତ୍ରୀ, ଭ୍ରାତ୍ରା, ଧର୍ମପତ୍ନୀ, ଭଗିନୀଙ୍କୁ ମଧ୍ୟ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ । ନିଜକୁ ସର୍ବଶେଷ୍ଠ, ସର୍ବଶକ୍ତିମାନ, ଜ୍ଞାନୀଗୁଣୀ, ବିଦ୍ୱାନ ବୁଦ୍ଧିମାନର ଡିଣ୍ଡିମ ପିଟୁଥିବା ଏଯୁଗର ମନୁଷ୍ୟ ପାଇଁ ସମ୍ପର୍କର ମୂଲ୍ୟ ଆଜି ଏକପ୍ରକାର ତୁଚ୍ଛ ହେଇଯାଇଛି। ସ୍ନେହ, ପ୍ରେମ, ବଳିଦାନ ଦୟା, କ୍ଷମା, ଆବିଳତା, ବିଶ୍ୱାସ, ଶ୍ରଦ୍ଧା ପରି ମହନୀୟ ଗୁଣ ଅନେକ ବ୍ୟକ୍ତିଙ୍କ ପାଖରେ ଏହା ପରିଲକ୍ଷିତ ହେଉନାହିଁ । ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସର୍ବସ୍ୱ ହେଇଯାଇଛି । ତା ପାଇଁ ସମ୍ପର୍କ ମୂଲ୍ୟହୀନ ହୋଇଯାଇଛି ।

ମହାପ୍ରଭୁ କାଳିଆ ସାଆନ୍ତ ରାକ୍ଷୀପୂର୍ଣ୍ଣିମାରେ ଭାଇଭଉଣୀଙ୍କ ଅନାବିଳ ପ୍ରେମ, ସ୍ନେହ, ବନ୍ଧନ, ଅତୁଟ ବିଶ୍ୱାସ, ଭଲପାଇବାର ପରାକାଷ୍ଠା ସାରାମାନବ ସମାଜଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳାରେ ସାରା ବିଶ୍ୱକୁ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି । ନିଜର ଅଲିଅଳ ଭଗିନୀ ମାତା ସୁଭଦ୍ରାଙ୍କ ମାନ ରକ୍ଷା କରିବା ପାଇଁ ଅନେକ ଦୁଃଖ କଷ୍ଟ, ବାଧା, ବିଘ୍ନକୁ ପ୍ରତିହତ କରି ମହାପ୍ରଭୁ ଜଗନ୍ନାଥ ତାଙ୍କର ସବୁ ଇଛା ପୂର୍ଣ୍ଣ କରିଛନ୍ତି । ଏହାହିଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ମାନବୀୟ ଲୀଳାର ଅନନ୍ତ ପରାକାଷ୍ଠା ।

ରାକ୍ଷୀପୂର୍ଣ୍ଣିମାରେ ରାକ୍ଷୀର ମହତ୍ତ୍ୱକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ଏହି ରାକ୍ଷୀ ସାମାନ୍ୟ ଗୋଟିଏ ସୂତା ନୁହେଁ ଏହା ଭାଇଭଉଣୀଙ୍କ ମଧ୍ୟରେ ଥିବା ଭଲପାଇବା, ଶ୍ରଦ୍ଧା, ଅନାବିଳ ପ୍ରେମ, ଅତୁଟ ବିଶ୍ୱାସର ପ୍ରତୀକ । ଯେତେ ଦୁଃଖ, ଝଡ଼ ଝଞ୍ଜା, ବାଧାବିଘ୍ନ, ସମସ୍ୟା ଆସିଲେ ଭି ନିଜ ଭଉଣୀର ମାନ ରକ୍ଷା କରିବା, ତାଙ୍କୁ ଯେକୌଣସି ବିପଦରୁ ଉଦ୍ଧାର କରିବା ପ୍ରତ୍ୟେକ ଭାଇର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ।

ଗୋପାଳପୁର, ବାଲେଶ୍ୱର
ମୋ:୭୦୨୦୬୧୧୩୦୦

# ନୀଳହ୍ରଦରୁ ୨ ମୃତ ଦେହ ଉଦ୍ଧାର ଚର୍ଚ୍ଚାରେ ଭାପୁର ଅଞ୍ଚଳର ଯୁବକ

ଭାପୁର, ୨୬।୮ (ନିପ୍ର); ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ବ୍ଲୁ ଲେକ ରେ ଦୁଇ ଜଣ ଛାତ୍ର ଗାଧୋଇବା ସମୟରେ ବୁଡି ଯାଇଥିଲେ। ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ ପାଣି ଭିତରେ ବହୁ ଖୋଜାଖୋଜି କରିବା ପରେ ମଧ ଛାତ୍ରଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଭୁବନେଶ୍ୱର ଷ୍ଟ୍ରାଇକ ଓ଼ ଫୋର୍ସର ଏକ ୟୁନିଟ ଛାତ୍ରଙ୍କ ସନ୍ଧାନରେ ନୀଳଗିରି ଯାଇ ଦୁଇ ଛାତ୍ରଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏହି ଷ୍ଟ୍ରାଇକ ଓ଼ ଫୋର୍ସର ଫାୟାର ଫାଇଟର ଦିଲ୍ଲୀପ ଜେନା ସ୍କୁବା ଡ୍ରାଇଭ କରି ଗଭୀର ପାଣିରୁ ଦୁଇ ଛାତ୍ରଙ୍କ ମୃତ ଦେହ ଉଦ୍ଧାର କରିଥିଲେ। ଫାୟାର ଫାଇଟର ଦିଲ୍ଲୀପ କୁମାର ଜେନା ହେଉଛନ୍ତି ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତ ମଣିପୁର ଗ୍ରାମର ମାନେଶ୍ୱର ଜେନାଙ୍କ ପୁଅ। ସେ ୨୦୧୦ ମସିହାରେ ଅଗ୍ନିଶମ ବିଭାଗ ରେ ଯୋଗଦାନ କରିଥିଲେ। ଦିଲ୍ଲୀପ ଗ୍ରାମକୁ ଆସିଥିବାବେଳେ ଆମ ପ୍ରତିନିଧିଙ୍କ ପ୍ରଶ୍ନ,ଉଦ୍ଧାର ସମୟର ଦୁଃସାହସିକ ଯାତ୍ରା କିପରି ରହିଥିଲା ଉତ୍ତର ରେ କହିଥିଲେ, ହ୍ରଦର ଗଭୀର ଜଳ ରାଶିରେ ଛାତ୍ରଙ୍କ ଉଦ୍ଧାର ମୋ ପାଇଁ ଚ୍ୟାଲେଞ୍ଜ ରହିଥିଲା।ପାହାଡ଼ ଉପରୁ ସକାଳ ର ବର୍ଷା ପାଣି ହ୍ରଦ ଭିତରେ ପ୍ରବେଶ ହେତୁ ହ୍ରଦ ପାଣି ଗୋଳିଆ ସହିତ ପ୍ରବଳ ଥଣ୍ଡା ରହିଥିଲା।ପାଣି ଗୋଳିଆ ରହିବାରୁ ଭିତରେ ଛାତ୍ରଙ୍କୁ ଦେଖିବା କଷ୍ଟକର ହୋଇପଡିଥିଲା।ପ୍ରଥମ ଥରରେ ପାଣି ଭିତରେ ବହୁ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ମିଳି ନ ଥିଲା। ଦ୍ୱିତୀୟ ଥର ୫୦ ଫୁଟ ପାଣି ଭିତରକୁ ଗଲାପରେ ଏକ ପଥର ସନ୍ଧିରେ ଲାଗିଥିବା ପ୍ରଥମ ଛାତ୍ରଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରି ସ୍ଥଳଭାଗକୁ ଆଣିଥିଲେ ଏବଂ ଶେଷରେ,ବହୁ ଖୋଜାଖୋଜି କରିବା ପରେ ୨୦ ଫୁଟ ପାଣି ଭିତରେ ଦ୍ୱିତୀୟ ଛାତ୍ରଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ।

# ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ

ନୟାଗଡ,୨୬।୮(ନିପ୍ର); ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଏବଂ ସଦସ୍ୟା ଚନ୍ଦନା ଦାସ ନୟାଗଡ଼ ଜିଲ୍ଲା ଗସ୍ତ କରି ଜିଲ୍ଲାର ବିଭିନ୍ନ ଶିଶୁ ସେବା ଅନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଆୟୋଗର ଅଧକ୍ଷା ଓ ସଦସ୍ୟା ଶକ୍ତି ସଦନ, ତୁଳସୀପୁର ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟ, ଡିମିରିଝରି ଉଚ୍ଚ ବିଦ୍ୟାଳୟ, ନୂଆଗାଁ ଆଶ୍ରମ ବିଦ୍ୟାଳୟ ଏବଂ ଦଶପଲ୍ଲାସ୍ଥିତ କପିଳେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ଛତୁଆ ୟୁନିଟ୍ ପରିଦର୍ଶନ କରିବା ସହ ଏହାର କାର୍ଯ୍ୟକଳାପ ଓ ବ୍ୟବସ୍ଥାର ଯାଞ୍ଚ କରିଥିଲେ। ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ ସମୟରେ ଶିଶୁମାନଙ୍କ ପାଇଁ ଉପଲବ୍ଧ ସେବା, ପୋଷଣ, ପ୍ରାକ୍-ବିଦ୍ୟାଳୟ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମ୍ପର୍କରେ ଆୟୋଗ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ସେହିପରି ବିଦ୍ୟାଳୟ ଓ ଆଶ୍ରମ ବିଦ୍ୟାଳୟରେ ଶିଶୁମାନଙ୍କ ଶିକ୍ଷା, ସୁରକ୍ଷା, ରହଣି ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ମଧ ତଥ୍ୟ ନିଆଯାଇଥିଲା। ଶିଶୁମାନଙ୍କ ଅଧିକାରର ସୁରକ୍ଷା, ସେମାନଙ୍କୁ ଏକ ସୁରକ୍ଷିତ ଓ ଉତ୍ତମ ପରିବେଶ ଯୋଗାଇଦେବା ଏବଂ ଜିଲ୍ଲାରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ଅଧକ୍ଷା ଗୁରୁତ୍ୱାରୋପ କରିଥିଲେ।

# ପଥରଖଣିରେ କୁମ୍ଭୀର ଆତଙ୍କ

ଜଟଣୀ, ୨୬।୮(ନିପ୍ର): କୁଶମାଟି ଗୌର ପଥରଖଣିରେ କୁମ୍ଭୀର ଥିବା ଭିଡ଼ିଓ ଭାଇରାଲ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକ ପଥରଖଣି ନିକଟକୁ କୁମ୍ଭୀର ଦେଖିବାକୁ ଆସିଥିଲେ। ପଥରଖଣି ଜଳରେ କୁମ୍ଭୀର ଦେଖା ଯାଇଥିଲା। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଅମ୍ବୁଜ ବିଶ୍ୱାଳ ଏ ସମ୍ପର୍କରେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଏବଂ ଜଟଣୀ ପୁଲିସ ଥାନାର ଏଏସଆଇ ଅହଲ୍ୟା ବେହେରା ଓ ପୁଲିସ କର୍ମଚାରୀ ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲେ। ତେବେ କୃତ୍ରିମ ବୁଦ୍ଧିମତ୍ତାରେ ପଥରଖଣିରେ କୁମ୍ଭୀର ସୃଷ୍ଟି କରା ଯାଇଥିବା ଅନୁସନ୍ଧାନରୁ ଜଣା ପଡ଼ିଥିଲା। ସ୍ଥାନୀୟ ଜେଣ ଯୁବକ କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ କରି ଏ ଭଳି ଦୃଶ୍ୟ ସୃଷ୍ଟି କରିଥିବା ପୁଲିସ ଏବଂ ବନ ବିଭାଗ ଅଧିକାରୀ ଜାଣିବାକୁ ପାଇଥିଲେ।

# ଗଞ୍ଜେଇ ଜବତ,ଜଣେ ଗିରଫ

ଜଟଣୀ, ୨୬।୮ (ନି.ପ୍ର) : ଖୋରଧା ରୋଡ଼ ଜିଆରପି ଥାନା ଅଧୀନ ବାଲୁଗାଁ ରେଳ ଷ୍ଟେସନରେ ସ୍ଥାନୀୟ ଫାଣ୍ଡି ପୁଲିସ ୧୫.୮୫୦ କିଲୋ ଗଞ୍ଜେଇ ଜବତ କରିଥିବା ବେଳେ ଏହି ମାମଲାରେ ଝାଡ଼ଖଣ୍ଡ ରାଞ୍ଚି ଜିଲା ବିଜୟ ସିଂହ (୩୯)ଙ୍କୁ ଜିଆରପି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜିଆରପି ସୂଚନା ଦେଇଛି। ଖୋରଧା ରୋଡ଼ ଜିଆରପି ଥାନାଧିକାରୀ ଆର.ଶଙ୍କର ରାଓଙ୍କ ସୂଚନାନୁସାରେ ବିଜୟ ସିଂହ ଦୁଇଟି ବ୍ୟାଗରେ ଗଞ୍ଜେଇ ଭର୍ତି କରି ବାଲୁଗାଁରୁ ଟ୍ରେନ୍ ଯୋଗେ ଖୋରଧା ରୋଡ଼ ଆସିବା ଲାଗି ବାଲୁଗାଁ ରେଳ ଷ୍ଟେସନରେ ୩ ନମ୍ବର ପ୍ଲାଟଫର୍ମରେ ଅପେକ୍ଷା କରିଥିଲା। କିନ୍ତୁ କୌଣସି ସୂତ୍ରରୁ ଖବର ପାଇ ଜିଆରପି ତାଙ୍କୁ କାବୁ କରି ନେଇଥିଲା। ପଚରା ଉଚରା ଏବଂ ଯାଞ୍ଚ ପରେ ତାଙ୍କ ହେପାଜତରୁ ଗଞ୍ଜେଇ ଜବତ କରା ଯାଇଥିଲା

# ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ନୂତନ ଜିଲ୍ଲା କମିଟି ଗଠିତ

ଭବାନୀପାଟଣା, ୨୬।୮ (ନିପ୍ର): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର କଳାହାଣ୍ଡି ଜିଲ୍ଲା ସାଧାରଣ ଅଧିବେଶନ ବାନ୍ଧପଲ୍ଲା ସ୍ଥିତ ବିଶ୍ୱକର୍ମା ଭବନରେ ନଗର ସଭାପତି ଦାମୋଦର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ଜୋନସ ମହାରଣାଙ୍କ ଶୋକସଭା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହାପରେ ସମିତିର ସଭ୍ୟମାନେ ଦୀର୍ଘ ତିନିବର୍ଷ ତଳୁ ଗଠିତ ହୋଇଥିବା ଜିଲ୍ଲା କମିଟି କାର୍ଯ୍ୟଶୂନ୍ୟ ହୋଇ ପଡିଥିବାରୁ ଘୋର ଅସନ୍ତୋଷ ବ୍ୟକ୍ତି କରିଥିଲେ ଓ ନୂତନ ଜିଲ୍ଲା କମିଟି ଗଠନ କରିବା ପାଇଁ ପ୍ରସ୍ତାବ ଆଣିଥିଲେ। ଫଳରେ ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା, ରାଜ୍ୟ ସମ୍ପାଦକ ମନୋରଞ୍ଜନ ମହାରଣା, ରାଜ୍ୟ ସହ ସମ୍ପାଦକ ପ୍ରସନ୍ନ ମହାରଣା ଓ ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ପ୍ରକାଶ ମହାରଣାଙ୍କ ଉପସ୍ଥିତିରେ ଜିଲ୍ଲା କମିଟି ଗଠନ ଓ ଭବାନୀପାଟଣା ନଗର କମିଟିକୁ ଭଙ୍ଗ କରଗଲା। ନୂତନ ଜିଲ୍ଲା କମିଟିରେ ଦାମୋଦର ମହାରଣା ସଭାପତି, ଉପ ସଭାପତି ଭାବେ ଉଦୟନାଥ ମହାରଣା, ଜଗନ୍ନାଥ ମହାରଣା ଓ ଶାନ୍ତିଲତା ମହାରଣା, ସୁଦର୍ଶନ ମହାରଣା ସମ୍ପାଦକ, ସହ ସମ୍ପାଦକ ଭାବଗ୍ରାହୀ ମହାରଣା ଓ ଗୋପାଳ ମହାରଣା, ସଂଗଠନ ସମ୍ପାଦକ ଭାବେ ସିମାଞ୍ଚଳ ମହାରଣା, ସୂର୍ଯ୍ୟନାରାୟଣ ମହାରଣା, ସନ୍ତୋଷ ମହାରଣା ଓ ସସ୍ମିତା ମହାରଣା, ପ୍ରବୀର ମହାରଣା କୋଷାଧକ୍ଷ।

# ଲଗାଣ ବର୍ଷାରେ ରାୟଗଡ଼ା ବେହାଲ:ଘର ଭାଙ୍ଗିଲା, ଚାଷଜମି ଜଳମଗ୍ନ
# ବିପଦଭରା ନାଳରେ ପାର ହେଉଛନ୍ତି ପଞ୍ଚୁପାଣ୍ଡବ ଗ୍ରାମବାସୀ

ରାୟଗଡ଼ା, ୨୬/୮(ନି:ପ୍ର) ରାୟଗଡ଼ା ଜିଲ୍ଲାରେ ପ୍ରାୟ ୩୬ ଘଣ୍ଟା ଧରି ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। କାଶିପୁର, ଗୁଣପୁର, ଗୁଡ଼ାରି, ରାମନାଗୁଡ଼ା ଓ ପଦ୍ମପୁର ବ୍ଲକରେ ବର୍ଷା ଯୋଗୁଁ ଘରଦ୍ୱାର ଓ ଚାଷଜମି ପ୍ରଭାବିତ ହୋଇଛି। ଗୁଣପୁର ବ୍ଲକରେ ସର୍ବାଧିକ ୨୬୦ ମିମି ଏବଂ କାଶିପୁରରେ ୨୧୨ ମିମି ବର୍ଷା ରେକର୍ଡ ହୋଇଛି। ଜିଲ୍ଲାରେ ମୋଟ ୧୦୬୩.୬ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗୁଡ଼ାରୀ ବ୍ଲକ ପେଣ୍ଡିଲି ପଞ୍ଚାୟତର ପଞ୍ଚୁପାଣ୍ଡବ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବିଶେଷ ଭାବେ ବଢ଼ିଛି। ଗ୍ରାମ ନିକଟସ୍ଥ ନାଳରେ ପାଣି ବଢ଼ିଯିବାରୁ ମହିଳା, ଶିଶୁ, ଯୁବକ ଓ ବୃଦ୍ଧବୃଦ୍ଧା ଜୀବନକୁ ବାଜି ଲଗାଇ ନାଳ ପାର ହେଉଛନ୍ତି। ବର୍ଷାଦିନେ ଏହା ନିତିଦିନିଆ ସମସ୍ୟା ପାଲଟିଥିବା ଗ୍ରାମବାସୀ କହିଛନ୍ତି। ଏଠାରେ ଶୀଘ୍ର ସ୍ଥାୟୀ ପୋଲ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ ପୂର୍ବରୁ ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ମଧ ଅଭିଯୋଗ ହୋଇଥିବା ଗ୍ରାମର ଯୁବକ ଅନନ୍ତ ଶବର କହିଛନ୍ତି। ସେହିପରି ଗୁଣପୁର ବ୍ଲକ ଭୀମପୁର ପଞ୍ଚାୟତର ମାଲାପଦର ଗ୍ରାମରେ ଲଗାଣ ବର୍ଷାରେ ଦୁଇଟି ଘରର ମାଟିକାନ୍ଥ ଭୁଶୁଡ଼ି ପଡ଼ିଛି। ଉର୍ଦ୍ଧମ ଶବର ଓ ଲର୍ଗିଙ୍ଗ ଶବରଙ୍କ ଘରେ ପାଣି ପଶି ଚାଉଳ, ଲୁଗାପଟା ଓ ଘରୋଇ ସାମଗ୍ରୀ ନଷ୍ଟ ହୋଇଛି। ଚିନାସାରି ପଞ୍ଚାୟତର ତଳମୁଣ୍ଡା-କୁଟୁଣି ରାସ୍ତାରେ ପାହାଡ଼ ଧସି ଯାତାୟାତ ମଧ ବାଧାପ୍ରାପ୍ତ ହୋଇଥିଲା। କାଶିପୁର ବ୍ଲକର ୧୩ଟି ଗ୍ରାମର ୨୨ଟି ଘର କ୍ଷତିଗ୍ରସ୍ତ



ହୋଇଥିବାବେଳେ ରାମନାଗୁଡ଼ା ବ୍ଲକର ୩ଟି ପଞ୍ଚାୟତର ୬ଟି ଗ୍ରାମ ପ୍ରଭାବିତ ହୋଇଛି। ଗୋଗୁପାଡୁ ଗ୍ରାମର ବୟସ୍କା ସୁକି ପାତିଲାଙ୍କ ଘର ଭାଙ୍ଗିଯିବାରୁ ତାଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ଥଇଥାନ କରାଯାଇଛି। ଭାମିନି ଓ ସେରେମା ଅଞ୍ଚଳର ଧାନଜମି ମଧ ପାଣିରେ ବୁଡ଼ିଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ କଳିଙ୍ଗ କେଶରୀଙ୍କ ସୂଚନା ଅନୁଯାୟୀ, ୧୧ ଜଣ ତହସିଲଦାରଙ୍କୁ କ୍ଷୟକ୍ଷତି ରିପୋର୍ଟ ଦେବାକୁ କୁହାଯାଇଛି। ଆରଆଇ ତଦନ୍ତ ପରେ ସମ୍ପୂର୍ଣ୍ଣ କ୍ଷୟକ୍ଷତିର ଚିତ୍ର ସ୍ପଷ୍ଟ ହେବ। ଜିଲ୍ଲା ପ୍ରଶାସନ ବ୍ଲକ ଓ ତହସିଲ ପ୍ରଶାସନ ସହ ସମନ୍ୱୟ ରଖି ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଉଛି। ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁଁ ବଂଶଧାରା ଓ ନାଗାବଳୀ ନଦୀର ଜଳସ୍ତର ବଢ଼ିଥିଲେ ମଧ ଏହା ବିପଦ ସଙ୍କେତଠାରୁ ତଳେ ରହିଛି। ତେଣୁ ଏବେ ଭୟର କୌଣସି କାରଣ ନଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ପ୍ରେମିକଙ୍କୁ ପ୍ରେମିକା ବାପାର ହତ୍ୟା ଧମକ

ପିପିଲି ,୨୬।୮ (ନିପ୍ର): ବଳଙ୍ଗା ଥାନା ଅଞ୍ଚଳ ଗ୍ରାମରେ ଜଣେ ଯୁବକ ସେହି ଗ୍ରାମର ଜଣେ ଯୁବତୀଙ୍କୁ ନେଇ ଫେରାର ହୋଇଯାଇଥିଲା ବେଳେ ଯୁବତୀଙ୍କ ବାପା ଯୁବକଙ୍କୁ ହତ୍ୟା ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଯୁବକ ଯୁବତୀ ପରସ୍ପର ଭଲ ପାଉଥିଲା ବେଳେ ଚଳିତ ମାସ ୧୭ ତାରିଖରେ ଉଭୟ ଘରୁ ଫେରାର ହୋଇଯାଇଥିଲେ। ଏନେଇ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିବା ପୋଲିସ ଡକାଇବା ପରେ ଉଭୟ ପ୍ରେମୀ ଯୁଗଳ ଥାନରେ ହାଜର ହୋଇଥିଲେ। ପୋଲିସ ଉପସ୍ଥିତିରେ ଉଭୟଙ୍କ ପରିବାର ପ୍ରେମୀ ଯୁଗଳ ସେମାନଙ୍କ ଭବିଷ୍ୟତ ମଙ୍ଗଳ ପାଇଁ ଏକାଠି ରହିବା ପାଇଁ ଥାନାରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ତେବେ ଗତ ୩ଦିନ ତଳେ ଯୁବତୀଙ୍କ ବାପା ଯୁବକଙ୍କ ମୋବାଇଲ ନମ୍ବରକୁ ଫୋନ କରି ତାଙ୍କ ଝିଅକୁ ଛାଡି ଦେବା ପାଇଁ କହି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ନ ଛାଡ଼ିଲେ ଯୁବକଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି।

# ଗାଡି ଧକ୍କାରେ ଯୁବକ ଗୁରୁତର

ପିପିଲି ,୨୬।୮ (ନିପ୍ର); ବଳଙ୍ଗା - ସାତଶଙ୍ଖ ପୂର୍ତ୍ତ ରାସ୍ତାର ନୁଆହାଟ ମହାବୀର ମନ୍ଦିର ସାମ୍ନାରେ ଟ୍ରାଭେରା ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଥାନା ଅନ୍ତର୍ଗତ କାଜିସାହି ଗ୍ରାମର ନକୁଳ ମହଲା ବୋଲି ଜଣା ପଡିଛି। ସ୍ଥାନୀୟ ଲୋକେ ନକୁଳଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମେଡ଼ିକାଲକୁ ପଠାଇ ଥିଲେ। ଖବର ପାଇ ବଳଙ୍ଗା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରାଭେରାକୁ ଜବତ କରିବା ସହ ଚାଳକକୁ ଥାନାକୁ ଆଣି ଅଟକ ରଖିଛି। ଏନେଇ ଗ୍ରାମର ୱାର୍ଡ ସଭ୍ୟ ରବି ନାରାୟଣ ପରିଡ଼ାଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ୨୫୩/ ୨୬ ରେ ମାମଲା ରୁଜୁ କରାଯାଇଛି। ସୂଚନା ମୁତାବକ ନକୁଳ ଗତକାଲି ଅପରାହ୍ନରେ ଘରୁ ନୁଆହାଟ ଛକକୁ ଯାଉଥିଲା ବେଳେ ପଛରୁ ଦୃତ ଗତିରେ ଆସୁଥିବା ଟ୍ରାଭେରା ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ନକୁଳଙ୍କ ଗୋଡ଼ ଭାଙ୍ଗିଯିବା ସହ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା।

# ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ହରିଲୁଟ୍ !

ଯାଜପୁର, ୨୬।୮ (ନିପ୍ର)ସମଗ୍ର ଯାଜପୁର ବନ୍ୟା ବିଭୀଷିକରେ କାଳ କାଟୁଥିବା ବେଳେ ବନ୍ୟା ବିପନ୍ନମାନଙ୍କ ନିକଟକୁ ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ଯୋଗାଇ ଦିଆଯାଇଛି। ହେଲେ ବନ୍ୟା ବିପନ୍ନଙ୍କ ପାଖରେ ଏହି ରିଲିଫ୍ ସାମଗ୍ରୀ ପହଞ୍ଚି ନଥିବାରୁ ଦେଖା ଦେଇଛି ଅସନ୍ତୋଷ। ଆସିଥିବା ୫ ଶହ ଟନ ରିଲିଫ ସାମଗ୍ରୀ ଗଲା କୁଆଡ଼େ ବୋଲି ପ୍ରଶ୍ନ କରିଛନ୍ତି ଯାଜପୁର ବ୍ଲକ୍ର ସରପଞ୍ଚ ମାନେ। ଏମିତି କି ଏହି ରିଲିଫ କଥା ଜିଲ୍ଲା ପ୍ରଶାସନ ପାଖରେ ଖବର ନଥିବା କୁହାଯାଉଛି। ତେବେ ଯାହାକୁ ନେଇ ଯାଜପୁର ସଦର ଥାନାର ଦ୍ୱାରସ୍ଥ ହୋଇଛନ୍ତି ଯାଜପୁର ବ୍ଲକର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡା, ସମାଜସେବୀ ପ୍ରକାଶ ତ୍ରିପାଠୀ, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ପରେଶ ବିଶ୍ୱାଳଙ୍କ ସହ ବିଧାୟିକାଙ୍କ ପ୍ରତିନିଧି ଏବଂ ସରପଞ୍ଚ ବୃନ୍ଦ। ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ଆସିଥିବା ରିଲିଫ ସହାୟତା ଗଲା କୁଆଡ଼େ କେଉଁଠି ଅଛି ଆସିଥିବା ସାମଗ୍ରୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିବା ସହ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଏମଡିଏମ୍ ଦୁର୍ନୀତି ଅଭିଯୋଗ:ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନୋଟିସ

କୁଚିଣ୍ଡା,୨୬।୮(ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ପାରୁଆଭାଡି ନୋଡାଲ ହାଇସ୍କୁଲରେ ମଧାହ୍ନ ଭୋଜନ ଦୁର୍ନୀତି ମାମଲାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶର ଦୀର୍ଘ ୧୬ ମାସ ପରେ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ପ୍ରକାଶ ଥାଉକି, ପାରୁଆଭାଡ଼ି ନୋଡାଲ ହାଇସ୍କୁଲରେ ପିଲାଙ୍କ ମଧାହ୍ନ ଭୋଜନ ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଏବଂ ବିଭିନ୍ନ ଦୋକାନରୁ ଜିଏସଟି ନମ୍ବର ନଥିବା ନକଲି ବିଲ୍ ଆଣି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ସମ୍ପର୍କରେ ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ। ସେହିପରି ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଏବଂ ଲୋକଷ୍ଟ ହଷ୍ଟେଲ ପାଇଁ ଖାଦ୍ୟ ସାମଗ୍ରୀ ସହ ଅନ୍ୟାନ୍ୟ ସାମଗ୍ରୀ କ୍ରୟରେ ମଧ ବ୍ୟାପକ ଦୁର୍ନୀତି ହୋଇଥିବା ସେ କୁଚିଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ, କୁଚିଣ୍ଡା ଉପଜିଲ୍ଲାପାଳ, ସମ୍ବଲପୁର ଜିଲ୍ଲା ଶିକ୍ଷାଧିକାରୀ ଏବଂ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷାଧିକାରୀ ଏହାର ତଦନ୍ତ ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପରେ ତତ୍କାଳୀନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୌରାଙ୍ଗ କୁସୁମଙ୍କ ନେତୃତ୍ୱରେ ଏକ ଚାରି ଜଣିଆ ଟିମ୍ ଏହାର ତଦନ୍ତ କରିଥିଲେ। ମାତ୍ର ଏହି ତଦନ୍ତରେ ଅଭିଯୋଗକାରୀ ଅସନ୍ତୋଷ ପ୍ରକାଶ କରି ୨୦୨୫ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀ ,ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ପୁଣି ଥରେ ଜନଶୁଣାଣି ପୋର୍ଟାଲ ମାଧମରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ୨୦୨୫ ଏପ୍ରିଲ ୪ ତାରିଖରେ ସମ୍ବଲପୁର ଜିଲ୍ଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡପଣ୍ଡା, ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଏବଂ ତତ୍କାଳୀନ କୁଚିଣ୍ଡା ଗୋଷ୍ଠୀ ଶିକ୍ଷାଅଧିକାରୀ ଗୀତା ପଧାନ ପାରୁଆଭାଡ଼ି ନୋଡାଲ ହାଇସ୍କୁଲକୁ ଆସି ଅଭିଯୋଗକାରୀଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। ଅଭିଯୋଗରେ ସତ୍ୟତା ଥିବା ଅବଗତ ହୋଇ ସମ୍ବଲପୁର ଜିଲ୍ଲା ଶିକ୍ଷାଅଧିକାରୀ ପତ୍ର ସଂଖ୍ୟା. ୩୩୬୮/ ୧୧.୪.୨୦୨୫ରେ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନସୂୟା ବେହେରାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ବଦଳି ପାଇଁ ଭୁବନେଶ୍ୱର ମାଧମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କୁ ସୁପାରିଶ କରିଥିଲେ। ମାତ୍ର ଶିକ୍ଷା ବିଭାଗ ଦୀର୍ଘଦିନ ଧରି ଏ ଦିଗରେ ପଦକ୍ଷେପ ନ ନେବାରୁ ଅଭିଯୋଗକାରୀ ଖଣ୍ଡେଲୱାଲ ୨୦୨୬ ଫେବୃଆରୀ ୨୩ ତାରିଖରେ ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କୁ ଅନଲାଇନ ମାଧମରେ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ତାଗିଦ୍ ପରେ ମାଧମିକ ଶିକ୍ଷା ଶିକ୍ଷା ପରିଷଦ ନିର୍ଦ୍ଦେଶକ ପତ୍ର ସଂଖ୍ୟା- ୨୧୦୬୭/୧୯.୮.୨୦୨୬ ଦିନ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାହିଁକି ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେନେଇ ୧୫ ଦିନ ମଧରେ ଉତ୍ତର ଦେବାକୁ ଆଦେଶ କରିଛନ୍ତି। ଉକ୍ତ ଘଟଣା ଜଣା ପଡ଼ିବା ପରେ ପାରୁଆଭାଡ଼ି ନୋଡାଲ ହାଇସ୍କୁଲର ମଧାହ୍ନ ଭୋଜନ ମାମଲା ପୁଣି ଥରେ ସର୍ବତ୍ର ଚର୍ଚ୍ଚାର ବିଷୟ ହୋଇଛି।

# ୬୦ ଚୋରି ମୋବାଇଲ ଉଦ୍ଧାର

ପାରଳାଖେମୁଣ୍ଡି, ୨୬।୮ (ନିପ୍ର): ଆବଶ୍ୟକ ଯାଞ୍ଚ ପରେ ଚୋରି ଓ ହଜିଯାଇଥିବା ୬୦ଟି ମୋବାଇଲକୁ ପୁଲିସ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଗଜପତି ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବଣ୍ଟନ ମେଳାରେ ମୋବାଇଲଗୁଡ଼ିକୁ ଫେରାଇ ଦିଆଯାଇଥିବା ବେଳେ ସାଇବର କ୍ରାଇମ ସମ୍ପର୍କିତ ସଚେତନତା ମଧ କରାଯାଇଛି। ବୈଷୟିକ ତଦନ୍ତ ଓ ସିଇଆର୍ ପୋର୍ଟାଲ ମାଧମରେ ମୋବାଇଲଗୁଡ଼ିକୁ ଠାବ କରାଯାଇଥିଲା। ମୋଟ ୧୦୦ଟି ମୋବାଇଲ ଉଦ୍ଧାର କରାଯାଇଥିବା ବେଳେ ୨୦ଟି ମୋବାଇଲ ବାହାର ଜିଲ୍ଲାର, ୨୦ଟି ମୋହନା ଅଞ୍ଚଳର ଏବଂ ଅବଶିଷ୍ଟ ୬୦ଟି ମୋବାଇଲ ପାରଳାଖେମୁଣ୍ଡି ଅଞ୍ଚଳର ଚୋରି କିମ୍ବା ହଜିଯାଇଥିବା ମୋବାଇଲକୁ ଅପରାଧୀମାନେ ବିଭିନ୍ନ ଅପରାଧରେ ବ୍ୟବହାର କରୁଥିବାରୁ ଲୋକଙ୍କୁ ସଚେତନ ରହିବାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହଲାଦ ସହାୟ ମୀନା ପରାମର୍ଶ ଦେଇଥିଲେ। ମୋବାଇଲ ଚୋରି କିମ୍ବା ହଜିଯିବା ମାତ୍ରେ ଏହା ସହ ସଂଯୁକ୍ତ ବ୍ୟାଙ୍କ ଖାତା ଓ ଅନ୍ୟ ଆର୍ଥିକ ସେବାର ଲିଙ୍କ ବିଚ୍ଛିନ୍ନ କରିବା ଏବଂ ତୁରନ୍ତ ସିଇଆର୍ ପୋର୍ଟାଲରେ ଅଭିଯୋଗ ଦାଖଲ କରିବାକୁ ସେ ଅନୁରୋଧ କରିଥିଲେ।

# ୬୬ କିଲୋ ଗଞ୍ଜେଇ ସହ ଦୁଇ ଗିରଫ

ବୁଗୁଡ଼ା, ୨୫।୮ (ନିପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଅବକାରୀ ବିଭାଗକୁ ମିଳିଛି ଏକ ବଡ଼ ସଫଳତା। ବୁଗୁଡ଼ା ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତି ଚଢ଼ାଉ କରି ୬୬ କିଲୋଗ୍ରାମ



ଗଞ୍ଜେଇ ଏବଂ ଏଥିରେ ବ୍ୟବହୃତ ହୋଣ୍ଡା ସିଟି ଓ ରିନାଲଡ ଟ୍ରାଇବର ନାମକ ଦୁଇଟି କାର ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନୟାଗଡ଼ ଜିଲ୍ଲା ଓଡଗାଁ ଥାନା ଢ଼ଉଝୋଳା ଗ୍ରାମର ଭିକାରୀ ଚରଣ ନାୟକ ଓ ଗୌତମ ବୁଦ୍ଧ ନାୟକ, ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୬ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ସୂଚନା ଆଧାରରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଦୁଇ ଜଣଙ୍କୁ କାବୁ କରାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ୮୦/୨୬ ଏନଡିପିଏସ୍ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ଏହି ସଫଳତା ଅବକାରୀ ବିଭାଗର ନିଶା ବିରୋଧୀ ଅଭିଯାନକୁ ଆହୁରି ସୁଦୃଢ଼ କରିଥିବା ବେଳେ ବେଆଇନ ମାଦକ ଦ୍ରବ୍ୟ କାରବାର ଉପରେ କଡ଼ା ନଜର ରଖାଯାଇଥିବା ବୁଗୁଡ଼ା ଅବକାରୀ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ସାଇବର ସୁରକ୍ଷା ଓ ନିଶା ନିବାରଣ ସଚେତନତା

ନିରାକାରପୁର, ୨୬।୮ (ନିପ୍ର); ଖୋରଧା ଜିଲ୍ଲା ମଳିପଡା କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟରେ ସାଇବର ସୁରକ୍ଷା ଓ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ବରିଷ୍ଠ ଅଧାପକ ନରୋତ୍ତମ ସାହୁଙ୍କ ପୌରାହିତ୍ୟରେ ସ୍ଥାନୀୟ ଜଙ୍କିଆ ଥାନାର ଭାରପ୍ରାପ୍ତ ଅଧିକାରୀ କେଶବ ଚନ୍ଦ୍ର ବେହେରା ଏବଂ ଜ୍ୟୋସ୍ନା ରାୟ ଛାତ୍ରଛାତ୍ରୀ ମାନଙ୍କୁ ନିଶା ଓ ସାଇବର ଅପରାଧ ଠାରୁ ଦୂରେଇ ରହି ଉଜ୍ଜଳ ଭବିଷ୍ୟତ ଗଠନ କରିବାକୁ ଉପଦେଶ ଦେଇଥିଲେ।ଏହା ପରେ ଛାତ୍ରଛାତ୍ରୀ ମାନେ ନିଶା ଠାରୁ ଦୂରେଇ ରହିବା ନିମନ୍ତେ ଶପଥ ପାଠ କରିଥିଲେ।

# ଏମଏମଡିଆର ସଂଶୋଧିତ ଖଣି କଳା ଆଇନ ପ୍ରତ୍ୟାହାର ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ

ନୟାଗଡ,୨୬।୮(ନିପ୍ର): ଓଡ଼ିଆଙ୍କ ସମ୍ପତ୍ତି ଖଣି-ପାଣି-କୋଇଲା-ଖଣିଜ ସମ୍ପଦ ଲୁଟି ନେବା ପାଇଁ କେନ୍ଦ୍ର ବିଜେପି ସରକାର ଯୋଜନାବଦ୍ଧ ଷଡଯନ୍ତ୍ର କରି ଗୃହୀତ କରାଇଥିବା ଅଭିଯୋଗ ଆଣି ଏମଏମଡିଆର ଖଣି ଆଇନ ଖଣି ଓ ଖଣିଜ ବିକାଶ ନିୟନ୍ତ୍ରଣ ସଂଶୋଧିତ କଳା ଆଇନ-୨୦୨୬ ପ୍ରତ୍ୟାହାର ଦାବିରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ଅଂଶୀଦାର ଦଳ ଶହଶହ କାର୍ଯ୍ୟକର୍ତ୍ତା ସ୍ଥାନୀୟ ପୂର୍ତ୍ତ ଡାକବଙ୍ଗଳା ଠାରୁ ବିଶାଳ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ରାଜ୍ୟର ୨୦ ନିର୍ବାଚିତ ବିଜେପି ସାଂସଦଙ୍କ କୁଶପୁତ୍ତଳିକା ଦାହ କରି ନାରାବାଜି କରିଥିଲେ। ବିକ୍ଷୋଭ ସଭାରେ ଅଧକ୍ଷତା କରି ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଯୋଜନାବଦ୍ଧ ଷଡଯନ୍ତ୍ର କରି ଓଡ଼ିଆ ଅସ୍ମିତାକୁ ଡବଲଇଞ୍ଜିନ ବିଜେପି ସରକାର ଚୋରି କରି ନେଲେ,ଏଥିରେ ଓଡିଶାର ୨୦ ବିଜେପି ସାଂସଦ ରାଜ୍ୟର ସ୍ୱାର୍ଥ ବିରୁଦ୍ଧରେ ନିଃସର୍ତ୍ତ ଆତ୍ମସମର୍ପଣ କରିଥିବା ଅଭିଯୋଗ କରିଥିଲେ। ସିପିଆଇଏମ ଜିଲ୍ଲା ସମ୍ପାଦକ ବିଶ୍ୱନାଥ ମହାପାତ୍ର, ନିତ୍ୟାନନ୍ଦ ପରିଡା, ବରିଷ୍ଠ କଂଗ୍ରେସ ନେତା ହୁସେନ ଖାଁ, ସତ୍ୟବ୍ରତ ନାୟକ, ବିଭୂପ୍ରସାଦ ମିଶ୍ର,ସିପିଆଇ ଜିଲ୍ଲା ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଅମୀୟ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀଧର ତ୍ରିପାଠୀ, ଫକୀର ଚରଣ ମଲ୍ଲ,ବିନୋଦିନୀ ମହାନ୍, ପ୍ରମୁଖ ବିଜେପି ଡବଲ ଇଞ୍ଜିନ ସରକାରଙ୍କ ରାଜ୍ୟ ସ୍ୱାର୍ଥ ବିରୋଧୀ ନୀତି ଏବଂ ପ୍ରତ୍ୟେକ ବର୍ଷ ରାଜ୍ୟ ରାଜକୋଷରୁ ପ୍ରାୟ ଏକଲକ୍ଷ କୋଟି ଟଙ୍କା କ୍ଷତି ଘଟାଇ ଓଡ଼ିଆ ଅସ୍ମିତାକୁ ଛଡାଇ ନେଇଥିବା ପ୍ରତିବାଦରେ ଏହି କଳା ଆଇନ ବାତିଲ ଦାବିରେ କଂଗ୍ରେସ ସମେତ ସିପିଆଇଏମ, ସିପିଆଇ, ସମାଜବାଦୀ ପାର୍ଟି, ସିପିଏମଏଲ ପ୍ରମୁଖ ଦଳର ନେତୃବୃନ୍ଦ ରଣହୁଙ୍କାର ଦେଇ ଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ରାଜ୍ୟ ସ୍ୱାର୍ଥବିରୋଧୀ କଳା ଆଇନ ବାତିଲ କରାଯାଉ ଲେଖାଥିବା ବ୍ୟାନର ଲଗାଇ ତିନିଘଣ୍ଟା ଧରି ଅଚଳ କରାଯାଇଥିଲା।

ସଂଶୋଧିତ କଳା ଆଇନ ହେବା ଦ୍ୱାରା ଓଡିଶା ରାଜ୍ୟ ସମସ୍ତ ଖଣିଜ ସମ୍ପଦ ପାଣି କୋଇଲା ବକ୍ସାଇଟ ମାଙ୍ଗାନିଜ ଉପରେ ରାଜ୍ୟବାସୀଙ୍କ ଅଧିକାର ଛଡାଇ କେନ୍ଦ୍ର ଏକଚାଟିଆ ଅଧିକାରକୁ ରାଜ୍ୟବାସୀଙ୍କୁ ସଚେତନତା ପାଇଁ ଇଣ୍ଡିମେଣ୍ଟ ବିରୋଧୀ ଦଳ ମାନେ ଏହି କଳା ଆଇନ ବାତିଲ ପାଇଁ ଆଗକୁ ଜୋରଦାର ଆନ୍ଦୋଳନ ହେବ, ଦରକାର ହେଲେ ଓଡିଶା ବନ୍ଦ କରାଯିବ ବୋଲି ମିଳିତ ବିବୃତିରେ କୁହାଯାଇଛି।

# ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

କଟକ,୨୬।୮(ନିପ୍ର): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଗସ୍ତ କରି ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଏହି ଗସ୍ତ ସମୟରେ ମନ୍ତ୍ରୀ ବିଭିନ୍ନ ବିଭାଗ ପରିଦର୍ଶନ କରି ରୋଗୀମାନଙ୍କୁ ମିଳୁଥିବା ଚିକିତ୍ସାସେବା, ଆବଶ୍ୟକ ସୁବିଧା ଏବଂ ହସ୍ପିଟାଲର ସାମଗ୍ରିକ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ସେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ମଧ ଆଲୋଚନା କରି ସ୍ୱାସ୍ଥ୍ୟସେବା ସମ୍ପର୍କରେ ସେମାନଙ୍କ ମତାମତ ପଚାରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରୋଗୀକେନ୍ଦ୍ରିକ ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ପ୍ରାଥମିକତା ଦେଇ ଉନ୍ନତ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। କର୍କଟ ରୋଗୀଙ୍କୁ ଅଧିକ ଉନ୍ନତ, ଗୁଣାତ୍ମକ ଓ ସୁବିଧାଜନକ ସ୍ୱାସ୍ଥ୍ୟସେବା ପ୍ରଦାନ, ଚିକିତ୍ସା ବ୍ୟବସ୍ଥାର



ସୁଦୃଢ଼ୀକରଣ ଏବଂ ହସ୍ପିଟାଲର ଭିତ୍ତିଭୂମିର ବିକାଶ ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କର୍କଟ ରୋଗୀଙ୍କୁ ସମୟୋପଯୋଗୀ ଓ ଉନ୍ନତମାନର ଚିକିତ୍ସା ଯୋଗାଇବା ସହ ଅନୁଷ୍ଠାନର ସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ସାମଗ୍ରିକ ବିକାଶ ସହ ରୋଗୀ ଓ ସେମାନଙ୍କ ପରିବାରକୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହଯୋଗ ଓ ପଦକ୍ଷେପ ଜାରି ରହିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ବାଙ୍କିର ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ନିର୍ଦ୍ଦେଶକ ଡାକ୍ତର ଦୀପକ ରାଉତରାୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ସୂଚନା ଅନୁସାରେ ରାଜ୍ୟରେ କର୍କଟ ରୋଗୀମାନଙ୍କୁ ଅଧିକ ବ୍ୟାପକ, ସମୟୋପଯୋଗୀ ଓ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ଦିଗରେ ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନ ଅଧୀନରେ ଅତିରିକ୍ତ ୯୧ଟି କ୍ୟାନସର ଚିକିତ୍ସା ପ୍ୟାକେଜକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପି.ଏମ୍.ଜେ.ଏ.ୱାଇ.) ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ.)ର ସମନ୍ୱିତ ପ୍ୟାକେଜ ମାଷ୍ଟରରେ ସ୍ୱତନ୍ତ୍ର ରାଜ୍ୟ ପ୍ୟାକେଜ ଭାବେ ସାମିଲ କରିଛନ୍ତି। କ୍ୟାନସର ପାଇଁ ରାଜ୍ୟ ସରକାର ନିଜ ଉଦ୍ୟମରେ ଦେୟମୁକ୍ତ ଚିକିତ୍ସା ଯୋଗାଇଦେବା ନିମନ୍ତେ ବିଗତ ବଜେଟରେ ୩୧୧ କୋଟି ପ୍ରବଧାନ କରିଛନ୍ତି। ବର୍ତ୍ତମାନ ଏହି କର୍କଟ ରୋଗ ଅନୁଷ୍ଠାନରେ ଆନାସ୍ଥେସିଓଲୋଜି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ସ୍ତ୍ରୀରୋଗ ବିଜ୍ଞାନ ଅଙ୍କୋଲୋଜି, ମେଡିକାଲ୍ ଅଙ୍କୋଲୋଜି, ମେଡିକାଲ୍ ଫିଜିକ୍ସ, ମାଇକ୍ରୋବାଇଲୋଜି, ନ୍ୟୁକ୍ଲିୟର ମେଡିସିନ୍, ପାଥୋଲୋଜି, ପ୍ଲାଷ୍ଟିକ୍ ସର୍ଜରି, ରେଡିଓ ଡାଇଗ୍ନୋସିସ୍. ରେଡିଏସନ୍ ଅଙ୍କୋଲୋଜି, ସର୍ଜିକାଲ୍ ଅଙ୍କୋଲୋଜି ଭଳି ଅନେକ ବିଭାଗରେ ରୋଗୀ ସ୍ୱାସ୍ଥ୍ୟ ସେବା ପାଉଛନ୍ତି। ସେହିପରି ଶିକ୍ଷା ଏବଂ ଗବେଷଣା, ନିରାମୟ , ଟେଲିମେଡିସିନ୍ ପରି ସୁବିଧା ମଧ ରୋଗୀଙ୍କୁ ଉପଲବ୍ଧ କରାଯାଉଛି।

## ୨୦ ବର୍ଷ ପୂର୍ବରୁ ବିପଦ ଚିହ୍ନଟ କରିବା ବ୍ୟବସ୍ଥା ନିର୍ମାଣ ହେବ: ଅମିତ ଶାହ



**ନୂଆଦିଲ୍ଲୀ, ୨୬/୮:** ନୂଆଦିଲ୍ଲୀରେ ଦୁଇ ଦିନିଆ ଜାତୀୟ ସୁରକ୍ଷା ରଣନୀତି ସମ୍ମିଳନୀ (ଏନ୍‌ଏସ୍‌ଏସ୍‌ସି)ର ଶେଷ ଅଧିବେଶନରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ଭାରତକୁ ଏକ ସକ୍ରିୟ ସୁରକ୍ଷା ବ୍ୟବସ୍ଥା ନିର୍ମାଣ କରିବାକୁ ପଡିବ ଯାହା ୧୫ରୁ ୨୦ ବର୍ଷ ପୂର୍ବରୁ ଉଦୀୟମାନ ବିପଦଗୁଡ଼ିକୁ ଚିହ୍ନଟ କରିବ ଓ ସେଗୁଡ଼ିକୁ ବଡ଼ ଚ୍ୟାଲେଞ୍ଜରେ ପରିଣତ ହେବାରୁ ରୋକିବ। ସେ କହିଛନ୍ତି ଯେ, ସୁରକ୍ଷା ନୀତି କେବଳ ବିଦ୍ୟମାନ ବିପଦଗୁଡ଼ିକର ମୁକାବିଲା କରିବା ଉପରେ ଧ୍ୟାନ ଦେବା ଉଚିତ ନୁହେଁ ବରଂ ଅନ୍ତର୍ଜାତୀୟ ଓ ଜାତୀୟ ଧାରାଗୁଡ଼ିକର ଅଧ୍ୟୟନ କରିବା ଉଚିତ ଓ ସମ୍ଭାବ୍ୟ ସମସ୍ୟାଗୁଡ଼ିକ ଦେଖାଦେବା ପୂର୍ବରୁ ସେଗୁଡ଼ିକୁ ପୂର୍ବାନୁମାନ କରିବା ଉଚିତ। ଶାହ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଓ ସେହି ଲକ୍ଷ୍ୟ ହାସଲ ପାଇଁ ଦୃଢ଼ ଆଭ୍ୟନ୍ତରୀଣ ସୁରକ୍ଷା ହେଉଛି ପ୍ରଥମ ସର୍ତ୍ତ। ସେ କହିଛନ୍ତି ଯେ, ଯଦି ଭାରତ ବିଭିନ୍ନ କ୍ଷେତ୍ରରେ ବିଶ୍ୱକୁ ନେତୃତ୍ୱ ଦେବାକୁ ଚାହେଁ, ତେବେ ତାକୁ ଏକ ଦୃଢ଼ ଓ ସ୍ଥିର ସୁରକ୍ଷା ପରିବେଶ ବଜାୟ ରଖିବାକୁ ପଡିବ। ସେ କହିଛନ୍ତି ଯେ, ଏନ୍‌ଏସ୍‌ଏସ୍‌ସି ଆଗାମୀ ୧୫ ରୁ ୨୦ ବର୍ଷ ମଧ୍ୟରେ ଅନ୍ତର୍ଜାତୀୟ ଧାରା ଅଧ୍ୟୟନ କରିବା ଉଚିତ ଓ ଭବିଷ୍ୟତରେ କେଉଁ ନୂତନ ସମସ୍ୟା ଦେଖାଦେଇପାରେ ତାହା ନିର୍ଣ୍ଣୟ କରିବା ଉଚିତ। ସୁରକ୍ଷା ଏଜେନ୍ସିଗୁଡ଼ିକୁ ସେହି ଚ୍ୟାଲେଞ୍ଜଗୁଡ଼ିକୁ ରୋକିବା ପାଇଁ ଏବେ ରଣନୀତି ପ୍ରସ୍ତୁତ କରିବାକୁ ପଡିବ।

## ରାଜସ୍ଥାନ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କୁ ହଟାଇବାକୁ ଅନୁରୋଧ

**ନୂଆଦିଲ୍ଲୀ, ୨୬/୮:** ରାଜସ୍ଥାନ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୀବ ପ୍ରକାଶ ଶର୍ମାଙ୍କ ବିରୋଧରେ କ୍ଷମତାର ଦୁରୁପଯୋଗ, ମାମଲା ତାଲିକାଭୁକ୍ତ କରିବାରେ ଅନିୟମିତତା, ପକ୍ଷପାତିତା ଓ ପରିବାରବାଦ ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ସୁପ୍ରିମ୍‌କୋର୍ଟ ବିଚାରପତି ସନ୍ଦୀପ ମେହେଟ୍ଟା। ଏହି ପରିପ୍ରେକ୍ଷୀରେ ସେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ରାଜସ୍ଥାନ ହାଇକୋର୍ଟରେ ତୁରନ୍ତ ଅନ୍ୟ ରାଜ୍ୟର ଜଣେ ବିଚାରପତିଙ୍କୁ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିବା ସହ ଜଷ୍ଟିସ୍ ଶର୍ମାଙ୍କୁ ରାଜସ୍ଥାନରୁ ବଦଳି କରିବାକୁ ଅନୁରୋଧ କରିଛନ୍ତି। ଜଷ୍ଟିସ୍ ମେହେଟ୍ଟା ଅଗଷ୍ଟ ୨, ୧୦ ଓ ୧୭ ତାରିଖରେ ସିଜେଆଇଙ୍କୁ ତିନିଟି ଚିଠି ଲେଖି ଏହି ଅଭିଯୋଗ କରିଛନ୍ତି। ତାଙ୍କ ଅଗଷ୍ଟ ୨ର ଅଭିଯୋଗ ଅନୁଯାୟୀ, ଜଷ୍ଟିସ୍ ଶର୍ମା 'ମାଷ୍ଟର ଅଫ୍ ଦ ରୋଷ୍ଟର' ଭାବେ ନିଜ ପ୍ରଶାସନିକ କ୍ଷମତାର ବ୍ୟବହାର କରି ଅନ୍ୟ ବେଞ୍ଚରେ ତାଲିକାଭୁକ୍ତ ମାମଲାକୁ ହଠାତ୍ ନିଜ ବେଞ୍ଚକୁ ସ୍ଥାନାନ୍ତର କରୁଥିଲେ। ଏହାର କୌଣସି ଯଥାର୍ଥ କାରଣ ନଥିବା ଜଷ୍ଟିସ୍ ମେହେଟ୍ଟା କହିଛନ୍ତି। ଅଗଷ୍ଟ ୧୦ର ଚିଠିରେ ଜଷ୍ଟିସ୍ ମେହେଟ୍ଟା ଉଦୟପୁରର ମୂଲ୍ୟବାନ ଜମି ସମ୍ପର୍କିତ କିଛି ମାମଲାର ଉଦାହରଣ ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ଯୋଧପୁର ପ୍ରଧାନ ଆସନର ଅଧିକାରକ୍ଷେତ୍ରରେ ପଡୁଥିବା ମାମଲାକୁ ଜୟପୁରସ୍ଥିତ ଜଷ୍ଟିସ୍ ଶର୍ମାଙ୍କ ବେଞ୍ଚକୁ ନିଆଯାଇଥିଲା। ଏହି ମାମଲାର ଗୋଟିଏ ପକ୍ଷର ଓକିଲ ବରିଷ୍ଠ ଆଇନଜୀବୀ କମଳାକର ଶର୍ମାଙ୍କ ବୋହୂଙ୍କୁ ରାଜସ୍ଥାନ ହାଇକୋର୍ଟର ବିଚାରପତି କରିବା ପାଇଁ ଜଷ୍ଟିସ୍ ଶର୍ମା ପ୍ରୟାସ କରୁଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଅନ୍ୟ ଏକ ମାମଲାରେ ଖଣି ବ୍ୟବସାୟୀ ମେଘରାଜ ସିଂହଙ୍କ ମାମଲାକୁ ନେଇ ରେଜିଷ୍ଟ୍ରିରେ ହେରଫେର ହୋଇଥିବା ଜଷ୍ଟିସ୍ ମେହେଟ୍ଟା ଅଭିଯୋଗ କରିଛନ୍ତି। ଦଣ୍ଡବିଧିର ଧାରା ୪୮୨ ଅଧୀନରେ ଏକକ ବିଚାରପତିଙ୍କ ଆଦେଶ ହୋଇଥିବାରୁ ଏହା ବିରୋଧରେ ସ୍ୱତନ୍ତ୍ର ଆବେଦନ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି। ତଥାପି ମାମଲାଟିକୁ 'ସ୍ପେଶାଲ ଆପିଲ୍‌ରିଟ୍' ଭାବେ ପଞ୍ଜୀକୃତ କରି ଜଷ୍ଟିସ୍ ଶର୍ମାଙ୍କ ବେଞ୍ଚରେ ରଖାଯାଇଥିବା ଅଭିଯୋଗ ହୋଇଛି। ସେହି ବେଞ୍ଚ୍ ୪୫୭ ଦିନର ବିଳମ୍ବକୁ ପ୍ରଥମ ଦିନରେ କ୍ଷମା କରିଥିଲେ। ମାମଲାର ଓକିଲ ସନ୍ଦୀପ ସିଂହ ଶେଖାୱତ୍ ଜଷ୍ଟିସ୍ ଶର୍ମାଙ୍କ ଓକିଲାତି ସମୟର ସହଯୋଗୀ ଥିଲେ ବୋଲି ମଧ୍ୟ ଜଷ୍ଟିସ୍ ମେହେଟ୍ଟା ଉଲ୍ଲେଖ କରିଛନ୍ତି।



## ହ୍ରଦରୁ ଗୋଟିଏ ପରିବାରର ୬ ମୃତଦେହ ଉଦ୍ଧାର

ବିଜୟପୁର, ୨୬।୮: କର୍ଣ୍ଣାଟକର ବିଜୟପୁରା ଜିଲ୍ଲା ଆଦର୍ଶନଗର ଥାନା ଅଧୀନ ଭୂତନାଳ ହ୍ରଦରୁ ଗୋଟିଏ ପରିବାରର ୬ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ତାଙ୍କର ୫ ଜଣ ଶିଶୁ ଥିବା ଜଣାପଡ଼ିଛି।ମୃତକମାନେ ହେଲେ ତୋରଭି ଶାନ୍ତିନଗର ଅଞ୍ଚଳର ମଲ୍ଲିକାର୍ଜୁନ ଜାଲଗେରୀଙ୍କ ପତ୍ନୀ ଶୋଭା (୩୫) ଏବଂ ତାଙ୍କ ୫ ସନ୍ତାନ ବିଦ୍ୟା (୧୫), ସୁବର୍ଣ୍ଣା (୧୩), ଟିପ୍ପରାୟ (୧୨), ସାନିକା (୧୦) ଓ ବିକାଶ (୬)।ପୁଲିସର ସୂଚନା ଅନୁଯାୟୀ, ଅଗଷ୍ଟ ୨୪ ତାରିଖରେ ଶୋଭା ଓ ତାଙ୍କ ପିଲାମାନେ ନିଖୋଜ ଥିବା ନେଇ ବିଜୟପୁର ଗ୍ରାମୀଣ ଥାନାରେ ଅଭିଯୋଗ ହୋଇଥିଲା। ପାରିବାରିକ ବିବାଦକୁ ନେଇ ଶୋଭା ପିଲାମାନଙ୍କୁ ସାଙ୍ଗରେ ନେଇ ଘରୁ ଚାଲିଯାଇଥିବା ମଲ୍ଲିକାର୍ଜୁନ ଅଭିଯୋଗରେ ଦର୍ଶାଇଥିଲେ।

## ଆଇଆଇଟି ଛାତ୍ର ମୃତ୍ୟୁକୁ ନେଇ ଆନ୍ଦୋଳନ ତୀବ୍ର

**ନୂଆଦିଲ୍ଲୀ, ୨୬/୮:** ଆଇଆଇଟି ଦିଲ୍ଲୀରେ ୩୧ ବର୍ଷୀୟ ଏମ୍‌ଏସ୍‌ସି ଫିଜିକ୍ସ ଛାତ୍ର ଋଷିକେଶ କୁମାରଙ୍କ ମୃତ୍ୟୁକୁ ନେଇ ଛାତ୍ର ଆନ୍ଦୋଳନ ତୀବ୍ର ହୋଇଛି। ଲଗାତାର ତୃତୀୟ ଦିନରେ ଛାତ୍ରମାନେ ପ୍ରତିବାଦ କରିବା ସହ କ୍ୟାମ୍ପସ୍‌ରେ ରାଲି କରିଛନ୍ତି। ମୃତ୍ୟୁ ଘଟଣାର ସ୍ୱାଧୀନ ଓ ନିରପେକ୍ଷ ତଦନ୍ତ, ତଦନ୍ତ ପ୍ରକ୍ରିୟାରେ ଅଧିକ ଛାତ୍ର ପ୍ରତିନିଧିତ୍ୱ ଏବଂ ପ୍ରଶାସନିକ ଅବହେଳା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମୃତ୍ୟୁ ଘଟଣାରେ ଦିଲ୍ଲୀ ପୁଲିସ ଅଜଣା ବ୍ୟକ୍ତିଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ଘଟଣା ସମ୍ପର୍କିତ ତଥ୍ୟ ଯାଞ୍ଚ କରିବା ସହ ଛାତ୍ରଙ୍କ ମୋବାଇଲ ଫୋନ୍ ଓ ଅନୁଷ୍ଠାନରୁ ମିଳୁଥିବା ରେକର୍ଡ ଯାଞ୍ଚ କରୁଛି। ଅଗଷ୍ଟ ୨୨ରେ କ୍ୟାମ୍ପସ୍‌ରେ ଏହି ଘଟଣା ଘଟିଥିଲା। ଋଷିକେଶ ଜୁଲାଇ ୨୦୨୫ରେ ଆଇଆଇଟି ଦିଲ୍ଲୀର ଏମ୍‌ଏସ୍‌ସି ଫିଜିକ୍ସ ପାଠ୍ୟକ୍ରମରେ ଯୋଗ ଦେଇଥିଲେ। ଛାତ୍ରମାନଙ୍କ ଚାପ ପରେ ଆଇଆଇଟି ଦିଲ୍ଲୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ପାଞ୍ଚଜଣିଆ ବାହ୍ୟ ତଦନ୍ତ କମିଟି ଗଠନ କରିଥିଲା। କମିଟିକୁ ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଥିଲା। ଏହା ଘଟଣା ସମ୍ପର୍କିତ ରେକର୍ଡ ଯାଞ୍ଚ କରିବା, ଛାତ୍ର, ଅଧ୍ୟାପକ ଓ ପ୍ରଶାସନିକ ଅଧିକାରୀଙ୍କ ସହ କଥା ହେବା, ବର୍ତ୍ତମାନର ପ୍ରୋଟୋକଲ୍ ଓ ପ୍ରକ୍ରିୟା ଯାଞ୍ଚ କରିବା ସହ ଛାତ୍ର ସହାୟତା ବ୍ୟବସ୍ଥାକୁ ସୁଦୃଢ଼ କରିବା ନେଇ ସୁପାରିସ କରିବାର ଥିଲା। ପ୍ରାଥମିକ ଭାବେ ଏହି କମିଟିରେ ଉତ୍ତରାଖଣ୍ଡର ପୂର୍ବତନ ଡିଜିପି ତଥା ଆଇଆଇଟି ଦିଲ୍ଲୀର ପୂର୍ବତନ ଛାତ୍ର ଅଶୋକ କୁମାର, ଏମ୍ସ ଦିଲ୍ଲୀର ମନୋଚିକିତ୍ସା ବିଭାଗ ମୁଖ୍ୟ ପ୍ରତାପ ଶର୍ମା, ଦୁଇଜଣ ଛାତ୍ର ପ୍ରତିନିଧି ଓ ଆଇଆଇଟି ଦିଲ୍ଲୀର ରେଜିଷ୍ଟ୍ରାର ରହିବାର ବ୍ୟବସ୍ଥା ହୋଇଥିଲା। ତେବେ ଛାତ୍ରମାନେ ଅଶୋକ କୁମାରଙ୍କୁ କମିଟିରେ ସାମିଲ କରାଯିବା ନେଇ ଆପତ୍ତି ଜଣାଇବା ପରେ ପ୍ରଶାସନ କମିଟି ପୁନର୍ଗଠନ କରିବାକୁ ରାଜି ହୋଇଛି। ଛାତ୍ରମାନେ ଅନୁଷ୍ଠାନର ଛାତ୍ର କଲ୍ୟାଣ ବିଭାଗର ଆସୋସିଏଟ୍ ଡିନ୍‌ଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଇସ୍ତଫା ଦାବି କରିଛନ୍ତି। ମୃତ ଛାତ୍ରଙ୍କ ସମସ୍ୟା ପରିଚାଳନାରେ ପ୍ରଶାସନିକ ଅବହେଳା ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଛାତ୍ରମାନଙ୍କ ସହ ଆଲୋଚନା ପରେ ନୂଆ କମିଟି ପାଇଁ ବିକଳ୍ପ ନାମ ପ୍ରସ୍ତାବ ଦେବାକୁ ସେମାନଙ୍କୁ କୁହାଯାଇଛି। ଘଟଣା ପରେ ଛାତ୍ରମାନେ କ୍ଲାସ୍ ବର୍ଜନ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ସହ ଛାତ୍ରଙ୍କ ଅଭିଯୋଗ ଶୁଣିବା ଓ ସମାଧାନ କରିବା ପାଇଁ ଅଧିକ ପ୍ରଭାବଶାଳୀ ବ୍ୟବସ୍ଥା ଦାବି ମଧ୍ୟ ହୋଇଛି।

## ତେଲେଙ୍ଗାନାରେ ବସ୍-ଟ୍ରକ୍ ଧକ୍କା: ୬ ମୃତ



**ନୂଆଦିଲ୍ଲୀ, ୨୬/୮:** ତେଲେଙ୍ଗାନାର ସୂର୍ଯ୍ୟାପେଟ ଜିଲ୍ଲାରେ ବୁଧବାର ଭୋର ସମୟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ଅଛନ୍ତି। ଦୁର୍ଘଟଣାରେ ଅତି କମ୍‌ରେ ୨୦ ଜଣ ଆହତ ହୋଇଥିବା ପୁଲିସ କହିଛି। ଆହତମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ଅନ୍ୟ ହସ୍ପିଟାଲକୁ ପଠାଯାଇଛି। ଏହି ଦୁର୍ଘଟଣା କୋଦାଡ ମଣ୍ଡଳର କୋମରବନ୍ଦ ନିକଟରେ ହାଇଦ୍ରାବାଦ-ବିଜୟୱାଡା ଜାତୀୟ ରାଜପଥ-୬୫ରେ ଘଟିଛି। ବୁଧବାର ଭୋର ପ୍ରାୟ ୪ଟା ୩୦ରେ ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହାଇଦ୍ରାବାଦରୁ ଆନ୍ଧ୍ରପ୍ରଦେଶର ଏଲୁରୁ ଅଭିମୁଖେ ଯାଉଥିବା ଏକ ଘରୋଇ ଟ୍ରାଭେଲ୍ ବସ୍ ରାସ୍ତାରେ ଅଟକି ରହିଥିବା କଣ୍ଟେନର ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ବସ୍‌ରେ ପ୍ରାୟ ୪୨ ଜଣ ଯାତ୍ରୀ ଥିଲେ। ଧକ୍କା ଏତେ ଜୋରଦାର ଥିଲା ଯେ ବସ୍‌ର ସାମ୍ନା ଭାଗ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ୬ ଜଣ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ।

## ୬,୫୦୦ ବର୍ଷ ପୁରୁଣା ଢାଞ୍ଚା ଠାବ

ପ୍ରାଗ୍,୨୬।୮:ଚେକ୍ ରିପବ୍ଲିକ୍‌ର ବ୍ଲେବି ନିକଟରେ ପ୍ରତ୍ନତତ୍ତ୍ୱବିତଙ୍କୁ ମିଳିଛି ଏକ ରହସ୍ୟମୟ ଢାଞ୍ଚା। ଏହି ଢାଞ୍ଚା ୬,୫୦୦ ବର୍ଷ ପୁରୁଣା ବୋଲି କୁହାଯାଉଛି। ବିଶେଷଜ୍ଞଙ୍କ ମତରେ ଏହା ଏକ ଧାର୍ମିକ କେନ୍ଦ୍ର ଥିଲା। ଏହା ସିଧାସଳଖ ସୂର୍ଯ୍ୟ ଏବଂ ଚନ୍ଦ୍ରର ଗତି ସହିତ ଜଡିତ ଥିଲା। ପ୍ରାଚୀନ ସମୟରେ ଲୋକମାନେ ଏଠାରେ ସୂର୍ଯ୍ୟ ଏବଂ ଚନ୍ଦ୍ରର ଗତିବିଧି ଉପରେ ନଜର ରଖୁଥିଲେ। ଏହି ସ୍ଥାନରେ ଖନନ କରିବାରୁ ଏକ ବଡ଼ ବୃତ୍ତାକାର ଘେରା ମିଳିଛି। ଯାହାର ବ୍ୟାସ ପ୍ରାୟ ୭୫୦ଫୁଟ ଏବଂ ଗଭୀରତା ୮ଫୁଟ ଥିଲା। ଏହି ଐତିହାସିକ କେନ୍ଦ୍ରରେ ୧୨ଟି ରାସ୍ତା ଅଛି,ଯାହା ସମସ୍ତ ଘେରାର କେନ୍ଦ୍ରରେ ମିଳିତ ହୁଏ।

## ଭକ୍ତଙ୍କ ଉପରେ କାର୍ ଚଢ଼ିଗଲା: ୫ ମୃତ

**ପାଟନା, ୨୬/୮:** ବିହାରର ସୁପୌଲ ଜିଲ୍ଲାରେ ଏକ କାର୍ ଧକ୍କାରେ ଅତି କମ୍‌ରେ ୫ ଜଣଙ୍କ ମୃତ୍ୟୁ ହୋଇଯାଇଛି ଏବଂ ଅନ୍ୟ ଜଣେ ଆହତ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସୁପୌଲ-ପିପ୍ରା ମୁଖ୍ୟ ରାସ୍ତାରେ ଥିବା ବଜରଙ୍ଗବଳୀ ମନ୍ଦିର ନିକଟରେ ଏହି ଦୁର୍ଘଟଣା ଘଟିଛି। 'ଝୁଲଣ' ପର୍ବ ଅବସରରେ ପୂଜାପାଠ ପାଇଁ କିଛି ଗ୍ରାମବାସୀ ସେଠାରେ ଏକାଠି ହୋଇଥିବାବେଳେ ଏହି ଦୁଃଖଦ ଘଟଣା ଘଟିଛି। ପିପ୍ରା ଥାନା ଏସ୍‌ଏଚ୍‌ଓ କିଶୋର କୁମାର କହିଛନ୍ତି, ମଙ୍ଗଳବାର ରାତି ପ୍ରାୟ ୮ଟାରେ ଏକ ଦ୍ରୁତଗାମୀ ଗାଡ଼ି ମନ୍ଦିର ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବା ୬ ଜଣଙ୍କ ଉପରେ ଚଢ଼ିଯାଇଥିଲା। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ମୃତ୍ୟୁ ହୋଇଛି ଓ ଜଣେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମୃତକମାନଙ୍କୁ ସୁରେନ୍ଦ୍ର ଯାଦବ, ତିଲାଇ ଦାସ, ରାଜୁ ଦାସ, ଭୁବନେଶ୍ୱରୀ ଯାଦବ ଓ କୃଷ୍ଣ ମୋହନ ବୋଲି ଚିହ୍ନଟ କରାଯାଇଛି। ସମସ୍ତେ କଟୈୟା ଗୋଠ ଗ୍ରାମର ବାସିନ୍ଦା। ମୃତଦେହଗୁଡ଼ିକର ପୋଷ୍ଟମର୍ଟମ୍ କରାଯାଇଛି। ଦୁର୍ଘଟଣା ପରେ ଫେରାର କାର ଚାଳକଙ୍କୁ ଖୋଜିବା ପାଇଁ ପୁଲିସ ତଲାସୀ ଅଭିଯାନ ଚଳାଇଛି। ଏହି ଘଟଣାକୁ ନେଇ କ୍ରୋଧିତ ସ୍ଥାନୀୟ ଲୋକମାନେ କିଛି ସମୟ ପାଇଁ ସୁପୌଲ-ପିପ୍ରା ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ପରେ ସୁପୌଲ ସଦର ଏସ୍‌ଡିଓ ମନୋହର କୁମାର ସାହୁ ଓ ଏସ୍‌ଡିପିଓ ରାଜୀବ ରଞ୍ଜନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପହଞ୍ଚି ଲୋକମାନଙ୍କୁ ବୁଝାଇବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

### ଘରୋଇ କ୍ଷେତ୍ର ପାଇଁ କ୍ଷେପଣାସ୍ତ୍ର ନିର୍ମାଣ ପରେ...

## ୧,୫୦୦ କିଲୋମିଟର ଷ୍ଟ୍ରାଇକ୍ ରେଞ୍ଜ ଲକ୍ଷ୍ୟ



**ନୂଆଦିଲ୍ଲୀ, ୨୬/୮:** ଡିଆରଡିଓ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପାରମ୍ପରିକ କ୍ଷେପଣାସ୍ତ୍ର କ୍ଷେତ୍ରରେ ଭାରତୀୟ ଘରୋଇ କ୍ଷେତ୍ରର ପ୍ରବେଶକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅନୁମତି ଦେବାର ଦିନକ ପରେ, କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ୧୦୦୦-୧୫୦୦ କିଲୋମିଟର ଦୂରତା ବିଶିଷ୍ଟ ଲ୍ୟାଣ୍ଡ ଆଟାକ୍ କ୍ରୁଜ୍ କ୍ଷେପଣାସ୍ତ୍ର (ଏଲ୍‌ଆରଏଲ୍‌ଏସିଆରଏମ୍) ଏବଂ ୧୫୦-୫୦୦ କିଲୋମିଟର ଦୂରତା ବିଶିଷ୍ଟ ପ୍ରଳୟ କ୍ୱାସି-ବାଲାଷ୍ଟିକ୍ ଟାକ୍ଟିକାଲ୍ କ୍ଷେପଣାସ୍ତ୍ର ଉତ୍ପାଦନ ପାଇଁ ଘରୋଇ କମ୍ପାନିମାନଙ୍କୁ ଚିହ୍ନଟ କରୁଛନ୍ତି। ଏବେ ଭାରତୀୟ ଘରୋଇ କମ୍ପାନିଗୁଡ଼ିକ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଠାରୁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନିଜର ଦୂରଗାମୀ ଏଲ୍‌ଆରଏଲ୍ ଏସିଆରଏମ୍ କ୍ଷେପଣାସ୍ତ୍ର ନିର୍ମାଣ କରିବେ। ଆଇସିଓଏମ୍‌ଏମ୍, ହାଇଦ୍ରାବାଦ, ଭାରତ ଫୋର୍ଜ ଓ ଅଡାନୀ ପ୍ରତିରକ୍ଷା ସିଷ୍ଟମ ଓ ପ୍ରଯୁକ୍ତିବିଦ୍ୟା ଲିମିଟେଡ୍ (ଏଡିଏସ୍‌ଟିଏଲ୍), ଭାରତ ଡାଇନାମିକ୍ସ ଲିମିଟେଡ୍, ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଭଳି କମ୍ପାନିଗୁଡ଼ିକ କ୍ଷେପଣାସ୍ତ୍ର ଉତ୍ପାଦନରେ ସାମିଲ ହୋଇଛନ୍ତି। ପାରମ୍ପରିକ କ୍ଷେପଣାସ୍ତ୍ର କ୍ଷେତ୍ରକୁ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲିବା ହେଉଛି ରଣନୈତିକ କ୍ଷେପଣାସ୍ତ୍ର କ୍ଷେତ୍ରକୁ ଖୋଲିବା ଦିଗରେ ପ୍ରଥମ ପଦକ୍ଷେପ, କ୍ଷେପଣାସ୍ତ୍ରରେ ସମନ୍ୱୟ ପାଇଁ ପ୍ରାୟ ୫୦ଟି ଉପ-ପ୍ରଣାଳୀ ଘରୋଇ କ୍ଷେତ୍ର ଦ୍ୱାରା ଯୋଗାଇ ଦିଆଯାଉଛି। କ୍ଷେପଣାସ୍ତ୍ର କ୍ଷେତ୍ରରେ ଘରୋଇ କ୍ଷେତ୍ରକୁ ଅନୁମତି ଦେଇ, ସରକାର ଘରୋଇ କ୍ଷେତ୍ର ଓ ସେମାନଙ୍କର ସହାୟକ ୟୁନିଟଗୁଡ଼ିକୁ ଏକ ପ୍ରମୁଖ ପ୍ରୋତ୍ସାହନ ଦେଇ ଉତ୍ପାଦନ ସଂଖ୍ୟାକୁ ବୃଦ୍ଧି କରିଛନ୍ତି। 'ଆତ୍ମନିର୍ଭର ଭାରତ'କୁ ପ୍ରୋତ୍ସାହିତ କରିବ ନାହିଁ ବରଂ ଭାରତର ସାମରିକ ଶିଳ୍ପ ସଂକଳନକୁ ମଧ୍ୟ ବିସ୍ତାର କରିବ।

## ୟୁଜିସି-ନେଟ୍ ଜୁନ୍ ୨୦୨୬ ଶୀଘ୍ର ଜାରି ହେବ ଫାଇନାଲ୍ ଆନ୍ସର-କୀ

ନୂଆଦିଲ୍ଲୀ, ୨୬ ।୮:ୟୁଜିସି-ନେଟ୍ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସ୍ତରର ପରୀକ୍ଷାରେ ସାମିଲ ହୋଇଥିବା ଲକ୍ଷ ଲକ୍ଷ ପ୍ରାର୍ଥୀଙ୍କ ଅପେକ୍ଷା ଶୀଘ୍ର ଶେଷ ହୋଇପାରେ। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଏହି ପରୀକ୍ଷାଗୁଡ଼ିକର ଫାଇନାଲ୍ ଆନ୍ସର-କୀ ଏବଂ ଫଳାଫଳ ଶୀଘ୍ର ନିଜର ଅଧିକାରିକ ୱେବସାଇଟରେ ଜାରି କରିବାକୁ ଯାଉଛି ।ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ଶୀଘ୍ର ୟୁଜିସି-ନେଟ୍ ଜୁନ୍ ୨୦୨୬ର ଫାଇନାଲ୍ ଆନ୍ସର-କୀ ଏବଂ ପରୀକ୍ଷା ଫଳାଫଳ ଜାରି କରିବ। ଏହା ସହିତ କାଉନ୍ସିଲ୍ ଅଫ୍ ସାଇଂଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ (ସିଏସ୍‌ଆଇଆ-ର୍ନେଟ୍), ଆଇସିଏଆର୍ ପିଜି ଏବଂ ଅଲ୍ ଇଣ୍ଡିଆ କମ୍ପିଟିଟିଭ୍ ଏଗଜାମିନେସନ୍ (ପିଏଚ୍ଡି) ୨୦୨୬ର ଫଳାଫଳ ମଧ୍ୟ ଜାରି କରାଯିବ ।ସୂଚନା ଅନୁଯାୟୀ, ୟୁଜିସି-ନେଟର ସମସ୍ତ ୮୪ଟି ବିଷୟର ଫାଇନାଲ୍ ଆନ୍ସର-କୀ ଏବଂ ଫଳାଫଳ ଏନ୍ଟିଏର ଅଧିକାରିକ ୱେବସାଇଟରେ ଉପଲବ୍ଧ କରାଯିବ।

## ହିଜାବ ଉପରେ କୋର୍ଟଙ୍କ ନିର୍ଦ୍ଦେଶକୁ ଓୱେସୀଙ୍କ ସମାଲୋଚନା



**ହାଇଦ୍ରାବାଦ,୨୬/୮:** ଅଲ୍ ଇଣ୍ଡିଆ ମଜଲିସ୍-ଏ-ଇତ୍ତେହାଦୁଲ୍ ମୁସଲିମିନ୍ (ଏଆଇଏମ୍‌ଆଇଏମ୍) ମୁଖ୍ୟ ତଥା ହାଇଦ୍ରାବାଦ ସାଂସଦ ଅସଦୁଦ୍ଦିନ୍ ଓୱେସୀ ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ ନିନ୍ଦା କରିଛନ୍ତି। ଆହ୍ଲାବାଦ ହାଇକୋର୍ଟ ଜଣେ ମୁସଲିମ୍ ଝିଅ ସ୍କୁଲରେ 'ହେଡ୍‌ସ୍କାର୍ଫ' ପିନ୍ଧିବାକୁ କରିଥିବା ଆବେଦନକୁ ଖାରଜ କରିଦେଇଥିଲେ। ଏହି ରାୟକୁ ଇସଲାମ ଉପରେ ଆକ୍ରମଣ ବୋଲି ଅଭିହିତ କରି ଓୱେସି କହିଛନ୍ତି ଯେ, ଇସଲାମ ପାଇଁ କ'ଣ ଜରୁରୀ ଓ କ'ଣ ନୁହେଁ ତାହା ବିଚାରପତିମାନେ ନିଷ୍ପତ୍ତି ନେବା ଉଚିତ୍ ନୁହେଁ। ଅଗଷ୍ଟ ୨୧ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଆହ୍ଲାବାଦ ହାଇକୋର୍ଟ ସ୍ପଷ୍ଟ କରିଥିଲେ ଯେ, କୌଣସି ଛାତ୍ରଙ୍କ ବ୍ୟକ୍ତିଗତ ପସନ୍ଦ ଅନୁଯାୟୀ ଶିକ୍ଷାନୁଷ୍ଠାନ ଦ୍ୱାରା ନିର୍ଦ୍ଧାରିତ ଡ୍ରେସ୍ କୋଡ୍ ପରିବର୍ତ୍ତନ କରିବାର ଅଧିକାର ନାହିଁ। ସ୍କୁଲ କର୍ତ୍ତୃପକ୍ଷଙ୍କୁ ଆବେଦନକାରୀଙ୍କୁ ସ୍କୁଲ ଦ୍ୱାରା ନିର୍ଦ୍ଧାରିତ ୟୁନିଫର୍ମ ସହିତ ହେଡ୍ ସ୍କାର୍ଫ ପିନ୍ଧିବାକୁ ଅନୁମତି ଦେବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରୁଥିବା ଜଣେ ଛାତ୍ରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଥିଲେ। ପ୍ରୟାଗରାଜର ଏକ ଘରୋଇ ସ୍କୁଲର ଛାତ୍ରୀ ଜଣେ ନାବାଳିକା ଝିଅ ଏହି ଆବେଦନ ଦାଖଲ କରିଥିଲେ। ଝିଅଟି ହାଇସ୍କୁଲ ପାସ୍ କରିଛି ଓ ସେହି ଶିକ୍ଷାନୁଷ୍ଠାନରେ ଏକାଦଶ ଶ୍ରେଣୀରେ ପ୍ରବେଶ କରିବାକୁ ଚାହୁଁଛି। ଜଷ୍ଟିସ ଜେଜେ ମୁନିର ଓ ଇନ୍ଦ୍ରଜିତ ଶୁକ୍ଲାଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏହି ଯୁକ୍ତିକୁ ଖାରଜ କରିଛନ୍ତି ଯେ, ମୁଣ୍ଡରେ ସ୍କାର୍ଫ ପିନ୍ଧିବା ଏକ ଅତ୍ୟାବଶ୍ୟକ ଇସଲାମିକ ଅଭ୍ୟାସ।

### ପାକିସ୍ତାନ ହସ୍ପିଟାଲରେ ନିଆଁ

## ୧୫ ନବଜାତ ଜୀବନ୍ତ ଦଗ୍ଧ



ଇସଲାମାବାଦ, ୨୬।୮: ରାଜଧାନୀ ଇସଲାମାବାଦର ପାକିସ୍ତାନ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍‌ସେସ (ପିମ୍ସ)ର ପ୍ରସୂତି ଏବଂ ସ୍ତ୍ରୀରୋଗ ୱାର୍ଡରେ ବୁଧବାର ସକାଳ ପ୍ରାୟ ୬.୪୫ ବେଳେ ନିଆଁ ଲାଗିବାରୁ ୧୫ ନବଜାତ ଶିଶୁଙ୍କ ମୃତ୍ୟୁ ହୋଇଛି। ପିମ୍ସର ଅଧିକାରୀମାନଙ୍କ ଅନୁସାରେ, ଘଟଣା ସମୟରେ ୱାର୍ଡରେ ୧୬ ଜଣ ନବଜାତ ଶିଶୁ ଥିଲେ, ଏମାନଙ୍କ ମଧ୍ୟରୁ କେବଳ ଜଣଙ୍କୁ ବଂଚାଯାଇପାରିଲା। ହସ୍ପିଟାଲର ଏକ ଏୟାର-କଣ୍ଡିସନର କମ୍ପ୍ରେସର ଫାଟିଯିବାରୁ ଏହି ନିଆଁ ଲାଗିଥିଲା।ଦ ନ୍ୟୁଜର ରିପୋର୍ଟ ଅନୁସାରେ, ଜିଲ୍ଲା ପ୍ରଶାସନ ନିଶ୍ଚିତ କରିଛି ଯେ ୱାର୍ଡର ତୃତୀୟ ମହଲାରେ ଲାଗିଥିବା ନିଆଁରେ ୧୫ ଜଣ ଶିଶୁ ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲେ। ସୂଚନା ମିଳିବା ମାତ୍ରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଂଚିଯାଇଥିଲେ। ଉଦ୍ଧାର ଅଭିଯାନରେ ଛଅଟି ଫାୟାର ବ୍ରିଗେଡ ଗାଡ଼ି ଏବଂ ଚାରିଟି ଆମ୍ବୁଲାନ୍ସ ଅଂଶଗ୍ରହଣ କରିଥିଲା। ଦୁର୍ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଉପାୟୁକ୍ତଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଛି। କମିଟି ନିଆଁ ଲାଗିବାର କାରଣଗୁଡ଼ିକ ଜାଣିବ। ଅଧିକାରୀମାନଙ୍କ ଅନୁସାରେ, ଘଟଣା ପରେ ୱାର୍ଡକୁ ସିଲ୍ କରିଦିଆଯାଇଛି। ମାତାପିତା ଅଭିଯୋଗ କରିଛନ୍ତି ଯେ ନିଆଁ ଲାଗିବା ସମୟରେ ଇନକ୍ୟୁବେସନ ସେଂଟରରେ ଷ୍ଟାଫ ଉପସ୍ଥିତ ନଥିଲେ। ପ୍ରଧାନମନ୍ତ୍ରୀ ଶହବାଜ ଶରିଫ ଦୁର୍ଘଟଣାର ତଦନ୍ତ କରାଇବା ଏବଂ ଦାୟୀ ପାଇଯାଇଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି।

## ତସ୍କରି ପୂର୍ବରୁ ୧୩୩ ଆଣ୍ଡ୍ରଏଡ୍ ମୋବାଇଲ୍ ଜବତ

ମୁର୍ଶିଦାବାଦ, ୨୬।୮: ଜିଲ୍ଲାର ଫରକ୍କା ଥାନା ଅଂଚଳରେ ବାଂଲାଦେଶକୁ ତସ୍କରି ପୂର୍ବରୁ ପୋଲିସ୍ ୧୩୩ଟି ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଜବତ କରିଛି। ଏହି ମାମଲାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକଙ୍କ ପରିଚୟ ମାସାଦୁଲ ରହମାନ (୨୬) ଭାବେ ହୋଇଛି। ସେ ମୁର୍ଶିଦାବାଦର ସମଶେରଗଞ୍ଜ ଥାନା ଅଂଚଳର ହିଜଲତଲା ଅଂଚଳର ବାସିନ୍ଦା ବୋଲି କୁହାଯାଇଛି। ଗିରଫ ଯୁବକଙ୍କୁ ବୁଧବାର ସକାଳେ ଜଙ୍ଗୀପୁର ଅଦାଲତରେ ହାଜର କରାଯାଇଥିଲା। ଯେଉଁଠାରେ ଅଦାଲତ ତାଙ୍କୁ ସାତ ଦିନର ପୋଲିସ୍ ହେପାଜତକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ ।ପୋଲିସ୍ ସୂତ୍ର ଅନୁଯାୟୀ, ସୂଚନା ଆଧାରରେ ଫରକ୍କାର ନେତାଜୀ ସେତୁ ନିକଟରେ ସନ୍ଦେହଜନକ ଭାବେ ବୁଲୁଥିବା ଜଣେ ଯୁବକଙ୍କୁ ପୋଲିସ୍ ହେପାଜତକୁ ନେଇଥିଲା। ପଚରାଉଚରା ଏବଂ ତଲାସି ସମୟରେ ତାଙ୍କ ପାଖରୁ ଏକ ବ୍ୟାଗ୍ ଜବତ ହୋଇଥିଲା। ବ୍ୟାଗ୍ ତଲାସି କରିବା ପରେ ସେଥିରୁ ୧୩୩ଟି ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ମିଳିଥିଲା ।ପୋଲିସର ପ୍ରାରମ୍ଭିକ ଅନୁମାନ ହେଉଛି ଯେ ମୋବାଇଲ୍ ଫୋନଗୁଡ଼ିକୁ ଝାଡ଼ଖଣ୍ଡରୁ ଆଣି ଫରକ୍କା ରାସ୍ତା ଦେଇ ବାଂଲାଦେଶ ପଠାଇବାକୁ ପ୍ରସ୍ତୁତି ଚାଲିଥିଲା। ପୋଲିସ୍ ସମଗ୍ର ମାମଲାର ତଦନ୍ତ କରୁଛି।

## ଇଣ୍ଡିଗୋ ବିମାନକୁ ବୋମା ଧମକ



**ଲକ୍ଷ୍ନୌ, ୨୬/୮:** ଲକ୍ଷ୍ନୌରୁ ବେଙ୍ଗାଲୁରୁ ଆସୁଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନକୁ ବୋମା ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବେଙ୍ଗାଲୁରୁସ୍ଥିତ କେମ୍ପେଗୌଡ଼ା ଆନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବାର ଅନ୍ତିମ ପର୍ଯ୍ୟାୟରେ ଥିବାବେଳେ ବିମାନ ନମ୍ବର ୬ଇ୨୩୧ ର କ୍ରିୟୁ ସଦସ୍ୟଙ୍କୁ ଏହି ବୋମା ଧମକ ସମ୍ପର୍କରେ ସୂଚନା ମିଳିଥିଲା। ଏହାପରେ ପାଇଲଟ୍ ଏବଂ କ୍ରିୟୁ ସଦସ୍ୟମାନେ ସମସ୍ତ ଆବଶ୍ୟକୀୟ ସୁରକ୍ଷା ନିୟମାବଳୀ ପାଳନ କରି ବୁଧବାର ସକାଳ ପ୍ରାୟ ୯.୪୦ ମିନିଟରେ ବିମାନଟିକୁ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ। ବିମାନଟି ଜମିରେ ଅବତରଣ କରିବା ମାତ୍ରେ ସୁରକ୍ଷା ଏଜେନ୍ସି ଏବଂ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ତୁରନ୍ତ ସୂଚିତ କରାଯାଇଥିଲା। ପ୍ରମାଣିକ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା (ଏସଓପି) ଅନୁଯାୟୀ ବିମାନଟିକୁ ଏକ ନିରାପଦ ସ୍ଥାନକୁ ନିଆଯାଇ ସୁରକ୍ଷା ବାହିନୀ ଦ୍ୱାରା ବ୍ୟାପକ ଯାଞ୍ଚ ଆରମ୍ଭ କରାଯାଇଛି।

## ମୋଦୀ-ରାହୁଲଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ବ୍ୟସ୍ତତା ବଢ଼ିଲା




**ନୂଆଦିଲ୍ଲୀ, ୨୬/୮:** ଜେନ୍-ଜି ଯୁବବର୍ଗଙ୍କ ବିକ୍ଷୋଭ ପରେ ଭାରତୀୟ ରାଜନୀତିରେ ସାମାଜିକ ଗଣମାଧ୍ୟମର ଗୁରୁତ୍ୱ ବଢ଼ିଛି। ବିଶେଷକରି ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପୋଷ୍ଟ ପ୍ରତି ଲୋକଙ୍କ ଏନ୍‌ଗେଜ୍‌ମେଣ୍ଟରେ ବଡ଼ ବୃଦ୍ଧି ଦେଖାଯାଇଛି। ଡାଟା ବିଇଙ୍ଗ୍‌ସର ଏକ ବିଶ୍ଳେଷଣ ଅନୁସାରେ, ଜୁଲାଇ ୨୦ର ଜେନ୍-ଜିଙ୍କ 'ଚଲୋ ସଂସଦ' ବିକ୍ଷୋଭ ପୂର୍ବ ସହ ତୁଳନା କଲେ ମୋଦୀଙ୍କ ହାରାହାରି ପୋଷ୍ଟ ଏନ୍‌ଗେଜ୍‌ମେଣ୍ଟ ୨୮୯.୯% ବଢ଼ିଛି। ରାହୁଲ ଗାନ୍ଧୀଙ୍କ ଏନ୍‌ଗେଜ୍‌ମେଣ୍ଟ ମଧ୍ୟ ୧୮୦.୭% ବଢ଼ିଛି ।ବିଶ୍ଳେଷଣ ଅନୁସାରେ, ଜୁଲାଇ ୨୦ ପୂର୍ବରୁ ମୋଦୀଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟ ପିଛା ହାରାହାରି ଏନଗେଜ୍‌ମେଣ୍ଟ ପ୍ରାୟ ୧୧.୯ ଲକ୍ଷ ଥିଲା। ବିକ୍ଷୋଭ ପରେ ଏହା ବଢ଼ି ୪୬.୩ ଲକ୍ଷରେ ପହଞ୍ଚିଛି। ଅର୍ଥାତ୍ ପ୍ରତି ପୋଷ୍ଟରେ ଲାଇକ୍, କମେଣ୍ଟ୍ ଓ ଅନ୍ୟାନ୍ୟ ପ୍ରତିକ୍ରିୟାର ହାର ପ୍ରାୟ ୩.୯ ଗୁଣ ବଢ଼ିଛି। ମୋଦୀ ଯୁବବର୍ଗଙ୍କ ସହ ସିଧାସଳଖ ଯୋଗାଯୋଗ ପାଇଁ ରିଲ୍‌ସ, ସେଲ୍‌ଫି ଭିଡିଓ ଓ ଅନ୍ୟାନ୍ୟ ଅନୌପଚାରିକ ଭିଡିଓ ପୋଷ୍ଟ କରୁଥିବା ଦେଖାଯାଇଛି। ସେହିପରି ରାହୁଲ ଗାନ୍ଧୀଙ୍କ ହାରାହାରି ଏନ୍‌ଗେଜ୍‌ଷ୍ଟ ଜୁଲାଇ ୨୦ ପୂର୍ବରୁ ପୋଷ୍ଟ ପିଛା ପ୍ରାୟ ୧.୫୨ ଲକ୍ଷ ଥିବା ବେଳେ ପରେ ଏହା ୪.୨୬ ଲକ୍ଷକୁ ବଢ଼ିଛି। ଏହା ୧୮୦.୭% ବୃଦ୍ଧି। ରାହୁଲ ମଧ୍ୟ ଯୁବବର୍ଗଙ୍କ ସହ ସିଧାସଳଖ ଆଲୋଚନା ପାଇଁ ରିଲ୍‌ସ ଓ 'ଆସ୍କ ମି ଏନିଥିଂ' ଭଳି କାର୍ଯ୍ୟକ୍ରମ କରୁଛନ୍ତି। ତେବେ କେବଳ ନେତାଙ୍କ ବ୍ୟକ୍ତିଗତ ଆକାଉଣ୍ଟ ନୁହେଁ, ବିଜେପି ଓ କଂଗ୍ରେସର ଆଧିକାରିକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟର ଏନ୍‌ଗେଜ୍‌ମେଣ୍ଟ ମଧ୍ୟ ବଢ଼ିଛି। ବିଜେପିର ହାରାହାରି ଏନ୍‌ଗେଜ୍‌ମେଣ୍ଟ ୨୫ ହଜାରରୁ ୩୪ ହଜାରକୁ ଏବଂ କଂଗ୍ରେସର ୫୦ ହଜାରରୁ ୭୨ ହଜାରକୁ ବଢ଼ିଛି। କିନ୍ତୁ ଦଳୀୟ ଆକାଉଣ୍ଟ ତୁଳନାରେ ଦୁଇ ନେତାଙ୍କ ବ୍ୟକ୍ତିଗତ ଆକାଉଣ୍ଟରେ ବୃଦ୍ଧି ଅଧିକ ରହିଛି। ବିଶ୍ଳେଷଣରେ କୁହାଯାଇଛି, ଇନ୍‌ଷ୍ଟାଗ୍ରାମ୍‌ରେ ରାଜନୈତିକ ଆଲୋଚନା ଏବେ ଅଧିକ ନେତାକୈନ୍ଦ୍ରିକ ହେଉଛି। ତେବେ ଏନ୍‌ଗେଜ୍‌ମେଣ୍ଟ ବଢ଼ିବାକୁ ନିର୍ବାଚନୀ ସମର୍ଥନ ବା ଭୋଟର ସୂଚକ ବୋଲି ଧରାଯାଇପାରିବ ନାହିଁ।

# ଖଣିଜ ଚୋରି ଅଭିଯୋଗରେ ୩ ଗିରଫ

- ଜବତ ହେଲା ଜେସିବି ମେସିନ, ଟ୍ରକ୍, ସ୍କର୍ପିଓ, ମୋବାଇଲ ଓ ନଗଦ ୩ ଲକ୍ଷ ଟଙ୍କା
- ପ୍ରଥମ ଥର ଜବତ ହେଲା ୱାୟାରଲେସ ଫୋନ, ପୋଲିସ ଚକିତ





ଯୋଡା(ନିପ୍ର): ପୋଲିସ ଯେତେ ଜଗୁଛି, ଚୋର ସେତେ ହାଇଟେକ୍ ହେଉଛନ୍ତି। ମୋବାଇଲରୁ ଲୋକେସନ ଏବଂ ଅନ୍ୟାନ୍ୟ ପରିଚୟ ମିଳିବାର ଆଶଙ୍କା କରି ଏଣିକି ବ୍ୟବହାର କଲେଣି ହାଇଟେକ୍ ୱାୟାରଲେସ ଫୋନ । ଲୁହାପଥରର ବଜାର ମୂଲ୍ୟ ୬ ହଜାର ଟଙ୍କାରୁ ଟନ୍ ପିଛା ଅଧିକ ହେବା ପରେ ଚୋରଙ୍କର ଖଣିଜ ଉପରେ ପଡ଼ିଛି ଲୋଲୁପ ଦୃଷ୍ଟି। ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ନୟାଗଡ଼ ଅଞ୍ଚଳରୁ ବାମେବାରୀ ପୋଲିସ ଏକ ବଡ ଧରଣର ଖଣିଜ ଚୋର ଗ୍ୟାଙ୍ଗକୁ ଧରିଛି । ବାମେବାରୀ ଥାନା ଅଧିକାରୀ ପ୍ରଭାତ ସାହୁଙ୍କ ସୂଚନା ଅନୁଯାୟୀ ନୟାଗଡ଼ ରେଳ ସାଇଡିଂ ନିକଟରେ ପଡ଼ି ରହିଥିବା ଏକ ଖଣିଜ ଗଦାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଜେସିବି ମେସିନ ଲଗାଇ ଟ୍ରକ୍ ଯୋଗେ ଖଣିଜ ବୋଝେଇ କରୁଥିବା ବେଳେ ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ଏହି ଚଢାଉରେ ତିନି ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ଆନ୍ଧ୍ରପ୍ରଦେଶ ପୂର୍ବ ଗୋଦାବରୀ ଜିଲ୍ଲା ଅନ୍ତର୍ଗତ ରମାଲୟମ ଷ୍ଟ୍ରିଟ ତାଲା ପୁଡ଼ି ଅଞ୍ଚଳର ସି ସୁରେଶ, ରାଉରକେଲା ଛେଣ୍ଡ ଅଞ୍ଚଳର ବିଭୁଦେନ୍ଦ୍ର ମହାପାତ୍ର ଏବଂ କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ ଭୂଇଁପୁର ଗ୍ରାମର ରାହୁଲ କୁମାର ସେଠୀ । ସେମାନଙ୍କଠାରୁ ନଗଦ ତିନି ଲକ୍ଷ ଟଙ୍କା, ବ୍ୟବହାର କରୁଥିବା ସ୍କର୍ପିଓ ଏନ୍ ଗାଡ଼ି ନଂ ଓଡି-୧୪ଏଜେ-୨୨୭୫କୁ ଜବତ କରିଛି । ଘଟଣାସ୍ଥଳରୁ ପୋଲିସ ଚୋରାରେ ୪୨ ମେଟ୍ରିକ୍ ଟନ୍ ଜବତ ହୋଇଥିବା ଟ୍ରକ୍ ନଂ ଏପି - ୩୯ଡବ୍ଲୁଆର-୩୧୨୮ ସହିତ ଏକ ନମ୍ବର ବିହୀନ ଏକ ଜେସିବି ମେସିନ ଜବତ କରିଥିଲା । ଏତଦବ୍ୟତୀତ ଅଭିଯୁକ୍ତଙ୍କ ଠାରୁ ତିନୋଟି ମୋବାଇଲ ଫୋନ୍ ସମେତ ଖଣିଜ ଚୋରିରେ ପ୍ରଥମଥର ଭାବେ ବ୍ୟବହୃତ ହୋଇଥିବା ହାଇଟେକ ବାଓ ଫେଙ୍ଗୟୁ ଏଚଏଫ ଟ୍ରାନଶିଭର୍ ୱାୟାରଲେସ ଫୋନ ପୋଲିସ ଜବତ କରିଛି । ଏହି ଖଣିଜ ଚୋରିର ହାଇଟେକ ପ୍ଲାନ୍ କେନ୍ଦୁଝର ଜିଲ୍ଲାରୁ ଆନ୍ଧ୍ର ପ୍ରଦେଶ ପର୍ଯ୍ୟନ୍ତ ଚେର ଲମ୍ବିଛି । ବାମେବାରୀ ପୋଲିସ ଏ ନେଇ କେସ ନଂ ୨୦୦/୨୬ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯୋଗ୍ୟ ଯେ,କିଛି ମାସ ପୂର୍ବରୁ ଯୋଡା ଖଣି ବିଭାଗ ଏହି ନୟାଗଡ଼ ଅଞ୍ଚଳରେ ଥିବା ଏକ ଲୁହାପଥର ଗଦାକୁ ସୁରକ୍ଷିତ ରଖିବା ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ । ବଳକା ପଡ଼ି ରହିଥିବା ଲୁହାପଥର ଉପରେ ଆନ୍ତଃରାଜ୍ୟ ଚୋରଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି । ସୁରକ୍ଷିତ ଭାବେ ସମ୍ପୂର୍ଣ୍ଣ ଗଦାକୁ କାହିଁକି ଉଠାଗଲା ନାହିଁ, ଏ ନେଇ ଖଣି ବିଭାଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ସ୍ତ୍ରୀକୁ ଭିଡିଓ କଲିଂ ପରେ ବିରୂପା ନଦୀକୁ ଡେଇଁଲା ସ୍ୱାମୀ

କଟକ(ନିପ୍ର): ପାରିବାରିକ କଳହ ପାଇଁ ଜଣେ ଯୁବକ ଆତ୍ମହତ୍ୟା କରିବା ପାଇଁ ବିରୂପା ନଦୀକୁ ଡେଇଁଛନ୍ତି । ସ୍ତ୍ରୀକୁ ଭିଡିଓ କଲିଂ କରି ନଦୀକୁ ଡେଇଁଲା ସ୍ୱାମୀ। ଏଭଳି ଘଟଣା ଘଟିଛି ଜଗତପୁର ଅଞ୍ଚଳରେ। ବିରୂପା ନଦୀକୁ ଡେଇଁଥିବା ଯୁବକ ଜଣଙ୍କ ହେଲେ କଟକ କନ୍ଦରପୁର ଓଡ଼ପଡ଼ା ଗ୍ରାମର ସମରଜିତ ବାରିକ୍(୩୨)। ବ୍ୟାରେଜ ଉପରେ ଚପଲ ଓ ମୋବାଇଲ ଫୋନ୍ ରଖି ନଦୀକୁ ଡେଇଁଥିବା ଜଣାପଡିଛି। ଘଟଣା ସ୍ଥଳରେ ଜଗତପୁର ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଖୋଜ ଯୁବକଙ୍କୁ ଖୋଜୁଛନ୍ତି। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଯୁବକଙ୍କୁ ଉଦ୍ଧାର କରାଯାଇ ପାରିନାହିଁ। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁଯାୟୀ ସେ ଜଗତପୁର ବିରୂପା ନଦୀ ବ୍ୟାରେଜ ଉପରେ ଛିଡ଼ା ହୋଇ ଭିଡିଓ କଲ୍ କରିବା ପରେ ନଦୀକୁ ଡେଇଁ ପଡ଼ିଥିଲେ । ସମରଜିତ କେବଳ ସ୍ତ୍ରୀକୁ ନୁହେଁ ବାପା ଓ ଶଳାକୁ ମଧ୍ୟ ଫୋନ୍ କରିଥିଲା। ଏପ୍ରିଲ ୭ ତାରିଖ ୨୦୨୫ ମସିହାରେ ସମରଜିତ୍ ଚୌଦ୍ୱାର ପାଇକରାପୁର ଗ୍ରାମର ସୋନାଲି ବାରିକଙ୍କୁ ବିବାହ କରିଥିଲେ। ତାଙ୍କର ଦେଢ଼ ମାସର ଗୋଟେ ପୁଅ ମଧ୍ୟ ଅଛି। ସେ ଜଗତପୁରରେ ରଙ୍ଗ କାମ କରୁଥିବା ବେଳେ ଗତ ୪ ମାସ ହେବ ଶଶୁର ଘରେ ରହୁଥିଲା। ପାରିବାରିକ କଳହକୁ ତାଙ୍କ ବାପା ଅସ୍ୱୀକାର କରିଛନ୍ତି । ତାଙ୍କ ପରିବାରରେ ସେମିତି କିଛି ସମସ୍ୟା ନଥିବା ସମରଜିତର ବାପା କହିଛନ୍ତି । ପୁଅ ବୋହୂ ଦୁହେଁ ଭଲରେ ତାଙ୍କ ସହ କଥା ହୁଅନ୍ତି । ଏପରିକି ପୁଅ ଆଜି ମଧ୍ୟ ତାଙ୍କ ସହ କଥା ହୋଇଛି । ମାତ୍ର ଏପରି କାହିଁକି କଲା ତାହା ଜଣାନାହିଁ ବୋଲି ସେ କହିଛନ୍ତି । ଅନ୍ୟପଟେ ସେ ନିଶା ଖାଇ ଆଗରୁ ଅନେକ ଥର ଏମିତି ଆତ୍ମହତ୍ୟା କରିବା ପାଇଁ ଡରାଇଥାଏ, ମାତ୍ର ଆଜି ସତରେ କରିଦେଇଛି ବୋଲି ସମରଜିତର ଶଳା କହିଛନ୍ତି ।

## ଡକାୟତି ଯୋଜନା ପଣ୍ଡ: ୪ ଗିରଫ



କଟକ(ନିପ୍ର): ଚାଉଳିଆଗଞ୍ଜ ଥାନା ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରି ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗର ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଜବତ କରିଛି । ଗିରଫ ଅଭିଯୁକ୍ତ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀର ମହମ୍ମଦ ଅରବାଜ ଓରଫ ମଙ୍ଗୁଲୁ(୨୫) ଓ ଗଣେଶ୍ୱର ଦାସ (୨୩) ଏବଂ ଜଟଣୀ ଥାନା ଅନ୍ତର୍ଗତ ଗଜପତି ନଗର ରାଜା ବଜାରର ସେକ ମନୋହର(୨୬) ଓ ସେକ ସଲମାନ (୨୮) । ପୋଲିସ ପ୍ରଦତ୍ତ ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ଚାଉଳିଆଗଞ୍ଜ ଥାନା ପୋଲିସ ଓଏମପି ଛକରେ ପାଟ୍ରୋଲିଂ କରୁଥିବା ସମୟରେ କିଛି ଦୁର୍ବୃତ୍ତ ମାରଣାସ୍ତ୍ର ସହ ଡକାୟତି ପାଇଁ ଯୋଜନା କରୁଥିବା ନେଇ ଗୁପ୍ତ ସୂଚନା ପାଇଥିଲେ । ଏହାପରେ ତତକ୍ଷଣାତ ଚାଉଳିଆଗଞ୍ଜ ଲାଇଟ ହାଉସରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ଟି କଟୁରୀ, ଗୋଟିଏ ଛୁରୀ, ଗୋଟିଏ ଶାବଳ, ଗୋଟିଏ ମାରୁତି ସୁଜୁକୀ କାର (ଓଡି ୦୨ ଏଜେ ୫୮୧୫), ୪ଟି ମୋବାଇଲ, ଲଙ୍କା ଗୁଣ୍ଡ, ନଗଦ ୨ହଜାର ୯୨୦ ଟଙ୍କା ଜବତ କରିଛି । ଘଟଣା ସ୍ଥଳରୁ ଜଣେ ଫେରାର ହୋଇଯାଇଛି । ଅଭିଯୁକ୍ତମାନେ କଟକ-ପାରାଦ୍ୱୀପ ୫୫ ନମ୍ବର ଜାତୀୟ ରାଜପଥ କଡର ଏକ ପେଟ୍ରୋଲ ପମ୍ପରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଛନ୍ତି । ସଲମାନ ବିରୋଧରେ ଜଟଣୀ ଥାନାରେ ୨ଟି ଓ ସମ୍ବଲପୁର ଟାଉନ ଥାନାରେ ୧ଟି, ଅରବାଜ ବିରୋଧରେ ଖୋର୍ଦ୍ଧା, ଜଟଣୀ, ନିରାକାରପୁର ଓ ଜଙ୍କିଆ ଥାନାରେ ମୋଟ ୭ଟି ଏବଂ ଗଣେଶ୍ୱର ବିରୋଧରେ ଜଙ୍କିଆ ଥାନାରେ ଗୋଟିଏ ମାମଲା ଥିବା ଜଣାପଡିଛି । ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ରାସ୍ତା ଅବରୋଧ କରି ଟଙ୍କା ଆଦାୟ କରି ୨ ଗିରଫ

ଭୁବନେଶ୍ୱର(ନିପ୍ର): ବେଆଇନ ଭାବେ ରାସ୍ତା ଅବରୋଧ କରିବା ସହ ଟଙ୍କା ଆଦାୟ କରିବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ରାଜେଶ ମିଶ୍ର ଓ ମହେଶ୍ୱର ଜୟସିଂହ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ (ମାଇ ନେଷ୍ଟ ଆସେଟ୍ସ ପ୍ରାଇଭେଟ୍ ଲିମିଟେଡ ର ପ୍ରୋଜେକ୍ଟ ମ୍ୟାନେଜର) ଙ୍କ ଲିଖିତ ଏତଲା ଆଧାରରେ ଇନଫୋସିଟି ଥାନାରେ ରାସ୍ତା ଅବରୋଧ କରିବା, ଜୋରଜବରଦସ୍ତ ଟଙ୍କା ଆଦାୟ କରିବା ଏବଂ ଟେକା ପଥର ମାଡ଼ କରି ହତ୍ୟା ଧମକ ଦେବା ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୧.୦୮.୨୦୨୬ ତାରିଖ ଠାରୁ ଅଭିଯୁକ୍ତ ରାଜେଶ ମିଶ୍ର ଏବଂ ତା'ର ସହଯୋଗୀମାନେ ଦେଉଳିଆପାଟଣା ଠାରେ ଥିବା 'ମାଇ ହିଲ୍ ନେଷ୍ଟ'ପ୍ରୋଜେକ୍ଟ ସାଇଟକୁ ଯିବା ରାସ୍ତାରେ ବେଆଇନ ଭାବେ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରୁଥିଲେ। ସେହି ରାସ୍ତା ଦେଇ ଯାଉଥିବା ପ୍ରତ୍ୟେକ ଗାଡ଼ି ଯେପରିକି ନିର୍ମାଣ ସାମଗ୍ରୀ ବୋଝେଇ ଗାଡ଼ି, କର୍ମଚାରୀଙ୍କ ଗାଡ଼ିକୁ ଅଟକାଇ ଦୁର୍ବୃତ୍ତମାନେ ଜୋରଜବରଦସ୍ତ ୪୦୦ ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିଲେ। ଅଭିଯୋଗକାରୀ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କ ଠାରୁ ୧,୦୦,୦୦୦/- ଟଙ୍କା ଦାଦାବଟି ମାଗିଥିଲେ। ଗତ ୨୫.୦୮.୨୦୨୬ ତାରିଖ ଦିନ ପ୍ରାୟ ୧୧.୦୦ ଟାରେ ଅଭିଯୋଗକାରୀ ନିଜ ବାଇକରେ ସାଇଟକୁ ଯାଉଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ରାସ୍ତାରେ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଟଙ୍କା ନଦେଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇ ସେମାନେ ଅଭିଯୋଗକାରୀଙ୍କ ଉପରକୁ ଟେକା ପଥର ମାଡ଼ କରିଥିଲେ। ଅଭିଯୋଗକାରୀ ପ୍ରାଣ ବିକଳରେ ସେଠାରୁ ଖସିଯାଇ ୧୧୨କୁ ଫୋନ୍ କରିଥିଲେ। ପିସିଆର ପୋଲିସ ଆସିବା ପରେ ମଧ୍ୟ ଅଭିଯୁକ୍ତମାନେ ତାଙ୍କୁ ଧମକଚମକ ଦେଇଥିଲେ। ଇନଫୋସିଟି ପୋଲିସ ତୁରନ୍ତ ଏହି ଘଟଣାର ତଦନ୍ତ କରି ରାସ୍ତା ଅବରୋଧ ପାଇଁ ବ୍ୟବହୃତ ବାଉଁଶ ଏବଂ ଫଟୋଭିଡିଓ ପ୍ରମାଣ ଜବତ କରିଛି। ବିଶ୍ୱସ୍ତ ସୂଚନା ଆଧାରରେ ପୋଲିସ ଗତ ରାତିରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ରାଜେଶ ମିଶ୍ର ସମେତ ୨ ଜଣଙ୍କୁ କାବୁ କରିଛି। ସଂଗୃହୀତ ପ୍ରମାଣ ଆଧାରରେ ଉଭୟ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଉବେର ବାଇକ ଚାଳକଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଯାତ୍ରୀ ସାଜି ଆସି ଉବେର ବାଇକ ଚାଳକଙ୍କୁ ଛୁରୀ ଦେଖାଇ ଲୁଟ କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପ୍ରକାଶ ଦାସ ଓ ମିହିର ଦେଉରି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ରିତିଶ କୁମାର ମହାନ୍ତି (ଜଣେ ଉବେର ବାଇକ୍ ଚାଳକ) ଙ୍କ ଲିଖିତ ଏତଲା ଆଧାରରେ ଭରତପୁର ଥାନାରେ ଯାତ୍ରୀ ବେଶରେ ଆସି ବେକରେ ଛୁରୀ ଲଗାଇ ଲୁଟ୍ କରିବା ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୨.୦୬.୨୦୨୬ ତାରିଖ ରାତି ପ୍ରାୟ ୯.୨୦ ମିନିଟରେ ଅଭିଯୋଗକାରୀ ରିତିଶ କୁମାର ମହାନ୍ତି ଅଭିଯୁକ୍ତ ପ୍ରକାଶ ଦାସକୁ ଗ୍ରାହକ ଭାବେ ଖଣ୍ଡଗିରି ବାରିରୁ ନେଇ ଶାମ୍ପୁର ଠାରେ ଛାଡ଼ିଥିଲେ। ଭଡ଼ା ବାବଦକୁ ଆସିଥିବା ୫୦ ଟଙ୍କା ଅନଲାଇନ୍ ମାଧ୍ୟମରେ ଦେବାକୁ କହିବାରୁ ଅଭିଯୁକ୍ତ ପ୍ରକାଶ ଦାସ ହଠାତ୍ ରାଗିଯାଇ ତା' ପକେଟରୁ ଏକ ଛୁରୀ ବାହାର କରି ଡ୍ରାଇଭରଙ୍କ ବେକରେ ଲଗାଇଥିଲା। ସେତିକିବେଳେ ତା'ର ସହଯୋଗୀ ମିହିର ଦେହୁରୀ ସେଠାରେ ପହଞ୍ଚି ବାଇକ୍ ଚାବି ଏବଂ ତାଙ୍କ ମୋବାଇଲ୍ ଛଡ଼ାଇ ନେଇଥିଲେ। ଜୀବନରୁ ମାରିଦେବାର ଭୟ ଦେଖାଇ ଦୁର୍ବୃତ୍ତମାନେ ତାଙ୍କ ଠାରୁ ୟୁପିଆଇ ପାସୱାର୍ଡ ମାଗିଥିଲେ ଏବଂ ଅଭିଯୁକ୍ତ ପ୍ରକାଶ ତୁରନ୍ତ ତା'ର ଅନଲାଇନ୍ ଗେମ୍ଆକାଉଣ୍ଟକୁ ୨୦୦୦/- ଟଙ୍କା ଟ୍ରାନ୍ସଫର କରି ଉଭୟେ ସେଠାରୁ ଫେରାର ହୋଇଯାଇଥିଲେ। ବିଶ୍ୱସ୍ତ ସୂଚନା ଆଧାରରେ ଭରତପୁର ପୋଲିସ ଗତକାଲି ରାତି ପ୍ରାୟ ୮.୩୦ ମିନିଟରେ ଶାମ୍ପୁର ମୀନାବଜାର ନିକଟରୁ ମୁଖ୍ୟ ଅଭିଯୁକ୍ତ ପ୍ରକାଶ ଦାସକୁ ଗିରଫ କରିଥିଲା। ତା'ର ବୟାନକୁ ଭିତ୍ତି କରି ପୋଲିସ ଏକ ସ୍ୱତନ୍ତ୍ରଟିମ୍ ଗଠନ କରି କେନ୍ଦ୍ରାପଡ଼ା ଜିଲ୍ଲାର ଜମ୍ବୁ ମେରାଇନ୍ ପୋଲିସ ସହାୟତାରେ ଅନ୍ୟ ଫେରାର ଅଭିଯୁକ୍ତ ମିହିର ଦେହୁରୀକୁ ଦାସପଡ଼ାରୁ ଗିରଫ କରାଯାଇଛି । ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ସେମାନଙ୍କର ଦୋଷ ସ୍ୱୀକାର କରିଛନ୍ତି। ଅଭିଯୁକ୍ତ ପ୍ରକାଶ ନିକଟରୁ ଲୁଟ୍ ହୋଇଥିବା ମୋବାଇଲ୍ ଉଦ୍ଧାର କରାଯାଇଛି। ସଂଗୃହୀତ ପ୍ରମାଣ ଆଧାରରେ ଉଭୟଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ନିଶା କାରବାର: ଭୁବନେଶ୍ୱରରେ ଉତ୍ତର ପ୍ରଦେଶ ପୋଲିସ

ଭୁବନେଶ୍ୱର(ନିପ୍ର): ନିଶା କାରବାର ମାମଲାର ଖୋଳତାଡ କରିବାକୁ ଉତ୍ତର ପ୍ରଦେଶ ପୋଲିସ ଭୁବନେଶ୍ୱରରେ ପହଁଞ୍ଚିଛି। ଧଉଳି ଥାନା ଅଧୀନସ୍ଥ ଉତ୍ତରା ଛକ ଅଞ୍ଚଳରେ ବୁଧବାର ସକାଳେ କମିଶନରେଟ ପୋଲିସ ମହାସୟତାରେ ଉତ୍ତର ପ୍ରଦେଶ ପୋଲିସର ଚଢ଼ାଉ କରିଛି। ନିଶା କାରବାର ଲିଙ୍କରେ ଗାଡ଼ି ମାଲିକଙ୍କୁ ଖୋଜିବା ପାଇଁ ୟୁପି ପୋଲିସ ଏଠାକୁ ଆସିଛି। ଗାଡ଼ିରେ ନିଶା କାରବାର ଧରାହେବା ଓ ଡ୍ରାଇଭର ଗିରଫ ହେବା ପରେ ମାଲିକଙ୍କୁ ଖୋଜିବା ପାଇଁ ଏହି ଅଭିଯାନ ଚାଲିଛି। ପ୍ରାଥମିକ ସୂଚନା ଅନୁସାରେ, କିଛି ମାସ ତଳେ ଉତ୍ତର ପ୍ରଦେଶରେ ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହି ଗାଡ଼ିଟି ନିଶା କାରବାରରେ ଲିପ୍ତ ଥିବା ଜଣାପଡ଼ିଥିଲା। ପୋଲିସ ଗାଡ଼ିଟିକୁ ଜବତ କରି ଡ୍ରାଇଭରଙ୍କୁ ଗିରଫ କରିଥିଲା। ଡ୍ରାଇଭରଙ୍କ ବିବୃତି ଅନୁସାରେ ଗାଡ଼ିର ମାଲିକ ଓଡ଼ିଶାରେ, ବିଶେଷକରି ଭୁବନେଶ୍ୱରର ଧଉଳି ଅଞ୍ଚଳରେ ରହୁଥିବା ସୂଚନା ମିଳିଥିଲା। ଏହାପରେ ୟୁପି ପୋଲିସ ଦଳ ମାଲିକଙ୍କୁ ଖୋଜିବା ପାଇଁ ଭୁବନେଶ୍ୱର ଆସିଛି। ଧଉଳି ଥାନା ଉତ୍ତରା ଛକ ନିକଟରେ ବନ୍ଦ ଗୋଦାମ ଓ ସେହି ଅଞ୍ଚଳରେ ଥିବା ଗାଡ଼ି ମାଲିକଙ୍କ ଘରେ ୟୁପି ପୋଲିସ ଏବଂ ସ୍ଥାନୀୟ ପୋଲିସ ମିଳିତ ଭାବେ ଚଢ଼ାଉ କରି ଗାଡ଼ି ମାଲିକଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିଛି। ଗାଡ଼ିଟି ଦୋନମ୍ବରୀ ବା ଅବୈଧ କାରବାରରେ ବ୍ୟବହୃତ ହୋଇଥିବା ମଧ୍ୟ କୁହାଯାଉଛି। ତେବେ ମୁଖ୍ୟ ସୂତ୍ର ଅନୁସାରେ ଏହା ନିଶା କାରବାର ସହ ଜଡ଼ିତ। କମିଶନରେଟ ପୋଲିସ ଓ ୟୁପି ପୋଲିସ ମିଳିତ ଭାବେ ଚଢାଉରେ ସାମିଲ ଅଛନ୍ତି। ତେବେ ମାଲିକଙ୍କ ଠିକଣା ଓ ସମ୍ପୃକ୍ତି ବିଷୟରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ। ତଦନ୍ତ ଚାଲିଛି ଏବଂ ମାଲିକଙ୍କୁ ଚିହ୍ନଟ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂତ୍ର କହିଛି। ଏହି ଘଟଣା ଆନ୍ତରାଜ୍ୟ ନିଶା କାରବାର ନେଟୱାର୍କକୁ ନେଇ ଚର୍ଚ୍ଚା ଜୋର କରିଛି।

## ଆମ ବସରୁ ସୁନା ଚେନ୍ ଲୁଟ୍, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଆମ ବସରୁ ସୁନା ଚେନ ଲୁଟ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଶିବରାମ ବେହେରା। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରିଣୀ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟରେ ଆସିଷ୍ଟାଣ୍ଟ ଫ୍ରୁଟ୍ ୟୁଟିଲାଇଜେସନ୍ ଅଫିସର ଭାବେ କାର୍ଯ୍ୟରତ। ୨୫ ତାରିଖ ସନ୍ଧ୍ୟାରେ ସେ ନିଜ ଅଫିସ୍ ସାରି ଘରକୁ ଫେରିବା ପାଇଁ ରାଜମହଲ ଛକରେ 'ଆମ ବସ୍' ରୁଟ୍ ନମ୍ବର ୯ରେ ଚଢୁଥିଲେ। ଯାତ୍ରୀଙ୍କ ଗହଳିର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କ ବେକରୁ ପ୍ରାୟ ୧୭ ଗ୍ରାମ ଓଜନର ଏକ ସୁନା ଚେନ୍ ଝାମ୍ପି ନେଇ ଖସି ପଳାଇବାକୁ ଉଦ୍ୟମ କରିଥିଲା। ଅଭିଯୋଗକାରିଣୀ ପାଟି କରିବାରୁ ସେଠାରେ ଉପସ୍ଥିତ ସାଧାରଣ ଲୋକେ ଏବଂ ଅନ୍ୟ ଯାତ୍ରୀ ଲୁଟେରାକୁ କାବୁ କରିନେଇଥିଲେ। ଖବରପାଇ ପିସିଆର ଘଟଣାସ୍ଥଳରେ ପହଞ୍ଚି ଲୁଟେରାକୁ ଥାନାକୁ ଆଣିଥିଲା। ପୋଲିସ ଅଭିଯୁକ୍ତକୁ ତଲାସୀ କରିବା ବେଳେ ତା' ପକେଟରୁ ଲୁଟ୍ ହୋଇଥିବା ୧୭ ଗ୍ରାମର ସୁନା ଚେନ ଉଦ୍ଧାର ହୋଇଥିଲା। ଆଇନଗତ ପ୍ରକ୍ରିୟା ପରେ ତାହା ଅଭିଯୋଗକାରିଣୀଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ଜଣକ ପୂର୍ବରୁ ମଧ୍ୟ ଚୋରି ଓ ବେଆଇନ ମଦ ବେପାରରେ ଜଡ଼ିତ ଥିବା ଜଣାପଡ଼ିଛି। ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଚୋରି ମାମଲାରେ ଅଭିଯୁକ୍ତକୁ ଏକବର୍ଷ ଜେଲ

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱରସ୍ଥିତ ମାନ୍ୟବର ଜେଏମଏଫସି-୪ ଅଦାଲତ ଏକ ଚୋରି ମାମଲାର ତ୍ୱରିତ ବିଚାର କରି ଏଫଆଇଆର ରୁଜୁ ହେବାର ମାତ୍ର୧୮ ଦିନମଧ୍ୟରେ ଅଭିଯୁକ୍ତ କର୍ମଚାରୀ ସୁନୀଲ ସେଠୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧ ବର୍ଷର କାରାଦଣ୍ଡ ସଜା ଶୁଣାଇଛନ୍ତି। ଘଟଣାର ଅନ୍ତରାଳେ: ଅଭିଯୋଗକାରୀ ଅବିନାଶ ପ୍ରୀତମ ନାୟକ ଭୁବନେଶ୍ୱର ଟଙ୍କାପାଣି ରୋଡ୍ସ୍ଥିତ ପୁରୀ ବାଇପାସ୍ ରାସ୍ତା ସନ୍ନିକଟ ପ୍ଲଟ୍ ନଂ-୨୭୭୧ରେ 'ଏଲକ୍ସ କାର୍ କେୟାର୍'ନାମକ ଏକ ପ୍ରତିଷ୍ଠାନ ଚଳାଉଛନ୍ତି। ସେଠାରେ ପ୍ରାୟ ୭ ରୁ ୮ ଜଣ କର୍ମଚାରୀ କାମ କରୁଥିଲେ। ଗତ୦୮.୦୮.୨୦୨୬ତାରିଖ ଭୋର ପ୍ରାୟ ୨.୩୦ ସମୟରେ ଅନ୍ୟ ସମସ୍ତ କର୍ମଚାରୀ ଶୋଇଥିବା ବେଳେ, ଅଭିଯୁକ୍ତ କର୍ମଚାରୀ ସୁନୀଲ ସେଠୀ ସେଠାରୁ ୫ଟି ମୋବାଇଲ୍ ଫୋନ୍ ଏବଂ ଗୋଟିଏ ବଜାଜ୍ ପଲସର୍ ଏନଏସ ମୋଟର ସାଇକେଲ୍ ଚୋରି କରି ଫେରାର ହୋଇଯାଇଥିଲେ। ପ୍ରତିଷ୍ଠାନର ସିସିଟିଭି ଫୁଟେଜ୍ ଯାଞ୍ଚ କରିବାରୁ ସୁନୀଲ ସେଠୀ ଉକ୍ତ ସାମଗ୍ରୀ ନେଇ ଯାଉଥିବା ସ୍ପଷ୍ଟ ଦେଖାଯାଇଥିଲା। ଏନେଇ ଅଭିଯୋଗକାରୀ ବଡଗଡ ଥାନାରେ ଏତଲା ଦେଇଥିଲେ। ମାମଲା ରୁଜୁ ହେବା ପରେ ଏସଆଇ ରାଜେଶ କୁମାର ଗୌଡ ଏହାର ତଦନ୍ତ ଆରମ୍ଭ କରିଥିଲେ। ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୁଲିସ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ମୁହଁଚୁଆଁ ଗ୍ରାମରେ ଚଢଉ କରି ଅଭିଯୁକ୍ତକୁ ଗିରଫ କରିବା ସହ ତା' ହେପାଜତରୁସମସ୍ତ ୫ଗୋଟି ମୋବାଇଲ ଫୋନ ଏବଂ ମୋଟରସାଇକେଲଟିକୁ ଉଦ୍ଧାର କରି ଜବତ କରିଥିଲା। ଗତ ୦୯.୦୮.୨୦୨୬ ରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା। ପୁଲିସ ଅତ୍ୟନ୍ତ ତତ୍ପରତାର ସହ କାର୍ଯ୍ୟ କରି ମାତ୍ର୫ ଦିନ ମଧ୍ୟରେ (୧୪.୦୮.୨୦୨୬ ରେ) ଚାର୍ଜସିଟ୍ ଦାଖଲକରିଥିଲେ। ୧୭.୦୮.୨୦୨୬ ରୁ ପ୍ରୋସିକ୍ୟୁସନ୍ ପକ୍ଷରୁ ସାକ୍ଷ୍ୟଗ୍ରହଣ ଆରମ୍ଭ ହୋଇଥିଲା। ଏହି ମାମଲାରେ ମୋଟ୯ ଜଣ ସାକ୍ଷୀଙ୍କ ଜବାନବନ୍ଦି ଏବଂ ୧୫ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ (ସିସିଟିଭି ଫୁଟେଜ୍ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମର ଧାରା ୬୩(୪) ସାର୍ଟିଫିକେଟ୍ ସମେତ) ଅଦାଲତରେ ଉପସ୍ଥାପନ କରାଯାଇଥିଲା। ସମସ୍ତ ବଳିଷ୍ଠ ପ୍ରମାଣ ଏବଂ ତ୍ୱରିତ ବିଚାର ପ୍ରକ୍ରିୟା ପରେ ଆଜି ମାନ୍ୟବର ଅଦାଲତ ଆସାମୀ ସୁନୀଲ ସେଠୀକୁ ବିଏନଏସର ଧାରା ୩୦୬ ଆଧାରରେ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ତାଙ୍କୁ୧ ବର୍ଷର କାରାଦଣ୍ଡ ସହିତ ୫,୦୦୦/- ଟଙ୍କା ଜୋରିମନାଆଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ଏହି ମାମଲାକୁ ଅତ୍ୟନ୍ତ ସଫଳତାର ସହ ପରିଚାଳନା କରି ୧୮ ଦିନ ଭିତରେ ନ୍ୟାୟ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ସ୍ୱାମୀ-ସ୍ତ୍ରୀଙ୍କ କଳିରେ ବଳି ପଡିଲେ ଶ୍ୱଶୁର

## ଶଶୁରଙ୍କୁ କଟୁରିରେ ହାଣି ହତ୍ୟା: ଜ୍ୱାଇଁ ଗିରଫ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅନ୍ତର୍ଗତ ମହୁଲଛାପଲ ଗ୍ରାମରେ ଜ୍ୱାଇଁଙ୍କ କଟୁରୀ ଚୋଟରେ ଶ୍ୱଶୁରଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ୱଶୁର ହେଲେ ଗୋବିନ୍ଦପୁର ଥାନା ପିଣ୍ଡାପଥର ଗ୍ରାମର କାଲୋ କଚ୍ଛପ (୫୮) ଓ ଅଭିଯୁକ୍ତ ଜ୍ୱାଇଁ ହେଲେ ଉକ୍ତ ଥାନା ମହୁଲଛାପଲ (ଲାଲପଡା) ଗ୍ରାମର ଏନ୍ଥୋନୀ କିସାନ(୩୫)। ଏନେଇ ପୋଲିସ ଗୋବିନ୍ଦପୁର ଥାନାରେ ଦଫା ୧୦୩(୧) ବିଏନଏସ(ନଂ.୧୨୮/୨୬)ରେ ମାମଲା ରୁଜୁ କରି ଅଭିଯୁକ୍ତ ଏନ୍ଥୋନୀଙ୍କୁ ଗିରଫ କରି କୁଚିଣ୍ଡା ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାମରା ମେଡ଼ିକାଲକୁ ପଠାଇଛି। ଏଭଳି ଝିଅ-ଜ୍ୱାଇଁଙ୍କ କଳି ସମାଧାନ ପାଇଁ ଆସିଥିବା ଶ୍ୱଶୁର ଜ୍ୱାଇଁଙ୍କ ହତ୍ୟାର ଶିକାର ହୋଇଥିବା ଏବଂ ଅଧିକ ତଦନ୍ତ ଜାରି ରହିଥିବା ଗୋବିନ୍ଦପୁର ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଏନ୍ଥୋନୀ କିଷାନ ମହୁଲଛାପଲ ଗ୍ରାମରୁ ପ୍ରାୟ ଦୁଇ କିଲୋମିଟର ଦୂର ପିଣ୍ଡାପଥର ଗ୍ରାମର କାଲୋ କଚ୍ଛପଙ୍କ ଝିଅ ଅମିତାଙ୍କୁ ବିବାହ କରିଥିଲେ। ହେଲେ ମଙ୍ଗଳବାର ସନ୍ଧ୍ୟାରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳହ ହେବାରୁ ଅମିତା ଅନତି ଦୂରରେ ଥିବା ନିଜ ବାପ ଘରକୁ ଚାଲି ଯାଇଥିଲେ। ପୂର୍ବରୁ ମଧ୍ୟ ଅନେକ ଥର ଏନ୍ଥୋନି ଓ ଅମିତାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶ୍ୱଶୁର କୋଲୋ ଯାଇ ସମାଧାନ କରିଥିଲେ। ଏଣୁ ଗଣ୍ଡଗୋଳ ଖବରପାଇ ଶ୍ୱଶୁର କାଲୋ ମହୁଲଛାପଲକୁ ଯାଇ ସମାଧାନ ପାଇଁ ଚେଷ୍ଟା କରିଥିଲେ। ଶ୍ୱଶୁର-ଜ୍ୱାଇଁ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଏକ ଧାରୁଆ କଟୁରୀରେ ଶ୍ୱଶୁରଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଶ୍ୱଶୁର କାଲୋଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ସକାଳୁ ଝିଅ ଅମିତା ସ୍ୱାମୀ ଘର ମହୁଲଛାପଲକୁ ଫେରି ଦେଖିଲା ବେଳକୁ ଘର ବାରଣ୍ଡାରେ ତାଙ୍କ ବାପାଙ୍କ ମୃତଦେହ ପଡ଼ିଥିଲା। ଅଭିଯୁକ୍ତ ଗୋବିନ୍ଦପୁର ଥାନାରେ ଆତ୍ମସମର୍ପଣ କରିଛି। ଗୋବିନ୍ଦପୁର ଆଇଆଇସିଙ୍କ ସହ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛି।

## ଠକେଇ ମାମଲା: ବିଲଡର ସଂସ୍ଥା ମାଲିକଙ୍କୁ ୩ ବର୍ଷ କାରାଦଣ୍ଡ

ଭୁବନେଶ୍ୱର(ନିପ୍ର): ଆଜି ମାନ୍ୟବର ଜେଏମଏଫସି ଭୁବନେଶ୍ୱରଙ୍କ ଅଦାଲତ ଏକ ଠକେଇ ମାମଲାର ଚୂଡ଼ାନ୍ତ ବିଚାର କରି ପ୍ରଭାକର କନଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ମହାରଣାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷର ସଶ୍ରମ କାରାଦଣ୍ଡ ସଜା ଶୁଣାଇଛନ୍ତି। ଘଟଣାର ଅନ୍ତରାଳେ: ଭୁବନେଶ୍ୱର ପାତ୍ରପଡ଼ା ଅଞ୍ଚଳର ଜଣେ ବିଧବା ମହିଳା ସ୍ନେହଲତା ସାହୁ ନିଜ ଘର ନିର୍ମାଣ ପାଇଁ ଗତ ୦୫.୦୩.୨୦୧୯ ତାରିଖରେ ଅଭିଯୁକ୍ତଙ୍କ ସଂସ୍ଥା ସହ ମୋଟ ୨୭,୬୪,୫୦୦ ଟଙ୍କାର ଏକ ଚୁକ୍ତି କରିଥିଲେ। ଚୁକ୍ତି ମୁତାବକ ସେ ଫାଉଣ୍ଡେସନ୍ ଏବଂ ପ୍ଲିନ୍ଥ ନିର୍ମାଣ ପାଇଁ ୨୦ ପ୍ରତିଶତ ଲେଖାଏଁ ଅର୍ଥ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କ ଦାବି ମୁତାବକ ସେ ଆହୁରି ୧,୨୬,୦୦୦ ଟଙ୍କା ଏବଂ ୧,୧୦,୦୦୦ ଟଙ୍କା ଦେଇଥିଲେ ମଧ୍ୟ ଅଭିଯୁକ୍ତ ଛାତ ପଡ଼ିବା ପୂର୍ବରୁ କାମ ଅଧାରେ ଛାଡି ଛାଡି ପଳାଇଥିଲେ। ପରେ ଖଣ୍ଡଗିରି ଥାନାରେ ପଚରାଉଚରା ବେଳେ ଗତ ୧୯.୧୧.୨୦୧୯ ତାରିଖରେ ଅଭିଯୁକ୍ତ ଟଙ୍କା ଫେରାଇବା ନେଇ ଏକ ଲିଖିତ ପ୍ରତିଶ୍ରୁତି ଦେବା ସହ ଆନ୍ଧ୍ର ବ୍ୟାଙ୍କର ୫,୪୭,୦୦୦ ଟଙ୍କାର ଏକ ଚେକ୍ ଦେଇଥିଲେ। ତେବେ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ଥିବାରୁ ଉକ୍ତ ଚେକ୍ ବାଉନ୍ସ ହୋଇଯାଇଥିଲା। ବାଧ୍ୟ ହୋଇ ଅଭିଯୋଗକାରିଣୀ ମାନ୍ୟବର ଏସଡିଜେଏମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ (ଆଇସିସି କେସ୍ ନମ୍ବର-୩୯୦୧/୨୦୨୧) ଏବଂ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡଗିରି ଥାନାରେ ସିଆରପିସିର ଧାରା ୧୫୬(୩) ଅନୁଯାୟୀ ଏକ ଠକେଇ ମାମଲା ରୁଜୁ ହୋଇଥିଲା। ଏଏସଆଇ ମକରଧ୍ୱଜ ମଢେଇ ଏହି ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ବିଚାର ସମୟରେ ଅଭିଯୁକ୍ତଙ୍କ ପକ୍ଷରୁ ଏହାକୁ କେବଳ ଏକ ସାଧାରଣ ନିର୍ମାଣ ବିଳମ୍ବ ଦର୍ଶାଇ ଖସିଯିବାକୁ ଚେଷ୍ଟା କରାଯାଇଥିଲା। ତେବେ ସରକାରୀ ଓକିଲ ଅଭିଯୁକ୍ତଙ୍କ ଏହି ଯୁକ୍ତିକୁ ଖଣ୍ଡନ କରିଥିଲେ। ୧୨ ଟି ମନି ରିସିପ୍ଟ, ଥାନାରେ ଦେଇଥିବା ଲିଖିତ ପ୍ରତିଶ୍ରୁତି, ବାଉନ୍ସ ଚେକ୍ ତଥା ମୂଳ ଚୁକ୍ତିନାମା ପରି ବଳିଷ୍ଠ ପ୍ରମାଣ ଆଧାରରେ ପ୍ରୋସିକ୍ୟୁସନ୍ ଅଭିଯୁକ୍ତର ଠକେଇ ଉଦ୍ଦେଶ୍ୟକୁ କୋର୍ଟରେ ସଫଳତାର ସହ ପ୍ରମାଣିତ କରିଥିଲେ। ଦୀର୍ଘ ସାଢେ ୪ ବର୍ଷ ଧରି ଚାଲିଥିବା ଏହି ମାମଲାର ବିଚାର କରି ମାନ୍ୟବର ଅଦାଲତ ଆଜି ଅଭିଯୁକ୍ତ ପ୍ରଦୀପ କୁମାର ମହାରଣାଙ୍କୁ ଆଇପିସି ର ଧାରା ୪୨୦ ଆଧାରରେ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ତାଙ୍କୁ ୩ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୧୦,୦୦୦ ଟଙ୍କା ଜୋରିମନା ଆଦେଶ ଶୁଣାଇଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସର ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ସୁଶାନ୍ତ କୁମାର ଦାଶ ଏହି ମାମଲାକୁ ଅତ୍ୟନ୍ତ ସଫଳତାର ସହ ପରିଚାଳନା କରି ବିଲ୍ଡରଙ୍କ ଠକେଇର ପର୍ଦ୍ଦାଫାଶ କରିବା ସହ ନ୍ୟାୟ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ୮୬ ତମ ମାମଲା।

## ରସୁଲଗଡ଼ ଛକରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଯୁବକ ଉଦ୍ଧାର

### ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି

ଭୁବନେଶ୍ୱର(ନିପ୍ର): ରସୁଲଗଡ଼ ଛକ ଟ୍ରାଫିକ ପୋଷ୍ଟ ନିକଟରେ ବୁଧବାର ସକାଳୁ ଜଣେ ଯୁବକଙ୍କୁ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାର ହୋଇଥିବା ଯୁବକଙ୍କ ନାମ ମଙ୍ଗୁ ଡାକୁଆ। ତାଙ୍କ ଘର ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଅଞ୍ଚଳରେ। ସେ ଭୁବନେଶ୍ୱରର ତାରିଣୀ ବସ୍ତି ଅଞ୍ଚଳରେ ରହୁଥିଲେ ଏବଂ ଏକ ସେଲୁନରେ କାମ କରୁଥିଲେ ବୋଲି ପୋଲିସ ପ୍ରାଥମିକ ସୂତ୍ରରୁ ସୂଚନା ଦେଇଛି। ବୁଧବାର ସକାଳେ ଏକ ଦୋକାନ ବାହାରେ ଲାଗିଥିବା ନିଆଁରୁ ହଠାତ୍ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଜଳୁଥିବା ଅବସ୍ଥାରେ ଯୁବକ ଦୌଡ଼ିବାକୁ ଲାଗିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ତୁରନ୍ତ ହସ୍ପିଟାଲ ନେଇଯାଇଥିଲେ। ତାଙ୍କ ଦେହରେ ଥିବା ସବୁ ପୋଷାକ ଜଳି ଯାଇଛି ଓ ଗତ ୩ ଦିନ ହବ ସେ ସେଲୁନକୁ ମଧ୍ୟ ଆସୁନଥିବା ହାଟ ବ୍ୟବସାୟୀ କହିଛନ୍ତି। ଯୁବକଙ୍କ ଅବସ୍ଥା ଗୁରୁତର ରହିଥିବାରୁ ତାଙ୍କୁ ଏମସରେ ଉନ୍ନତ ଚିକିତ୍ସା ପାଇଁ ପଠାଯାଇଛି। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ହାଟ ବ୍ୟବସାୟୀଙ୍କୁ ଅଧିକ ପଚରାଉଚରା ଚଳାଇଛି। ନିଆଁ କିପରି ଲାଗିଲା ଏବଂ ଏହା ପଛରେ କୌଣସି ଅନ୍ୟ କାରଣ ରହିଛି କି ନାହିଁ, ସେ ବିଷୟରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ। ତଦନ୍ତ ଚାଲିଛି।

